


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୪ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 24 JUNE 2021
Vol.No. 32 ■ No. 158 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନକଲି ଔଷଧ କାରବାରରେ ୩ ଗିରଫ

## ୬୫ ଟଙ୍କାରେ କିଣି ୧୨୯୦ରେ ବିକ୍ରି ପାଇଁ ହୋଇଥିଲା ଯୋଜନା



ଭୁବନେଶ୍ୱର,୨୩/୦୬(ନି.ପ୍ର): କଟକ ନକଲି ଔଷଧ କାରବାରର ସାଂଘାତିକ ସତ ସାମ୍ନାକୁ ଆସିଛି । ଫାବିମାକ୍ସର ନକଲି ଟାବଲେଟର ଗୋଟିଏ ଷ୍ଟ୍ରିପକୁ ୬୫ ଟଙ୍କାରେ କିଣି ୧୨ଶହ ୯୦ ଟଙ୍କାରେ ଓଡିଶାରେ ବିକ୍ରି ପାଇଁ ଯୋଜନା ହୋଇଥିଲା । ତଦନ୍ତ ବେଳେ ଏହା ଜାଣିବାକୁ ପାଇଁ କ୍ରାଇମବ୍ରାଂଚର ଏସଟିଏଫ ଟିମ୍ । ନକଲି ଔଷଧ କାରବାର ମାମଲାରେ କଟକ ମେଡିଲଏଡ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଓ ଅନ୍ୟ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଏସଟିଏଫ । କଟକ ନକଲି ଫାବିପିରାଭିର କାରବାରର ତଦନ୍ତ କରୁଥିବା କ୍ରାଇମବ୍ରାଂଚ ଏସଟିଏଫ ହାତରେ ଲାଗିଛି ଏହି ସାଂଘାତିକ ତଥ୍ୟ । ନକଲି ଫାବିମାକ୍ସ ଟାବଲେଟର ଗୋଟିଏ ଷ୍ଟ୍ରିପକୁ ୬୫ ଟଙ୍କାରେ କିଣି ୧୨୯୦ ଟଙ୍କାରେ ଓଡିଶାରେ ବିକ୍ରି କରିବାକୁ ଯୋଜନା କରିଥିଲେ ଦୁର୍ବୃତ । ଏହି ନକଲି ଔଷଧ କାରବାରର କାର୍ପଟଦାର ମେଡିଲଏଡ ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶକ ଓ ଅନ୍ୟ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ସ୍ପେଶାଲ ଟାସ୍କ ଫୋର୍ସ । ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୦ ଲକ୍ଷ ଟଙ୍କା ସିଜ୍ କରାଯାଇଛି । ନକଲି ଫାବିପିରାଭିର ଜବତ ଘଟଣାର ତଦନ୍ତ ବେଳେ ଏସଟିଏଫ ଜାଣିବାକୁ ପାଇଛି, ମାକ୍ସ ରିଲିଫ ହେଲଥ କେୟାର ନାମକ ସନ୍ଦିଗ୍ଧ ଔଷଧ ନିର୍ମାତା କଂପାନୀ ଠାରୁ କଟକକୁ ନକଲି ଔଷଧ ଆସିଥିଲା । ହିମାଚଳପ୍ରଦେଶର ସୋଲାନରେ ଔଷଧ ପ୍ରସ୍ତୁତ କରୁଥିବା କହି ନକଲି ଔଷଧ ବିକ୍ରି କରୁଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ମୁମ୍ବାଇ ପୁଲିସ । ସେମାନଙ୍କୁ ପଚରାଉଚରା କରିବା ପାଇଁ ଏସଟିଏଫର ଏକ ଟିମ୍ ମୁମ୍ବାଇ ଯାଇଥିଲା । କରୋନା ଚିକିତ୍ସାରେ ବ୍ୟବହାର ହେଉଥିବା ଫାବିମାକ୍ସର ନକଲି ଟାବଲେଟ କଟକରୁ ଜବତ ଘଟଣାର ତଦନ୍ତ କରୁଛି କ୍ରାଇମବ୍ରାଂଚ । କ୍ରାଇମବ୍ରାଞ୍ଚ ଏସଟିଏଫର ଏକାଧିକ ଟିମ୍ ଏବେ ମହାରାଷ୍ଟ୍ର-ପଶ୍ଚିମବଙ୍ଗ ଓ ଓଡିଶାରେ ତଦନ୍ତ କରୁଛନ୍ତି ।

## ନବମ, ଦଶମ ଶ୍ରେଣୀ ପିଲାଙ୍କ ପାଇଁ ସିଲାବସ୍ ଚଳିତବର୍ଷ ୩୦% କମିବ

ଭୁବନେଶ୍ୱର,୨୩/୦୬ (ନି.ପ୍ର): କରୋନା କାରଣରୁ ଗତବର୍ଷ ଭଳି ଚଳିତବର୍ଷ ମଧ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ସିଲାବସ ୩୦ ପ୍ରତିଶତ କମିବ। ଅର୍ଥାତ ୭୦ ପ୍ରତିଶତ ସିଲାବସରୁ ହିଁ ପରୀକ୍ଷା ଦେବେ ଛାତ୍ରଛାତ୍ରୀ । ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କରୋନାର ଦ୍ୱିତୀୟ ଲହରକୁ ଦେଖି ସ୍କୁଲ ଓ ଗଣଶିକ୍ଷା ବିଭାଗ ଏହି ନିଷ୍ପତି ନେଇଛି । ଉଲ୍ଲେଖନୀୟ ଯେ କରୋନା ସଂକ୍ରମଣ ଯୋଗୁ ରାଜ୍ୟରେ ଶ୍ରେଣୀଗୃହ ଶିକ୍ଷା ବାଧାପ୍ରାପ୍ତ ହୋଇଛି । ପିଲାମାନେ ଅନଲାଇନରେ ପାଠ ପଢୁଛନ୍ତି । ସେହିପରି ଅନଲାଇନ ପଠାପଢାରୁ ବଂଚିତ ପିଲାଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

- ସମ୍ଭାବ୍ୟ ବନ୍ୟା, ବାତ୍ୟା ଆଦି ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- 'ସବୁ ଜୀବନ ମୂଲ୍ୟବାନ'ଆଭିମୁଖ୍ୟରେ ବିପର୍ଯ୍ୟୟର ମୁକାବିଲା କରାଯାଉଛି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩/୦୬ (ନି.ପ୍ର): ବର୍ତ୍ତମାନ ଓଡିଶାରେ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରଭାବ ଆରମ୍ଭ ହୋଇଗଲାଣି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜୁନ୍ ରୁ ଅକ୍ଟୋବର ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟରେ ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଦେଖା ଦେଇପାରେ । ସମ୍ଭାବ୍ୟ ବିପର୍ଯ୍ୟୟକୁ ଆଖିଆଗରେ ରଖି ଯେକୌଣସି ପ୍ରକାର ପରିସ୍ଥିତିର ସାମ୍ନା କରିବାକୁ ସଂପୂର୍ଣ୍ଣ ଭାବରେ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଅଧକ୍ଷତା କରି ଏହି ନିର୍ଦ୍ଦେଶ ଦେବା ସହ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନାରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାକ୍ ସୂଚନା ବ୍ୟବସ୍ଥା, ଉଦ୍ଧାର ଓ ରିଲିଫ କାର୍ଯ୍ୟକ୍ରମ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପ୍ରାଣୀସେବା ଆଦି ସମସ୍ତ ବ୍ୟବସ୍ଥା ଠିକ୍ ଭାବେ ପ୍ରସ୍ତୁତ ରହିବା ଆବଶ୍ୟକ। ଓଡ୍ରାଫ ଓ ଅଗ୍ନିସେବା ▶▶ପୃଷ୍ଠା ୭

## ବିଜୟ ମାଲ୍ୟା, ନୀରବ ମୋଦୀ ଓ ମେହୁଲ ଚୋକ୍ସିଙ୍କ ୯,୩୭୧ କୋଟି ଟଙ୍କାର ସମ୍ପତ୍ତି ସରକାରୀ ବ୍ୟାଙ୍କକୁ ସ୍ଥାନାନ୍ତର

ନୂଆଦିଲ୍ଲୀ,୨୩/୦୬(ନି.ପ୍ର): ଦେଶର କିଛି ବ୍ୟାଙ୍କରୁ ଟଙ୍କା ଠକି ନେଇ ବିଦେଶ ପଳାଇଥିବା ପଳାତକ ନୀରବ ମୋଦି, ବିଜୟ ମାଲ୍ୟା ଓ ମେହୁଲ ଚୋକ୍ସିଙ୍କର ୯,୩୭୧ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସରକାରୀ ବ୍ୟାଙ୍କକୁ ସ୍ଥାନାନ୍ତର କରିଛି । କୁହାଯାଇଛି କି ଏହି ସଂପତ୍ତିରୁ ମିଳିବାକୁ ଥିବା ଟଙ୍କା ଠକେଇରେ ଶିକାର ହୋଇଥିବା ବ୍ୟାଙ୍କ ଓ ବ୍ୟକ୍ତି ବିଶେଷଙ୍କ କ୍ଷତି ଭରଣା କରାଯିବ । ଇଡି କହିଛନ୍ତି କି ପିଏମଏଲଏ ମାଧ୍ୟମରେ ପଳାତକ ବିଜୟ ମାଲ୍ୟା, ନୀରବ ମୋଦି ଓ ମେହୁଲ ଚୋକ୍ସିଙ୍କର ୧୮,୧୭୦.୦୨ କୋଟି ଟଙ୍କାର ସଂପତ୍ତି ଜବତ୍ କରାଯାଇଛି । ଯାହାକି ସେମାନେ ବ୍ୟାଙ୍କରୁ ଠକେଇ କରିଥିବା ମୋଟ ଟଙ୍କାର ୮୦.୪୫ ପ୍ରତିଶତ । ଏହା ମଧ୍ୟରୁ ବର୍ତ୍ତମାନ ୯,୩୭୧ କୋଟି ଟଙ୍କାର ସଂପତ୍ତି ସରକାରୀ ବ୍ୟାଙ୍କକୁ ସ୍ଥାନାନ୍ତର କରାଯାଇଛି । କହିରଖୁ କି କିଙ୍ଗଫିସର ଏୟାରଲାଇନ୍ସର ମାଲିକ ବିଜୟ ମାଲ୍ୟା ଏବେ ବ୍ରିଟେନରୁ ଭାରତ ପ୍ରତ୍ୟାର୍ପଣ ନେଇ ଅଦାଲତରେ ମାମଲା ଲଢୁଛନ୍ତି । ଏହାସହ ସେ ଏହି ମାମଲାରେ ଜାମିନ ପାଇ ଏବେ ବାହାରେ ଅଛନ୍ତି । ୨୦୧୯ ମସିହାରେ ବ୍ରିଟେନର ପୂର୍ବତନ ଗୃହ ସଚିବ ତାଙ୍କୁ ଭାରତ ପ୍ରତ୍ୟାର୍ପଣ ପାଇଁ ମଞ୍ଜୁରୀ ପ୍ରଦାନ କରିଥିଲେ ବି ସେ ଏହାକୁ ଅଦାଲତରେ ଚ୍ୟାଲେଞ୍ଜ କରି ଏବେ ବ୍ରିଟେନରେ ଅଛନ୍ତି । ଅନ୍ୟପଟେ ଗୀତାଞ୍ଜଳୀ ଡାଇମଣ୍ଡର ମାଲିକ ନୀରବ ମୋଦି ଓ ତାଙ୍କ ସଂପର୍କୀୟ କୁହାଯାଉଥିବା ମେହୁଲ ଚୋକ୍ସି ପିଏନବି ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଠକି ନେଇ ବିଦେଶ ପଳାଇ ଯାଇଛନ୍ତି । ସେମାନଙ୍କୁ ଭାରତ ଫେରାଇ ଆଣିବାକୁ କେନ୍ଦ୍ର ସରକାର ଆଇନର ଲଢେଇ ଲଢୁଥିବା ବେଳେ ସେମାନଙ୍କ ସଂପତ୍ତି ଜବତ କରିବାକୁ ଲାଗିପଡିଛନ୍ତି ବିଭାଗୀୟ ଅଧିକାରୀ ।

# ଟିକା କେନ୍ଦ୍ରରେ ଫଟୋକୁ ନେଇ ତେଜିଲା ବିବାଦ

## ବିଜେଡି-ବିଜେପି ମୁହାଁମୁହିଁ



କନକ ବ୍ୟୁରୋ : କରୋନା ଟିକାକରଣ କେନ୍ଦ୍ରରେ ଫୋଟକୁ ନେଇ ବିଜେଡି-ବିଜେପି ମଧ୍ୟରେ ବିବାଦ ଥମୁନି । ଆଜି ବାଲେଶ୍ୱର ଷ୍ଟେସନରେ ଛକ ନିକଟରେ ଥିବା ଗାନ୍ଧୀ ସ୍ମୃତି ଭବନ ଟିକା କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ପୁସିଂକାର୍ଡ ବଣ୍ଟନ କରାଯାଉଥିଲା । କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଟିକାକେନ୍ଦ୍ର ପରିଦର୍ଶନ କରିବା ବେଳେ ଏହାକୁ ନେଇ ଉତେଜନା ଦେଖାଦେଇଛି । ବିଜେପି କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ପୁସିଂ କାର୍ଡକୁ ଚିରିଦେବା ସହ ପୁଳାପୁଳା ପୁସିଂ କାର୍ଡ ଫିଙ୍ଗି ପ୍ରତିବାଦ ଜଣାଇଛନ୍ତି । ଏପଟେ ଟିକାକରଣ କେନ୍ଦ୍ରରେ ଫୋଟକୁ ନେଇ ବିଜେପି ଓ ବିଜେଡି ସାଂସଦଙ୍କ ମଧ୍ୟରେ ଟୁଇଟ୍ କଳି ଦେଖିବାକୁ ମିଳିଛି । ସେପଟେ କଂଗ୍ରେସ ଫଟୋ ରାଜନୀତିକୁ ବିଶ୍ୱାସ କରେ ନାହିଁ ବୋଲି କହିଛନ୍ତି ପିସିସି ସଭାପତି । ବାଲେଶ୍ୱରରେ ଏକ ଟିକାକରଣ କେନ୍ଦ୍ରରେ ପହଞ୍ଚି ଚିହିଁକି ଉଠିଥିଲେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ । ଦିନକ ପୂର୍ବରୁ ଟିକାକରଣ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିବା ନେଇ ହଙ୍ଗାମା ହେବା ପରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଅନ୍ତତଃ ପ୍ରଶାସନିକ ଅଧିକାରୀମାନେ ରାଜନୀତି କରିବା ଉଚିତ ନୁହେଁ । ବୁଧବାର ବିବାଦ ଆରମ୍ଭ ହୋଇଥିଲା ପୁସିଂ କାର୍ଡ ବାଂଟିବାକୁ ନେଇ । ଟିକାକରଣ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ପୁସିଂ କାର୍ଡ ବଂଟନକୁ ନେଇ ବିଜେପି କର୍ମୀମାନେ ପ୍ରତିବାଦ କରିଥିଲେ ଏବଂ ଅନେକ ପୁସିଂ କାର୍ଡକୁ ଚିରିଦେଇଥିଲେ । ଏପଟେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଟ୍ୱିଟ କରି ▶▶ପୃଷ୍ଠା ୭

# ରାତି ପାହିଲେ ସ୍ନାନ ପୂର୍ଣ୍ଣିମା : ଆଜି ରାତି ଗୋଟାଏରୁ ଶ୍ରୀଜିଉଙ୍କ ପହଣ୍ଡି

## ଗଜପତିଙ୍କ ବଦଳରେ ମୁଦିରସ୍ତ କରିବେ ନୀତି ସମ୍ପାଦନ



ପୁରୀ,୨୩/୦୬(ନି.ପ୍ର): ଆସନ୍ତାକାଲି ସ୍ନାନପୂର୍ଣ୍ଣିମା । ଆଉ କିଛି ଘଣ୍ଟା ପରେ ଆରମ୍ଭ ହେବ ସ୍ନାନପୂର୍ଣ୍ଣିମା ନୀତି । ତେବେ ସବୁଠୁ ଗୁରୁତ୍ୱପୁର୍ଣ୍ଣ କଥା ହେଉଛି, ଏବର୍ଷ ମଧ ସ୍ନାନଯାତ୍ରାରେ ଛେରାପହଁରା କରିବେ ନାହିଁ ଗଜପତି । କୋଭିଡ୍ ନିୟମ ମାନି ଛେରାପହଁରା କରିବାକୁ ଆସିବେ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନକୁ ଚିଠିଲେଖି ସେ ଜଣାଇ ଦେଇଛନ୍ତି । ସେପଟେ ସ୍ନାନପୂର୍ଣ୍ଣିମା ନୀତିକାନ୍ତି କିଭଳି ଶୃଙ୍ଖଳିତ ଭାବେ କରାଯିବ, ଏ ନେଇ ସମୀକ୍ଷା କରିଛନ୍ତି ଜିଲ୍ଲାପାଳ । ଶତପ୍ରତିଶତ ସେବାୟତ ଓ କର୍ମଚାରୀଙ୍କ ଆରଟିପିସିଆର ଟେଷ୍ଟ କରାଯାଇଛି । ଏହାସହ ଜାରି ରହିଛି ଦ୍ୱିତୀୟ ଡୋଜ୍ ଟିକାକରଣ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପାଳିଆ ସେବାୟତଙ୍କୁ ଦିଆଯାଇଛି ସ୍ନାନପୂର୍ଣ୍ଣିମା ପାସ୍ । କରୋନା ଯୋଗୁଁ ଏବର୍ଷ ମଧ ସ୍ନାନବେଦୀରେ ଛେରାପହଁରା କରିବେ ନାହିଁ ଗଜପତି ମହାରାଜ ଦିବ୍ୟସିଂହ ଦେବ । ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖି ସେ ଜଣାଇ ଦେଇଛନ୍ତି । ପରମ୍ପରା ଅନୁଯାୟୀ ଗଜପତିଙ୍କ ପ୍ରତିନିଧି ଭାବେ ମୁଦିରସ୍ତ ସେବାୟତ ଚଳିତ ବର୍ଷ ଛେରାପହଁରା କରିବେ । ନାବାଳକ ନାରାୟଣ ମୁଦିରସ୍ତଙ୍କୁ ଏହି ସେବା ମିଳିଥିବାରୁ, ସେ କହିଛନ୍ତି ଏହା ମହାପ୍ରଭୁଙ୍କ ଆଶୀର୍ବାଦ । ଆଜି ଦିନ ୧୨ଟା ସୁଦ୍ଧା ଦଇତାପତି ସେବକଙ୍କ ଦ୍ୱାରା ଶ୍ରୀଜୀଉଙ୍କ ସେନାପଟି ନୀତି ଶେଷ ହୋଇଛି । ▶▶ପୃଷ୍ଠା ୭

# ସ୍କୁଲ ପାଠ୍ୟକ୍ରମରେ ବନ୍ଦେ ଉତ୍କଳ ଜନନୀ

ଭୁବନେଶ୍ୱର,୨୩/୦୬(ନି.ପ୍ର): ସ୍କୁଲ ପାଠ୍ୟକ୍ରମରେ ସ୍ଥାନ ପାଇଲା ବନ୍ଦେ ଉତ୍କଳ ଜନନୀ । ପ୍ରଥମ ଭାଷା ଓଡ଼ିଆ ପାଠ୍ୟକ୍ରମରେ ବନ୍ଦେ ଉତ୍କଳ ଜନନୀକୁ ସ୍ଥାନିତ କରାଯାଇଛି । ପ୍ରଥମ ଭାଷା ଓଡ଼ିଆର ଉଭୟ ନବମ ଓ ଦଶମରେ ପଢ଼ାଯିବ । ଏଥିନେଇ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷରେ ଏହି ନିଷ୍ପତିକୁ ଉତ୍କଳ ସମ୍ମିଳନୀ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛି।

# ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୩/୦୬ (ନି.ପ୍ର): ଗତକାଲିର ସମୁଦ୍ର ପତନ ରେ ଥିବା ନିମ୍ନ ଚାପ ରେଖା ଆଜି ଉତର -ପଞ୍ଜାବ ରୁ ହରିୟାଣା , ପଶ୍ଚିମ ଉତରପ୍ରଦେଶ, ଉତର ଝାଡ଼ଖଣ୍ଡ ଏବଂ ଗଙ୍ଗୀୟ ପଶ୍ଚିମ-ବଙ୍ଗ ଉପତ୍ୟାକା ମଧ ଦେଇ ଉତର ପୂର୍ବ ଙ୍ଗୋପସାଗର ଯାଏଁ ଲମ୍ବିଛି । ଏହାର ପ୍ରଭାବରେ ଆଗାମୀ ୨୪ ଘଂଟାରେ ୧୪ ଜିଲ୍ଲା ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, କଟକ, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ, ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତର ସମ୍ଭାବନା ରହିଛି ।ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ୨୪ ତାରିଖ ସକାଳ ଠାରୁ ୨୫ ତାରିଖ ସକାଳ ପର୍ଯ୍ୟନ୍ତ ନୂଆପଡା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ କଟକ, କେନ୍ଦୁଝର ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ନବରଙ୍ଗପୁର, ନୂଆପଡା ,ବଲାଙ୍ଗୀର, କନ୍ଧମାଳ, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ , କେନ୍ଦୁଝର, ମୟୁରଭଂଜ କଟକ ଓ ବାଲେଶ୍ୱର ଜିଲ୍ଲାରେ ବଜ୍ରପାତ ଆଶଙ୍କା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୪୬ ଜଣଙ୍କର ମୃତ୍ୟୁ, ମୋଟ ମୃତ୍ୟୁ ସଂଖ୍ୟା ୩୭୧୭ ହେଲା

ଭୁବନେଶ୍ୱର,୨୩/୦୬(ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୪୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୩୭୧୭ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୭ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। କଟକ, ପୁରୀ ଓ ବରଗଡ଼ ଜିଲ୍ଲାରେ ୫ ଜଣ ଲେଖାଏଁ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେହିପରି ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରେ ୪ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି । ଅନ୍ୟପକ୍ଷରେ ଜଗତସିଂହପୁର ଓ ସୁନ୍ଦରଗଡ ଜିଲ୍ଲାରେ ୩ ଜଣ ଲେଖାଏଁ ମୃତ୍ୟୁବରଣ କରିଛନ୍ତି । ଗଂଜାମ, କଳାହାଣ୍ଡି ଓ ମୟୁରଭଂଜ୍‌ରୁ ୨ ଜଣ ଲେଖାଏଁ ପ୍ରାଣ ହରାଇ ଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କନ୍ଧମାଳ, କୋରାପୁଟ,ସୋନପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ଜଣେ ଲେଖାଏ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

# ନେଟୱର୍କ ଯେଉଁଠି ପାଠପଢ଼ା ସେଇଠି

## ରାଜ୍ୟର ବିଭିନ୍ନ ଭାଗରୁ ଆସୁଛି ଅନଲାଇନ ପାଠପଢ଼ାର ବିକଳ ଚିତ୍ର



ଭୁବନେଶ୍ୱର,୨୩/୦୬(ନି.ପ୍ର): କରୋନା କାଳରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ୟୁ-ଟ୍ୟୁବ୍ ଷ୍ଟ୍ରିମିଂ ଜରିଆରେ ଅନଲାଇନ ପାଠପଢା ଆରମ୍ଭ କରିଛନ୍ତି ରାଜ୍ୟ ସରକାର । ହେଲେ ମୋବାଇଲ ନେଟୱର୍କ ପାଇଁ ସ୍କୁଲ ପିଲା କିଭଳି ହନ୍ତସନ୍ତ ହେଉଛନ୍ତି ତାର ବିକଳ ଚିତ୍ରସବୁ ସାମ୍ନାକୁ ଆସିବାରେ ଲାଗିଛି । ବୌଦ୍ଧ ଜିଲ୍ଲାର ଆନିଗଡଠାରେ ଜଙ୍ଗଲ ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଖରେ ମୋବାଇଲ ନାହିଁ ଆଉ ଯାହା ପାଖରେ ମୋବାଇଲ ଅଛି, ସେଠି ନେଟୱର୍କ ନାହିଁ । ତେଣୁ ପିଲାଏ ଅନଲାଇନ ପାଠପଢା ପାଇଁ ଜଙ୍ଗଲ କିମ୍ବା ପାହାଡ ଉପରକୁ ଆସୁଛନ୍ତି । ଯେଉଁଠି ମୋବାଇଲ ନେଟୱର୍କ ଆସିଲା, ସେହିଠାରେ ବସି ପାଠ ପଢୁଛନ୍ତି । ବଡଠାରୁ ଛୋଟପିଲା ସମସ୍ତେ ଜଙ୍ଗଲ ଭିତରେ ପାହାଡ ଉପରେ ପଥରରେ ବସି ୟୁ-ଟ୍ୟୁବ ଲାଇଭ ଷ୍ଟ୍ରିମିଂରେ ପାଠ ପଢୁଥିବା ଦେଖିବାକୁ ମିଳୁଛି । ସେହିପରି କୋରାପୁଟ ଜିଲ୍ଲାରେ ମଧ ସ୍କୁଲ ପିଲାଏ ରାସ୍ତା ଉପରେ ବସି ପାଠ ପଢୁଥିବାର ଚିତ୍ର ସାମ୍ନାକୁ ଆସିଛି । ସୋସିଆଲ ମିଡିଆରେ ଏହି ଫଟୋସବୁ ଭାଇରାଲ ହେବାରେ ଲାଗିଛି । ସେପଟେ ଗଜପତି ଜିଲ୍ଲା ମୋହନା ବ୍ଲକରେ ଥିବା ମାଳସପଦର ପଂଚାୟତର ହୁରୁଗୁଡା, ଜାମଲିଙ୍ଗ ଓ ଜାନାଖାଲ ଗାଁ ସମେତ ପ୍ରାୟ ୧୦ରୁ ଅଧିକ ଗାଁରେ ମୋବାଇଲ ନେଟୱର୍କ ନଥିବାରୁ ଛାତ୍ରଛାତ୍ରୀମାନେ ଗାଁଠାରୁ ପ୍ରାୟ ୫ରୁ ୬ କିଲୋମିଟର ଦୂରରେ ଥିବା ବାପିଗଣ୍ଡା ପାହାଡ ଉପରକୁ ଆସି ପାଠ ପଢୁଥିବା ଦେଖାଯାଉଛି । ଏପରିକି ଅଧିକାଂଶ ପିଲାଙ୍କ ପାଖରେ ମୋବାଇଲ ନଥିବାରୁ ଗୋଟିଏ ମୋବାଇଲରେ ୫ ଜଣ ଲେଖାଏଁ ପିଲା ମିଶି ପାଠ ପଢୁଛନ୍ତି ।

# ୧୫ ଦିନ ମଧ୍ୟରେ ତୃତୀୟ ଥର ଶରଦ ପାୱାରଙ୍କୁ ଭେଟିଲେ ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର



ଭୁବନେଶ୍ୱର,୨୩/୦୬(ନି.ପ୍ର): ଗୋଟିଏ ଦିନ ପୂର୍ବରୁ ୮ ଟି ରାଜନୈତିକ ଦଳର ମୁଖ୍ୟଙ୍କୁ ନେଇ ଏକ ରୁଦ୍ଧ ଦ୍ୱାର ବୈଠକ ଅନୁଷ୍ଠିତ ହେବା ପରେ ଆଜି ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର ପୁଣି ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ମୁଖ୍ୟ ଶରଦ ପାୱାରଙ୍କୁ ଭେଟିଛନ୍ତି । ଆଜିର ଏହି ଭେଟରେ ପୁରା ୧ ଘଂଟା କାଳ ଆଲୋଚନା ହୋଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି । ୧୫ ଦିନ ମଧ୍ୟରେ ଶରଦ ପାୱାର ଓ ପ୍ରଶାନ୍ତ କିଶୋରଙ୍କ ମଧ୍ୟରେ ତୃତୀୟ ଥର ଭେଟକୁ ନେଇ ରାଜନୀତି ମହଲରେ ଚର୍ଚ୍ଚା ଜୋର ଧରିଛି । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସକୁ ଐତିହାସିକ ବିଜୟରେ ସହଯୋଗ କରିଥିବା ପ୍ରଶାନ୍ତ କିଶୋର ଜୁନ ୧୧ ତାରିଖରେ ମୁମ୍ବାଇରେ ଶରଦ ପାୱାରଙ୍କୁ ଭେଟିଥିଲେ । ▶▶ପୃଷ୍ଠା ୭

# ୱେବିନାର ମାଧ୍ୟମରେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଆର୍ନ୍ତଜାତୀୟ ଯୋଗ ଦିବସ ପାଳିତ

ବାରିପଦା,୨୩/୬ (ନି.ପ୍ର): ଆର୍ନ୍ତଜାତୀୟ ଯୋଗ ଦିବସ ଉପଲକ୍ଷେ ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଂଜ କଲେଜ ଅଫ୍ ଏକୋଉନଟେନସି ଏଣ୍ଡ ମେନେଜମେଣ୍ଟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୱେବିନାର ମାଧ୍ୟମରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଜାତୀୟ ସେବା ଯୋଜନା ଅଧିକାରୀ ମୀରା ସେନାପତି ଅତିଥିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ସ୍ୱେଚ୍ଛାସେବୀ ଭାବନା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଏମ.ଏସ.ସି.ବି.ୟୁ ଜିଲ୍ଲା ସେବା ଯୋଜନା ଅଧିକାରୀ ଡ. ସ୍ମୃତି ରଂଜନ ଦାଶ ଆମନ୍ତ୍ରିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଂଜ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଯୋଗ ହିଁ ମନୁଷ୍ୟ ତଥା ସମାଜକୁ ସୁସ୍ଥ ରଖିପାରିବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଡ. କମଲ କୁମାର କର ଜାତୀୟ ସେବା ଯୋଜନାର ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଆଡଭାଇଜର, ନୂଆଦିଲ୍ଲୀ କାର୍ଯ୍ୟକ୍ରମରେ ଯୋଗଦାନ କରି ଏପରି ପାଣ୍ଡେମିକ ସମୟରେ ଯୋଗ ହିଁ ଶରୀରକୁ ସୁସ୍ଥ ରଖି ପାରିବ ଏହା ହିଁ ବଞ୍ଚିବାର ଉତ୍ସ ବୋଲି ପ୍ରକାଶ କରିଥିଲେ । ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ କୌଣସି କାରଣ ବଶତଃ ଯୋଗ ଦେଇ ପାରି ନ ଥିଲେ ମଧ ତାଙ୍କର ଆର୍ଶିବାଦ ବାର୍ତ୍ତା ମାଧ୍ୟମରେ ଦେଇଥିଲେ । ବରିଷ୍ଠ ତହସିଲଦାର ବ୍ରହ୍ମାକୁମାରୀ ପ୍ରତିଭା ପୃଷ୍ଟି, ଝୁମ୍ପୁରା, କେନ୍ଦୁଝର, ମୁଖ୍ୟବକ୍ତାଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ ଯେ ଯୋଗ ପ୍ରତ୍ୟେକ ଦିନ ଅଭ୍ୟାସ କଲେ ମାନସିକ ସ୍ତରରେ ମଜବୁତ ହୋଇ ଆସୁଥିବା ପରିସ୍ଥିତିକୁ ସହଜରେ ଏଡାଇଦେଇ ପାରିବ । ସମ୍ମାନିତ ଅତିଥି ଅଧାପକ ଓୟୁଏଟିର ନିରୋଦବରଣ ଖୁଣ୍ଟିଆ ଯୋଗ ଦେଇ କହିଲେ ଯେ ନିଜକୁ ଠିକ ଭାବରେ ଜାଣି ପରମାତ୍ମାଙ୍କୁ ଜାଣିବା ହିଁ ବାସ୍ତବିକ ଯୋଗ । ମହାରାଜା ଶ୍ରୀରାମଚନ୍ଦ୍ର ଭଂଜ ବିଶ୍ୱବିଦ୍ୟାଳୟର ପୂର୍ବତନ ସଂଯୋଜିକା ଉଷା ଶତପଥୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଆଜିର ଯୋଗ ସମସ୍ତଙ୍କ ପାଇଁ କଲ୍ୟାଣକାରୀ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ଏନ.ଏସ.ଏସ. ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ବିଜୟା ନାୟକ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ ଆମ୍ବାଗୁଡା ଓ ରାବଣାଗୁଡାରେ ଘର ଘର ବୁଲି କଲେ ସମୀକ୍ଷା

ଜୟପୁର,୨୩/୬ (ନି.ପ୍ର): ରାଜ୍ୟ ସ୍ୱାସ୍ଥ୍ୟ ପରିବାର ଏବଂ କଲ୍ୟାଣ ବିଭାଗ ଟିମ ଆଜି ଜୟପୁର ବ୍ଲକର ରାବଣାଗୁଡା ଓ ଆମ୍ବାଗୁଡାରେ ଘର ଘର ବୁଲି ସମିକ୍ଷା କରିଛନ୍ତି । ଏହି ଟିମରେ ଡାକ୍ତର ଆଦିତ୍ୟ ତ୍ରିପାଠି, ଏନଆଇପିଆଇ ଦିପକ ବିଶ୍ୱାଳ ସମିକ୍ଷା କରିଛନ୍ତି । ଆମ୍ବାଗୁଡା କୁମୁଲିପୁଟ ଘର ଘର ବୁଲି ସମୀକ୍ଷା କରିଛନ୍ତି । କୋରାନା ଆକ୍ରାନ୍ତଙ୍କ ଘରକୁ ଯାଇ ଆଶା କର୍ମି ଘରକୁ ଆସିଥିଲେ ଓ ବ୍ଲକର ଆରଆରସି ଟିମ ଆସିଥିଲେ । କଣ ସରକାରୀ ଔଷଧ ଖାଉଛନ୍ତି କି ବାହାରୁ କିଣୁଛନ୍ତି ସବୁ ପଚାରି ବୁଝିଥିଲେ । ଜନ୍ମରୁ ୫ ବର୍ଷ ଛୋଟ ପିଲା ଘରେ ଥିବା ଘରକୁ ଯାଇଥିଲେ । ଓଆରଏସ ପ୍ୟାକେଟ ପାଇଛନ୍ତି ପଚାରିବା ସହ ଛୋଟ ଛୁଆଙ୍କୁ ଝାଡା ହୋଇଛି କି ଛିଙ୍କ ଓ ଓଆରଏସ ଆପଣଙ୍କୁ ପ୍ରଦାନ କରାଯାଇଛି କି ବୋଲି ପଚାରିଥିଲେ । କୁଷ୍ଠ ରୋଗ ନିରାକରଣ ପାଇଁ ଆଶା ଦିଦି ଆସିଥିଲେ କି ପଚାରିବା ସହ ମ୍ୟାଲେରିଆ ମଶାରି ପାଇଛନ୍ତି କି ନାହିଁ ପାଇବା ପରେ ବ୍ୟବହାର କରୁଛନ୍ତି ବୋଲି ପଚାରିଥିଲେ । ବିପି, ସୁଗାର ଆକ୍ରାନ୍ତ ରୋଗୀଙ୍କୁ ଚିକିତ୍ସାଳୟ ଯାଇ ଔଷଧ ଆଣି ଖାଉଛନ୍ତି କି ପଚାରି ବୁଝିଥିଲେ । ଗାଁ ସଫେଇ ପାଇଁ ପରାମର୍ଶ ଦେଇଥିଲେ ଏହି ଟିମ । ସ୍ୱାସ୍ଥ୍ୟ ବିଭାଗର ସବୁ ଯୋଜନା ଲୋକଙ୍କ ପାଖରେ ପହଂଚିଛି କି ନାହିଁ ତାହାର ସମୀକ୍ଷା କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲୋକଙ୍କ ପାଇଁ ବହୁ ଯୋଜନା ପ୍ରଣୟନ କରୁଥିବା ବେଳେ ବାସ୍ତବରେ ଲୋକଙ୍କ ପାଖରେ ପହଂଚୁଛି କି ନାହିଁ ସେ ନେଇ ସମୀକ୍ଷା କରିଛନ୍ତି । ଏହି ଟିମରେ ରବାଣାଗୁଡା ଡିପିଏମ ଦିପା ପଟ୍ଟନାୟକ,ଟିଏଚଇଓ ଶୁଶାନ୍ତ ନାୟକ, ଏଏନଏମ ଛବିନା ବେଉରା ପ୍ରମୁଖ ଉପସ୍ଥିତ ଥିଲେ ।

# ୭୨ ହଜାର ଟଙ୍କା, ୪ ବାଇକ ଜବତ,୮ ଜୁଆଡି ଗିରଫ

ଖୋର୍ଦ୍ଧା,୨୩/୬ (ନି.ପ୍ର): ଜୁଆ ଆଡ୍ଡା ଉପରେ ବ୍ରେକ୍ ଲଗାଇ ବିଲୋପ କରିବା ପାଇଁ ଟାଙ୍ଗୀ ପୋଲିସର ଲଗାତାର ଚଢାଉ ଜାରି ରହିଛି । ତେବେ ମଙ୍ଗଳବାର ଦୁଇଟି ସ୍ଥାନରେ ଚଢାଉ କରି ୮ ଜୁଆଡିକୁ ଗିରଫ କରିବା ସହ ୭୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ପୋଲିସ ଜବତ କରିଛି ।ପୋଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ବେଣୀ ପଥର ଓ ମଙ୍ଗଳା ଯୋଡିରେ ଥିବା ଜୁଆ ଆଡ୍ଡାରେ ବେଧଡକ ଜୁଆ ଖେଳ ଚାଲିଥିଲା । ବାରମ୍ବାର ଏହି ଜୁଆ ଆଡ୍ଡା ଉପରେ ଚଢାଉ ପାଇଁ ସାଧାରଣରେ ଦାବି ହୋଇ ଆସୁଥିଲା । ହେଲେ ପୋଲିସ୍ ଚଢାଉ କରୁଥିଲେ ହେଁ ଘଂଚ ଜଙ୍ଗଲ ଯୋଗୁଁ ଜୁଆଡି ମାନଙ୍କୁ ପୋଲିସ୍ ଧରିବାରେ ସଫଳ ହୋଇ ପାରୁନଥିଲା ।
ତେବେ ବାଲୁଗାଁ ଏସଡିପିଓ ମାନସ ରଞ୍ଜନ ବାରିକ ଓ ଟାଙ୍ଗୀ ଥାନା ଆଇଆଇସି ବିଜୟ କୁମାର ମଲିକ ଏକ ସ୍ୱତନ୍ତ୍ର କୌଶଳ ଜରିଆରେ ଜୁଆ ଆଡ୍ଡା ଉପରେ ଚଢାଉ କରିଥିଲେ । ଏଥିରେ ୮ ଜଣ ଜୁଆଡିଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲା । ଏହାସହ ଜୁଆଡି ମାନଙ୍କ ଠାରୁ ୭୨ ହଜାର ଟଙ୍କା, ୪ ବାଇକ ଓ ଗୋଟିଏ ସାଇକେଲକୁ ମଧ ପୋଲିସ ଜବତ କରିଛି ।ଏ ସଂକ୍ରାନ୍ତରେ ଟାଙ୍ଗୀ ପୋଲିସ ତିନି ଓପିଜି ଆଇନ ଅନୁଯାୟୀ କେସ ନମ୍ବର ୨୦୦ ଏବଂ ୨୦୧ ରେ ଦୁଇ ଗୋଟି ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ବୋଲି ଆଜି ଏକ ପ୍ରେସ ବିଜ୍ଞପ୍ତିରେ ଏସଡିପିଓ ମାନସ ରଞ୍ଜନ ବାରିକ ସୂଚନା ଦେଇଛନ୍ତି ।

# ଟ୍ରକ୍ ସହ ୪୬୧ କେଜି ଗଞ୍ଜେଇ ଜବତ: ୨ ଗିରଫ

ଜୟପୁର,୨୩/୬ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ କରିଛି । ଏହି ମାମଲାରେ ୨ ଜଣକୁ ଗିରଫ କରିଛି । ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ , ଟ୍ରକ୍ ଯୋଗେ ଜୟପୁର ଦେଇ ବିହାର ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ସଦର ପୋଲିସ ଚଢ଼ଉ କରିଥିଲା । ଜୟପୁର ଘାଟି ନିକଟରେ ଟ୍ରକ୍ ନଂ ଡବ୍ଲୁବି-୧୯-ଏଫ-୯୯୧୨ ଗାଡି ଉପରେ ଚଢ଼ଉ କରିଥିଲା । ଟ୍ରକକୁ ଥାନାକୁ ଆଣି ଯାଂଚ୍ କରାଯିବା ବେଳେ ସେଥିରୁ ୪୬୧ କେଜି ଗଞ୍ଜେଇ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୪୫ ଲକ୍ଷ ହେବ । ଟ୍ରକଟି ଖାଲି ଥିବା ବେଳେ କ୍ୟାବିନ ଭିତରେ ଗଞ୍ଜେଇ ରଖି ଚାଲାଣ ହେଉଥିଲା । ଏନେଇ ୧୦୭/୨୧ ରେ ଏକ ମାମଲା ରୁଜୁ କରି ୨ ଜଣକୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଟ୍ରକ୍ ଡ୍ରାଇଭର ବିହାରର ସାନି କୁମାର ପାଣ୍ଡି (୨୯) ଓ ହେଲପର ଓମ ପ୍ରକାଶ ପାଣ୍ଡେ (୨୬) । ଏମାନଙ୍କ ଠାରୁ ଟ୍ରକ୍, ୨ଟି ମୋବାଇଲ ଗଞ୍ଜେଇ ଜବତ କରି କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ସୂଚନା ଦେଇଛନ୍ତି ।

# ଦଣ୍ଡସେନାଗୁଡା ଗ୍ରାମଠାରୁ ଜୟପୁର ଗାନ୍ଧୀ ଛକ ମୁଖ୍ୟ କେନାଲ ରାସ୍ତା ମରାମତି ଦାବି

ଜୟପୁର,୨୩/୬ (ନି.ପ୍ର): ଜୟପୁର ବାରିଣିପୁଟ ଠାରେ ଥିବା ଚିଫ କନଷ୍ଟ୍ରସନ ଇଞ୍ଜିନିୟର ଅପର କୋଲାବ ପ୍ରଜେକ୍ଟଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ଦଣ୍ଡସେନାଗୁଡା ଗ୍ରାମ ଠାରୁ ଜୟପୁର ଗାନ୍ଧୀ ଛକ ମୁଖ୍ୟ କେନାଲ ରାସ୍ତା ମରାମତି କରିବାକୁ ଏଥିରେ ଦାବୀ କରାଯାଇଛି । ସମାଜସେବି ବି. ହରି ରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ଏହି ଦାବୀ ପତ୍ର ପ୍ରଦାନ କରିଛନ୍ତି । ଗାନ୍ଧୀ ଛକ ମୁଖ୍ୟ କେନାଲ ରାସ୍ତା ଦଣ୍ଡସେନାଗୁଡା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି । ବର୍ଷା ଯୋଗୁଁ ଏହି ରାସ୍ତାର ଖାଲଖମା ଗୁଡିକରେ ଜଳ ଭରି ରହିଛି । ରାସ୍ତାର ଅବସ୍ଥା ଅଧିକ ଖରାପ ହୋଇପଡିଛି । ଯାହାଫଳରେ ଚାଷିଙ୍କ ହଳ, ଟ୍ରାକ୍ଟର. ପାଓ୍ୱାର୍ ଟିଲର ଯିବା ଆସିବାରେ ବହୁ ଆସୁବିଧାର ସମ୍ମିଖୀନ ହେବାକୁ ପଡୁଛି । ଏବଂ ଲୋକେ ଅନେକ ସମୟରେ ଛୋଟବଡ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ସମସ୍ୟା ବାବଦରେ ପୂର୍ବରୁ ମଧ ରାସ୍ତା ନିର୍ମାଣ ନେଇ ଅନୁରୋଧ କରାଯାଇଥିଲା । ହେଲେ ବିଭାଗ ପକ୍ଷରୁ ଏଯାବତ୍ କୌଣସି ପଦକ୍ଷେପ ନିଆଯାଇନାହିଁ । ତୁରନ୍ତ ରାସ୍ତାର ମରାମତି କରିବାକୁ ନାରାୟଣ ତନ୍ତ, କେଶବ ମୁଦୁଲି ପ୍ରମୁଖ ଦାବି କରିଛନ୍ତି ।

# ୩୬୦କୋଟି ଟଙ୍କା ବ୍ୟୟ ଅଟକଳରେ କୋଚିଲା ବ୍ୟାରେଜ ନିର୍ମାଣ ପାଇଁ ଟେଣ୍ଡର ଖୁବ୍ ଶୀଘ୍ର



ଧାମନଗର ,୨୩/୬ (ନି.ପ୍ର): ଧାମନଗର ଅଂଚଳ ଦେଇ ପ୍ରବାହିତ ବୈତରଣୀ ନଦୀରେ ପ୍ରତିବର୍ଷ ଉପର ମୁଣ୍ଡରେ ଅତ୍ୟଧିକ ବର୍ଷା ହେଲେ ବୈତରଣୀ ସମେତ ତା’ର ଶାଖା ନଦୀ ଗେଙ୍ଗୁଟି ଏବଂ କୋଚିଲାରେ ବନ୍ୟା ଆସି ଧାମନଗର ବ୍ଲକର ପ୍ରାୟ ୨୬ରୁ ଉର୍ଦ୍ଧ୍ୱ ପଂଚାୟତ ଜଳମଗ୍ନ ହେବା ସହ ଧନ ଜୀବନ ପ୍ରତି ବିପଦ ଆଣେ । ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଦୀର୍ଘ ବର୍ଷର ପ୍ରଚେଷ୍ଟା ଓ ଧାମନଗର ବାସୀଙ୍କ ବାରମ୍ବାର ଦାବି, କୋଚୀଳା ବ୍ୟାରେଜ ନିର୍ମାଣର ପଥ ପରିଷ୍କାର ହୋଇଛି । ଏ ନେଇ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମୁଖ୍ୟଯନ୍ତ୍ରୀ ଇଂ ଭକ୍ତ ଚରଣ ମହାନ୍ତି, ଯାଜପୁର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ଧନେଶ୍ୱର ସାମଲଙ୍କ ଉପସ୍ଥିତିରେ ଜଳ ସେଚନର ରାଜ୍ୟ ସ୍ତରୀୟ କାର୍ଯ୍ୟାଳୟ ଭୁବନେଶ୍ୱର ସ୍ଥିତ ସେଚ ସଦନ ଠାରେ ଏକ ସମୀକ୍ଷା ବୈଠକରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ଜ୍ୟୋତିର୍ମୟ ରଥ ସୂଚନା ଦେଇଛନ୍ତି । ଖୁବ୍ ଶୀଘ୍ର ୩ଶହ ୬୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ କୋଚିଲା ବ୍ୟାରେଜ ନିର୍ମାଣ ପାଇଁ ଟେଣ୍ଡର ହେବା ସହ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ଶ୍ରୀ ରଥ ସମୀକ୍ଷା ବୈଠରେ ଆଲୋଚନା କରିଥିଲେ । ଏଥି ସହ ଗୌରାଙ୍ଗପୁର, ମଲ୍ଲୀମାହାରା, ଗାଇଛନ୍ଦା, କନକେଇ ସମତେ ଏସକେପର ପୁନଃରୁଦ୍ଧାର ଏବଂ ନଦୀବନ୍ଧ ମରାମତି, ସଦୃଢ଼ି କରଣ ସହ ଗମନାଗମନ କ୍ଷେତ୍ରରେ ସୁବିଧା ସମ୍ପର୍କରେ ଏହି ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା । ପ୍ରକାଶ ଥାଉକି, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓଡିଶା ବିଧାନସଭାରେ ୨୦୦୬ ମସିହାରେ ଏ ସମ୍ପର୍କରେ ପ୍ରଶ୍ନ ଆଗତ ସହ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶୃତି ପରେ ବୈଷୟିକ ଓ ପ୍ରଶାସନିକ ଅନୁମୋଦନ ପାଇଁ କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ପ୍ରଚେଷ୍ଟା ଜାରି ରଖି ଏହି ପ୍ରକଳ୍ପ ନିର୍ମାଣର ଭିତିଭୂମି କାର୍ଯ୍ୟକୁ ଆଗେଇ ନେଇଥିଲେ । ପରେ ଚିଠି ନମ୍ବର ୪୧୧ / ଏମପି / ୨୦୨୦ରେ ଭଦ୍ରକର ମାନନୀୟା ସାଂସଦ ମଞ୍ଜୁଲତା ମଣ୍ଡଳ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏ ପ୍ରକଳ୍ପ ଆରମ୍ଭ ନେଇ ଅନୁରୋଧ କରିଥିଲେ । କୋଚିଲା ବ୍ୟାରେଜ ନିର୍ମାଣ ସମ୍ପର୍କରେ ଅବଗତ ହେବା ପରେ ଧାମନଗର ଅଂଚଳର ସଚେତନ ନାଗରିକ ଓ ବୁଦ୍ଧିଜୀବୀ ମାନେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଧାମନଗର ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ସ୍ୱାସ୍ଥ୍ୟ କର୍ମୀ ମାନଙ୍କ ଦ୍ୱାରା କରୋନା ସଚେତନତା

ଜୟପୁର,୨୩/୬ (ନି.ପ୍ର): ବୋରିଗୁମ୍ମା ବ୍ଲକ କୁମୁଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନସ୍ଥ ଗାଁ କଲ୍ୟାଣ ସମିତିର ସ୍ୱାସ୍ଥ୍ୟ କର୍ମୀ ମାନଙ୍କ ଦ୍ୱାରା ଗାଁ ଗାଁ ବୁଲି କରନା ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଏହି ଅବସରରେ କୁମୁଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏକ କରନା ସଚେତନତା ରଥର ଶୁଭାରମ୍ଭ ହୋଇଥିଲା । କୁମୁଲି ମେଡିକାଲର ଡାକ୍ତର ରାଜେଶ କୁମାର ପାଣିଗ୍ରାହୀ ଉକ୍ତ ରଥ ଟିର ଶୁଭାରମ୍ଭ କରିଥିଲେ । ଏହି ରଥଟି ଡ଼ାକବାଜି ଦ୍ୱାରା କୁମୁଲି ଅଂଚଳର ଗାଁ ଗାଁ ବୁଲି କରନା ସଚେତନତା କରିବ । ସାଧାରଣ ଲୋକଙ୍କୁ ମାସ୍କ ବ୍ୟବହାର, ସାମାଜିକ ଦୂରତା ବଜାଇ ରଖିବା ସହିତ , ସବୁ ବେଳେ ହାତ ଧୋଇବା ପାଇଁ କୁହା ଯାଉଛି । ଏହି ସଚେତନତା ରଥ ଶୁଭାରମ୍ଭ ବେଳେ ଗୋବିନ୍ଦ ମିଶ୍ର, ସନ୍ତୋଷ ଷଡଙ୍ଗୀ, ନୀଳକଣ୍ଠ ହୋତା, ଜୟନ୍ତୀ ନାୟକଙ୍କ ସହିତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ ମାନେ ଉପସ୍ଥିତ ଥିଲେ ।

# ପତଞ୍ଜଳି ଯୋଗସମିତି ତରଫରୁ ସପ୍ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ



ଉଦଳା ,୨୩/୬ (ନି.ପ୍ର): ପତଞ୍ଜଳି ଯୋଗ ସମିତି ମୟୂରଭଞ୍ଜ ଜିଲ୍ଲା ଶାଖା ତରଫରୁ ଚଳିତ ଜୁନ ୨୧ ତାରିଖ ସୋମବାର ଦିନ ସପ୍ତମ ଆନ୍ତର୍ଜାତିକ ଯୋଗ ଦିବସ ସ୍ଥାନିୟ କର୍ମଚାରୀ ଭବନ ପରିସରରେ ପାଳିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବା ପୁର୍ବରୁ କର୍ମଚାରି ଭବନ ପରିସରକୁ ସମ୍ପୂର୍ଣ୍ଣ ସାନିଟାଇଜ କରାଯାଇଥିଲା । କୋଭିଡ଼ ଗାଇଡ଼ଲାଇନକୁ ଆଖିଆଗରେ ରଖି ସବୁ ପ୍ରକାର ସତର୍କତା ଅବଲମ୍ବନ କରାଯାଇଥିଲା । ପତଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରଭାରୀ ଜୟଗୋପାଲ ରାୟ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହିତ ଯୋଗର ଆବଶ୍ୟକତାକୁ ଆଜି କିପରି ସମଗ୍ର ବିଶ୍ୱବାସୀ ଅନୁଭବ କଲେଣି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଭାରତ ସ୍ୱାଭିମାନ ଟ୍ରଷ୍ଟର ଜିଲ୍ଲା ପ୍ରଭାରୀ ବ୍ରହ୍ମାନନ୍ଦ ନାୟକ ଯୋଗର ପ୍ରକାର ଭେଦ ଓ ସୁସ୍ଥ ନିରୋଗ ଜୀବନଜାପନ ପାଇଁ ଏହାର ଆବଶ୍ୟକତା ଉପରେ ବର୍ଣ୍ଣନା କରିଥିଲେ । ସେହିପରି ମହିଳା ପତଞ୍ଜଳି ଜିଲ୍ଲା ପ୍ରଭାରୀ ଅନିତା ବିଶ୍ୱାଳ ଯୋଗ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ସେଥିପାଇଁ ଆମକୁ ସହଜରେ କୌଣସି ରୋଗ ଆକ୍ରମଣ କରେ ନାହିଁ ବୋଲି କହିଥିଲେ । ଏହାପରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ପତଞ୍ଜଳି ସୋସିଆଲ ମିଡ଼ିଆ ପ୍ରଭାରୀ ରଶ୍ମିରେଖା ଜେନା, ଯୁବା ପ୍ରଭାରୀ ପ୍ରକାଶିତା ବାଛିନୀ, ରଶ୍ମିରେଖା ବାରିକ, ଭାନୁମତି ନାୟକ, ସୁଶାନ୍ତ ବାରିକ, ମନୋଜ ପଶା, ବୈକୁଣ୍ଠ ନାଥ ଦତ୍ତ ପ୍ରମୁଖ ନେତୃତ୍ୱ ନେଇଥିଲେ । ଭାରଚୁଆଲ ପ୍ରୋଶେସରେ ମଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଭାଇ ଭଉଣୀ ମାନେ ଅଂଶ ଗ୍ରହଣ କରିଥିଲେ । ଉଦଳା ତହସିଲ ପ୍ରଭାରୀ ବ୍ରଜବିହାରୀ ସାହୁ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# କୁମ୍ବିଙ୍ଗ ବେଳେ ମାଓବାଦୀ ପୋଲିସ ଗୁଳି ବିନିମୟ : ବିପୁଳ ମାଓ ସାମଗ୍ରୀ ଜବତ



କନ୍ଧମାଳ,୨୩/୬ (ନି.ପ୍ର): କନ୍ଧମାଳ ଜିଲ୍ଲ ଗୋଛାପଡା ଥାନା ଅଂଚଳରେ ଥିବା କୁମ୍ଭାହାରୁ ଜଙ୍ଗଲରେ କୁମ୍ବିଙ୍ଗ ଅପରେସନ ବେଳେ ମାଓବାଦୀ ଏବଂ ଜବାନ ମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ୨୦ ରୁ ୨୫ ମିନିଟ ଧରି ଗୁଳି ବିନିମୟ ହେବାପରେ ଘଂଚ ଜଙ୍ଗଲର ଉହାଡରେ ମାଓବାଦୀ ମାନେ ଘଟଣା ସ୍ଥଳରୁ ଛତ୍ର ଭଙ୍ଗ ଦେଇଥିବା ବେଳେ ପୋଲିସକୁ ସେଠାରେ ସର୍ଚ୍ଚ ଅପରେସନ ବେଳେ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ମିଳିଥିବା ନେଇ ଆଜି କନ୍ଧମାଳ ଏସ.ପି ଭିନିତ ଅଗ୍ରୱାଲ ଏକ ପ୍ରେସ ବିବୃତିରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ସମ୍ପୃକ୍ତ ଅଂଚଳରେ ମାଓ ଗତିବିଧି ରହିଥିବା ନେଇ ବିଶ୍ୱସ୍ଥ ସୁତ୍ରରୁ ପୋଲିସକୁ ସୂଚନା ମିଳିବା ପରେ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏସ.ଓ.ଜି ଏବଂ ଡି.ଭି.ଏଫ୍ ଜବାନ ମାନଙ୍କର ମିଳିତ କୁମ୍ବିଙ୍ଗ ଅପରେସନ ଗତ ୨୦/୦୬/୨୦୨୧ ତାରିଖରେ ଆରମ୍ଭ କରାଯାଥିଲା । ଏହି ଅପରେସନ ଜାରି ରହିଥିବା ବେଳେ ୨୧ ତାରିଖ ସକାଳ ପ୍ରାୟ ୧୦ଟା ପରେ କୁମ୍ଭାହାରୁ ଜଙ୍ଗଲରେ ମାଓ ଏବଂ ଜବନ ମୁହା ମୁହିଁ ହୋଇଥିଲେ । ଜବାନ ମାନଙ୍କୁ ଦେଖି ମାଓବାଦୀ ମାନେ ଅତର୍କିତ ଭାବରେ ଗୁଳି ଚାଳନା ଆରମ୍ଭ କରିଥିଲେ । ଜବାନ ମାନେ ସୁରକ୍ଷିତ ସ୍ଥାନରେ ରହି ମାଓବାଦୀ ମାନଙ୍କୁ ଆତ୍ମସମର୍ପଣ କରିବାକୁ ଚେତାବନୀ ଦେଇଥିଲେ । ମାଓବାଦୀ ମାନେ ଏହାକୁ ନ ମାନିବାରୁ ଜବାନ ମାନଙ୍କ ପକ୍ଷରୁ ନିୟନ୍ତ୍ରିତ ଭାବରେ ପାଲଟା ଗୁଳି ଚାଳନା କରାଯାଇଥିଲା । ସେଠାରେ ପ୍ରାୟ ୨୦ ରୁ ୨୫ ମିନିଟ ଧରି ଗୁଳି ବିନିମୟ ହେବାପରେ ମାଓବାଦୀ ମାନେ ଘଂଚ ଜଙ୍ଗଲର ସୁଯୋଗ ନେଇ ସେଠାରୁ ପଳାୟନ କରିବାରେ ସଫଳ ହୋଇଥିଲେ ବୋଲି ଏସପି କହିଛନ୍ତି । ଗୁଳି ବିନିମୟ ବନ୍ଦ ହେବା ପରେ ଘଟଣା ସ୍ଥଳରେ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି କରାଯାଇଥିଲା । ସେଠାରୁ ଗୋଟିଏ ୩୦୩ ରାଇଫଲ, ଓ ୩ଟି ଗୁଳି, ଗୋଟିଏ କେଟ୍ରିଜ,୧୨ ବୋରର ଏକ ଦେଶୀ ବନ୍ଧୁକ,୪ ଟି ଇନସାସ ବନ୍ଧୁକର ଗୁଳି ଓ ଗୋଟିଏ ମାଗାଜିନ,୭ଟି ଇଲେକ୍ଟ୍ରି ଡେଟୋନେଟର,ମାଓ ପୁସ୍ତିକା, ଗୋଟିଏ ରେଡିଓ, ୱାକିଟକି ଚାର୍ଜର, ଗୋଟିଏ ସିଲେଇ ମେସିନ, ମହିଳା ମାନଙ୍କ କିଛି ବସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ସବୁ ଜବତ କରିଛି ପୋଲିସ । ଘଟଣା ସ୍ଥଳରେ କେକେବିଏନ ଡିଭିଜନର ମାଓ ସଂଗଠନର ପ୍ରାୟ ୨୫ ଜଣ ମାଓବାଦୀଙ୍କ ସମେତ କିଛି ମହିଳା ମାଓ କ୍ୟାଡର ଥିବା ଜଣାପଡିଛି । ଏହି ଗୁଳି ବିବନିମୟରେ ଜବାନ ମାନଙ୍କ ପକ୍ଷରୁ କେହି ଆହତ ହୋଇ ନଥିବାବେଳେ ମାଓବାଦୀ ମାନଙ୍କ ମଧ୍ୟରୁ କିଛି ଆହତ ହୋଇଥିବା ପୋଲିସ ଜାଣିପାରିଛି ବୋଲି କହିଛନ୍ତି ଏସପି । ସେଠାରେ ବର୍ତ୍ତମାନ ମଧ୍ୟ କୁମ୍ବିଙ୍ଗ ଅପରେସନ ଜାରି ରହିଥିବା ପୋଲିସ ପକ୍ଷରୁ ଜଣାପଡିଛି । ତେବେ ଘଟଣା ବେଳେ ସେଠାରେ କେନ୍ଦ୍ରୀୟ ମାଓ କମିଟି ନେତା ଦାସୁରୁ ଥିବା ଅନୁମାନ କରାଯାଉଛି ବୋଲି କହିଛନ୍ତି ଏସପି । ସେମାନଙ୍କ ମଧ୍ୟରୁ କିଛି ମାଓବାଦୀ କୋଭିଡରେ ଆକ୍ରାନ୍ତ ଥିବା ମଧ୍ୟ ଅନୁମାନ କରାଯାଉଛି ।

# ଅସହାୟ ବୃଦ୍ଧାଙ୍କୁ ସହାୟତା କଲା ଫିରିଙ୍ଗିଆର ବିପଦର ବନ୍ଧୁ ସଂଗଠନ

କନ୍ଧମାଳ,୨୩/୬ (ନି.ପ୍ର): ଜଣେ ଅସହାୟ ବୃଦ୍ଧାଙ୍କୁ ସହାୟତା କରିଛନ୍ତି ଫିରିଙ୍ଗିଆବ୍ଲକ ର ନବଗଠିତ ସ୍ୱରଛାସେବୀ ସଂଗଠନ ‘ବିପଦର ବନ୍ଧୁର” ସଦସ୍ୟ ମାନେ । ସଂଗଠନର ସଦସ୍ୟ ତଥା ଫିରିଙ୍ଗିଆ ବ୍ଲକର ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ସମ୍ବାରିଆ ବେହେରା । ଗତ ସୋମବାର ବିଳମ୍ବିତ ରାତିରେ ଜଣେ ଅଚିହ୍ନା ବୃଦ୍ଧା ଫିରିଙ୍ଗିଆର ନେଡିପଦର ହାଇସ୍କୁଲ ନିକଟରେ ବସିଥିବା କିଛି ଲୋକ ଦେଖିଥିଲେ । ତେବେ ତାକୁ ପଚରାଉଚୁରା କରିବା ପରେ ତାଙ୍କ ଘର ଗଞ୍ଜାମ ଜିଲ୍ଲାର ଖାଲିକୋଟ ଅଂଚଳରେ ବୋଲି ଜଣାପଡିଥିଲା । ସେହି ଲୋକମାନଙ୍କ ମଧ୍ୟରୁ ନେଡିପଦର ଗାଁର ଜଳନ୍ଧର କହଁର ନାମକ ଜଣେ ବ୍ୟକ୍ତି ବିପଦର ବନ୍ଧୁ ପରିବାର ବରିଷ୍ଠ ସଦସ୍ୟ ଉତମ ଖମାରିଙ୍କୁ ଏହି ସୂଚନା ଦେଇଥିଲେ । ଖବର ପାଇବା ପରେ ଉତମଖମାରିଙ୍କ ସହ ସଂଗଠନର ଅନ୍ୟାନ୍ୟ ସଦସ୍ୟମାନେ ହାଇସ୍କୁଲ ପାଖରେ ପହଂଚି ସମ୍ପୃକ୍ତ ବୃଦ୍ଧାଙ୍କୁ ଉଦ୍ଧାର କରି ଫିରିଙ୍ଗିଆ ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ସହଯୋଗରେ ବୃଦ୍ଧା ଜଣଙ୍କୁ ଫିରିଙ୍ଗିଆ ଥାନାରେ ସୁରକ୍ଷିତ ଭାବରେ ରଖାଯାଇ ଥିଲା । ପରେ ଯନ୍ତ୍ରୀ ଶ୍ରୀ ବେହେରା ଖବର ପାଇ ଥାନାରେ ପହଂଚି ବୃଦ୍ଧା ଜଣଙ୍କର ଠିକଣା ବାବାଦରେ ପଚାରି ତାଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲେ । ତାଙ୍କ ଘର ଗଞ୍ଜାମ ଜିଲ୍ଲା ଖଲିକୋଟ ଅଂଚଳର ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଉଦଳା ଥାନାର ପୋସ୍ତପୁର ଗାଁରେ ,ଏବଂ ବୃଦ୍ଧା ଜଣକ ଜଣେ ମାନସିକ ରୋଗୀ ବୋଲି ଜଣାପଡିଲା । ତେବେ ଏହାପରେ ଫିରିଙ୍ଗିଆ ଥାନା ଅଧିକାରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ସହାୟତାରେ ଏକ ଗାଡି କରି ବୃଦ୍ଧାଙ୍କୁ ତାଙ୍କ ଗାଁରେ ଛାଡିବା ବ୍ୟବସ୍ଥା କରାଯାଇଥିଲା । ବିପଦର ବନ୍ଧୁ ସଂଗଠନର ଏତଦୃଶ ଜନ ମଙ୍ଗଳ କାର୍ଯ୍ୟ ଯୋଗୁଁ ଅନୁଷ୍ଠାନର ସମସ୍ତ ସଦସ୍ୟ ମାନଙ୍କ ସମେତ ସହାୟତା କାରୀ ମାନଙ୍କୁ ଜନସାଧାରଣ ପ୍ରଶଂସା କରିଛନ୍ତି ।

## ଘର ଭିତର ପ୍ରଦୂଷଣ କମ୍ କରିବାର ଉପାୟ

**ଅନେକଙ୍କ ଧାରଣା ଯେ ଆମେ ଘର କିମ୍ବା କାର୍ଯ୍ୟାଳୟ ଭିତରେ ରହିଲେ, ପ୍ରଦୂଷଣର କୌଣସି ଭୟ ନାହିଁ । ପ୍ରଦୂଷଣକ ବ୍ୟାପିବାର କୌଣସି ନିର୍ଦ୍ଦିଷ୍ଟ ନୀତିନିୟମ ଥିବାବେଳେ ଯେ କୌଣସି ସ୍ଥାନକୁ ଏହା ବ୍ୟାପିଥାଏ । ଘର ଭିତରେ ରହିଲେ ନିଜ ସହ ପରିବାର ଲୋକଙ୍କୁ ସୁରକ୍ଷିତ ରଖିବେ କିପରି ? ଏ ବାବଦରେ ବିଶେଷଜ୍ଞଙ୍କ ମତ ହେଲା, କେତୋଟି ସରଳ ପଦକ୍ଷେପରେ ଆପଣଙ୍କ ଘର ଭିତର ଓ କାର୍ଯ୍ୟଳୟ ମଧ ପ୍ରଦୂଷଣମୁକ୍ତ ରହିପାରିବ ।**



◗ ଫ୍ରିଜ୍, ଏସି, ଟିଭି, ଲ୍ୟାପଟପ୍,ରନ୍ଧନ ଗ୍ୟାସ୍, ରୁମ୍ ଫ୍ରେଶନର୍, ଫୋମ୍ ସୋଫା, ସ୍ମାର୍ଟ ଫୋନ୍, ଡେସ୍କଟପ୍ ଇତ୍ୟାଦି କାରଣରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥାଏ । ସେସବୁ ଆମ ନିଶ୍ୱାସପ୍ରଶ୍ୱାସରେ ଶରୀର ଭିତରକୁ ଯାଇ କ୍ଷତି ପହଂଚାଇଥାଏ । ଏସବୁ ଜିନିଷର ବ୍ୟବହାର କମ୍ କରିହେବ । କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ କରିବା କାଠିକର କାମ ଅଟେ । କେବଳ ଘର ବାଲକୋନି କିମ୍ବା ଛାତ ଉପରେ ଗଛ ନ ଲଗାଇ ବରଂ ଘର ଭିତରେ ମଧ କୁଣ୍ଡ ରଖି ଗଛ ଲଗାଇବା ଉଚିତ ।



◗ ରୁମ୍ ଫ୍ରେଶନର୍ ବ୍ୟବହାର କରିବା ପରିବର୍ତ୍ତେ ତୁଳସୀ, ପୋଦିନା ଗଛ ଘରର କୌଣସି ଏକ କୋଣରେ ରଖିପାରିବେ । ଏସବୁ ଗଛ ପାଇଁ ଅଧିକ ବଡ କୁଣ୍ଡର ଆବଶ୍ୟକତା ମଧ ନାହିଁ ।

◗ ଘର ଭିତରକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଘି-କୁଆଁରୀ, ସ୍ନେକ୍ ପ୍ଲାଣ୍ଟ, ସ୍ପାଇଡର୍ ପ୍ଲାଣ୍ଟ, ମନି ପ୍ଲାଣ୍ଟ ଇତ୍ୟାଦି ଗଛ ରଖିପାରିବେ । ଏହି ଗଛଗୁଡିକ ଅଙ୍ଗାରକାମ୍ଳକୁ ଶୋଇବା ସହ ଚତୁର୍ଦ୍ଦିଗରେ ପ୍ରଦୂଷଣ କମ୍ କରିଥାଏ ।

- ବିଶେଷଜ୍ଞଙ୍କ ମତରେ ଘର ଭିତରେ ଯଦି ଅଧିକ ସଂଖ୍ୟାରେ ଯନ୍ତ୍ର ଅଛି (ଯେପରି ଫ୍ରିଜ୍, ଟିଭି, ୱାଶିଙ୍ଗ୍ ମେସିନ୍ ଇତ୍ୟାଦି), ପ୍ରତି ୧୦୦ ବର୍ଗଫୁଟ୍‌ରେ ୬ଟି ଇନ୍‌ଡୋର୍ ପ୍ଲାଣ୍ଟଲଗାଇବା ଆବଶ୍ୟକ ।



## ମହୁମାଛିଙ୍କ ରୋସ୍ତୋରାଁ

ମାକଡୋନୋଲ୍ଡ । ପୃଥିବୀର ସବୁଠାରୁ ବଡ଼ ଫାଷ୍ଟଫୁଡ୍ ରେଷ୍ଟୋରାଁ ମଧ୍ୟରୁ ଅନ୍ୟତମ। ଏହି ରେଷ୍ଟୋରାଁ ପ୍ରତିଦିନ ସମଗ୍ର ବିଶ୍ୱରେ ପ୍ରାୟ ୫୮ ମିଲିୟନରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇ ଦେଇଥାଏ । କୌଣସି ହୋଟେଲ ବା ରେଷ୍ଟୋରାଁ ଆଦି ସ୍ଥାନକୁ ସାଧାରଣ ମଣିଷ ଯାଉଥିବାର ଦୃଶ୍ୟ ତ ଆପଣମାନେ ନିଶ୍ଚିତ ଦେଖିଥିବେ। ତେବେ ଜାଣନ୍ତି କି ମଣିଷ ସହିତ ମହୁମାଛିମାନେ ବି ଏବେ ରୋଷ୍ଟୋରାଁ ଯାଇପାରିବେ ଏବଂ ଏହାର ଭରପୁର ମଜା ଉଠେଇପାରିବେ । ଏଭଳି ଏକ ନିଆରା ଉପାୟ ଖୋଜି ବାହାର କରିଛି ମାକଡୋନାଲ୍ଡ କମ୍ପାନି । ସ୍ୱିଡେନରେ ମାକଡୋନାଲ୍ଡ କମ୍ପାନି ତରଫରୁ ବିଶେଷ କରି ମହୁ ମାଛିମାନଙ୍କ ନିମନ୍ତେ ଏକ ରେଷ୍ଟୋରାଁ ଖୋଲାଯାଇଛି । ଏହାକୁ ମାକଡୋନାଲ୍ଡର ସବୁଠାରୁ ଛୋଟ ରୋଷ୍ଟୋରାଁ ବୋଲି କୁହାଯାଉଛି । ଏହି ରୋଷ୍ଟୋରାଁକୁ ତିଆରି କରାଯିବା ପରେ ବୃକ୍ଷ ଲତା ଆଦି ଘେରି ହୋଇ ରହିଥିବା ସ୍ଥାନରେ ଏହାକୁ ରଖାଯାଇଛି। ମାକଡୋନାଲ୍ଡର ଏହି ରେଷ୍ଟୋରାଁକୁ ଜଣେ ପ୍ରଫେସନାଲ ଡିଜାଇନର ଡିଜାଇନ କରିଛନ୍ତି । ମହୁମାଛିମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି ଏହାକୁ ତିଆରି କରାଯାଇଛି । ସ୍ୱିଡେନ, ମାକ ଡୋନାଲ୍ଡର ମାର୍କେଟିଂ ଡାଇରେକ୍ଟର କ୍ରିଷ୍ଟୋଫର ରୋନାଲ୍‌ଙ୍କ କହିବା ମୁତାବକ ଏହି ରେସ୍ତୋରାଁ ବର୍ତ୍ତମାନ ପର୍ଯ୍ୟନ୍ତ ମାକଡୋନାଲ୍ଡର ସବୁଠାରୁ ନିଆରା ରେଷ୍ଟୋରାଁ । ଏହାଛଡ଼ା ରେଷ୍ଟୋରାଁ ତିଆରି କରାଯିବା ଫଳରେ ସ୍ୱିଡେନରେ ମହୁମାଛିମାନଙ୍କୁ ନିଜ ଘର ତିଆରି କରାଯିବା ଫଳରେ ସ୍ୱିଡେନରେ ମହୁମାଛିମାନଙ୍କୁ ନିଜ ଘର ତିଆରି କରିବାରେ କୌଣସି ସମସ୍ୟା ହେବ ନାହିଁ । ବିଶେଷକରି ସ୍ୱିଡେନରେ ମଣିଷର କୁପ୍ରଭାବରୁ ସେମାନଙ୍କୁ ରକ୍ଷା କରିବା ପାଇଁ ଏହି ଭଳି ଏକ ନିଆରା ଶୈଳିର ସନ୍ଧାନ କରାଯାଇଛି । ୟୁରୋପିୟ ସଂଘ ଏକ ନିକଟରେ ନିୟୋନିକୋଟିନାଇଡସ ନାମକ ଏକ କୀଟନାଶକ ଉପରେ ପ୍ରତିବନ୍ଧକ ଲଗାଇଛଛନ୍ତି । ଏହି କୀଟନାଶକ ଫସଲ ସୁରକ୍ଷା କାର୍ଯ୍ୟରେ ଉପଯୋଗୀ ହେଉଥିବା ବେଳେ ମହୁମାଛିଙ୍କ କ୍ଷେତ୍ରରେ ଏଗୁଡ଼ିକ ଅଧିକ ବିପଦ ସୃଷ୍ଟି କରୁଥିବା ଜଣାପଡ଼ିଛି । ମହୁମାଛିଗୁଡ଼ିକ ଗଛପତ୍ର ଉପରେ ବସିବା ବେଳେ କୀଟନାଶକ ପ୍ରଭାବରେ ସେମାନଙ୍କର ମୃତ୍ୟୁ ଘଟୁଛି । ମହୁମାଛିଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଏଭଳି ଏକ ରେଷ୍ଟୋରାଁର ପ୍ରୟୋଜନ ନିଶ୍ଚିତ ରୂପେ ରହିଛି ।




## ଶାଗୁ ଖୀରି



**ସାମଗ୍ରୀ-** ଶାଗୁ ୫୦ଗ୍ରାମ୍, କ୍ଷୀର ୨କପ୍, ଗୁଆଘିଅ ୨ଚାମଚ, ଭାନିଲା ଏସେନ୍ସ ୧ଚାମଚ, କାଜୁ, ଆଲମଣ୍ଡ, ପିସ୍ତାବାଦାମ ଓ କିସ୍‌ମିସ୍ ୧୦ଟି, ଚିନି ୫୦ଗ୍ରାମ୍ ଓ ଲୁଣ ସ୍ୱାଦ ଅନୁଯାୟୀ ।

**ପ୍ରଣାଳୀ-** ପ୍ରଥମେ ଶାଗୁ ପାଖାପାଖି ୩୦ମିନିଟ୍ ଯାଏଁ ବତୁରାଇ ଦିଅନ୍ତୁ। ଏବେ କରେଇରେ ଅଳ୍ପ ଘିଅ ଗରମକରି ସମସ୍ତ ଡ୍ରାଏଫ୍ରୁଟ୍ସକୁ ଭାଜି ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ଏହାପରେ ସେହି କରେଇରେ କ୍ଷୀର, ଚିନି ଓ ଗୁଆଘିଅକୁ ଫୁଟାନ୍ତୁ । କ୍ଷୀର ଫୁଟି ଆସିଲେ ସେଥିରେ ବତୁରା ଯାଇଥିବା ଶାଗୁ, ଭାନିଲା ଏସେନ୍ସ ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇ ଧିମା ଆଞ୍ଚରେ ଶାଗୁ ସିଝିଲା ଯାଏଁ ଫୁଟାନ୍ତୁ। ଏବେ ସେଥିରେ ଭଜା ହୋଇଥିବା ଡ୍ରାଏଫ୍ରୁଟ୍ସକୁ ପକାଇ ଗରମାଗରମ ଖାଇବାକୁ ଦିଅନ୍ତୁ ।

## ଗର୍ଭାବସ୍ଥାରେ ଥାଇରଏଡ୍ ସମସ୍ୟା



ସାରା ପୃଥିବୀରେ ପ୍ରାୟ ୩୦୦ ନିୟୁତ ବ୍ୟକ୍ତି ଥାଇରେଡ୍ ହରମୋନ୍ ଜନିତ ରୋଗ ଭୋଗିଥାନ୍ତି । ଏଥିରେ ପୁରୁଷ ମାନଙ୍କ ଅପେକ୍ଷା ମହିଳା ମାନେ ପ୍ରାୟ ୮ଗୁଣ ଅଧିକା ଆକ୍ରାନ୍ତ ହୋଇଥାନ୍ତି । ଥାଇରଏଡ୍ ହରମୋନ୍ କମିଗଲେ ଡାଏଟିଂ କଲେ ମଧ ମହିଳାମାନଙ୍କର ଓଜନ ବଢ଼ିଯାଏ, ଥକ୍କା ଲାଗେ, କେଶ ଝଡ଼ିଯାଏ ଏବଂ ହାତ ଓ ପାଦର ନଖ ଭାଙ୍ଗିଯାଏ, ଚମ ଶୁଖିଲା ହୋଇ କୁଣ୍ଡେଇ ହୁଏ, ମୁହଁ ଫୁଲିଯାଇ ଶେଥା ଦିଶେ, କୋଷ୍ଠ କାଠିନ୍ୟ ହୋଇ ମାଂସପେଶୀ ଦରଜ ହୁଏ ଆଦି । ଗର୍ଭାବସ୍ଥାରେ ଥାଇରଏଡ୍ ହରମୋନ୍‌ର ଭମିକା ଗୁରୁତ୍ୱପୂର୍ଣ୍ଣ । ପ୍ରଥମ ୩ମାସରେ ଥାଇରେଏଡ୍ ହରମୋନର ପ୍ରଭାବ ଯୋଗୁଁ ଶିଶୁର ମସ୍ତିଷ୍କ ଓ ସ୍ନାୟୁର ବିକାଶ ଘଟିଥାଏ । ଗର୍ଭାବସ୍ଥାର ପ୍ରଥମ ୩ମାସରେ ଆଇଓଡିନ୍ କମ୍ ଥିଲେ ଶିଶୁର ସ୍ନାୟୁ ଓ ମସ୍ତିଷ୍କ ବିକଶିତ ହୋଇନଥାଏ । ତେଣୁ ଶିଶୁର 'କ୍ରେଟିନିଜିମ୍' ହୋଇଥାଏ । ଏବଂ ଚିକିତ୍ସା କଲେ ମଧ ଏହା ଭଲ ହୁଏ ନାହିଁ। ଫଳରେ ଶିଶୁଟି ବାମନ ହୋଇ ରହିଯାଏ । ଗର୍ଭାବସ୍ଥାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ କ୍ରେଟିନିଜିମ୍ ହେଲେ ଅଳ୍ପ କେତେକାଂଶରେ ଭଲ ହୋଇଥାଏ ।

ଗର୍ଭାବସ୍ଥାରେ ଥାଇରଏଡ୍ ସମସ୍ୟା ଦେଖାଦେଲେ ବାରମ୍ବାର ଗର୍ଭନଷ୍ଟ , ଉଚ୍ଚ ରକ୍ତଚାପ, ପ୍ରସବ ସମୟରେ ଶିଶୁ ଶ୍ୱାସରୁଦ୍ଧ ହେବା, ଅପରିପକ୍ୱ ଶିଶୁ ପ୍ରସବ, ଅଳ୍ପ ଓଜନର ଶିଶୁ, ପ୍ରସବ ପରେ ପ୍ରଚୁର କ୍ଷୀର ବାହାରିଥାଏ, ହୃଦରୋଗ ଭଳି ସମସ୍ୟା ଦେଖାଦିଏ ।

ଚିକିତ୍ସା: ଗର୍ଭାବସ୍ଥାରେ ଥାଇରେଡ୍ ହରମୋନ୍ ପରୀକ୍ଷା କରିବା ଜରୁରି । ଏଥିରେ ସବୁ ବେଳେ ଅନ୍ତସ୍ରାବୀ ରୋଗ ବିଶେଷଜ୍ଞଙ୍କର ପରାମର୍ଶ ନେବା ଉଚିତ୍ । ଏହାଛଡ଼ା ଗର୍ଭାବସ୍ଥାର ପ୍ରତ୍ୟେକ ମାସରେ ଚେକଅପ୍ କରି ହସ୍ପିଟାଲ ବା ପ୍ରସୂତି ବିଶେଷଜ୍ଞଙ୍କୁ ପରାମର୍ଶ କରନ୍ତୁ । କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ସପ୍ଲିମେଣ୍ଟ ଥିଲେ କୋବି ଜାତୀୟ ପରିବା ଠାରୁ ଦୂରେଇ ରୁହନ୍ତୁ ।


## ଷ୍ମାର୍ଟ ଫୋନ ବ୍ୟାଟେରି ନିରାପତ୍ତାର ନୂଆ ପଦ୍ଧତି



ସ୍ମାର୍ଟ ଫୋନ, ଲାପଯପ୍ ଭଳି ଇଲେକ୍ଟ୍ରୋନିକସ ସାମଗ୍ରୀରେ ବ୍ୟବହୃତ ବ୍ୟାଟେ ସାଧାରଣତଃ ଲିଥିଅମ-ଆୟନ ଉପାଦାନରେ ତିଆରି । ଏହି ବ୍ୟାଟେରି ସଂପୂର୍ଣ୍ଣ ବିପଦଶୂନ୍ୟ ନୁହେଁ । ଅଧିକ ସମୟ ଧରି ଫୋନ ବ୍ୟବହାର ଦ୍ୱାରା ବ୍ୟାଟେରି ତରଳିଯିବା କିମ୍ବା ମୋବାଇଲରୁ ନିଆଁ ବାହାରିବା ଭଳି ସମସ୍ୟା ହୁଏ । ଏପରି ସମସ୍ୟାରୁ ରକ୍ଷା ପାଇଁ ଆମେରିକାର ଡ୍ରେକ୍ସେଲ ବିଶ୍ୱବଦ୍ୟାଳୟର କାରିଗରୀ ବିଶେଷଜ୍ଞମାନେ ଏକ ନୂଆ ପଦ୍ଧତି ବିକଶିତ କରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି 'ନାନୋଡାଇମର୍ଡ' ନାମକ ଏକ ସୂକ୍ଷ୍ମ ଉପାଦାନ, ଯାହା ଖଣ୍ଡେ କେଶ ମୋଟେଇର ଦଶ ହଜାର ଭାଗରୁ ମାତ୍ର ଏକ ଭାଗ ।

## ଶରୀର ଷ୍ଟ୍ରେଚିଂ

ଶରୀରର ମଧଭାଗ ସମସ୍ତପ୍ରକାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଧାରଣ କରିଛି । ହୃଦଯନ୍ତ୍ର, ଫୁସଫୁସଠାରୁ ଆରମ୍ଭ କରି ଯକୃତ, ପ୍ଲୀହା, ପିତ୍ତକୋଷ, ଅଗ୍ନାଶୟ, କ୍ଷୁଦାନ୍ତ୍ର, ବୃହଦାନ ଆଦି ଏଥିରେ ରହିଛି । ଏସବୁ ଅଙ୍ଗଗୁଡ଼ିକ ଠିକ୍ ଭାବେ କାମ କରିବା ଲାଗି ବ୍ୟାୟାମ ଆବଶ୍ୟକ । ଉପଯୁକ୍ତ ବ୍ୟାୟାମ କରିବା ଦ୍ୱାରା ଏହି ଅଙ୍ଗଗୁଡ଼ିକ କ୍ରିୟାଶୀଳ ହୋଇପାରନ୍ତି । ଜଟିଳ ବ୍ୟାୟାମ କରିବା ସମ୍ଭବ ହେଉନଥିଲେ ଏପରି ସରଳ ବ୍ୟାୟାମ କରିବା ସମାନ ଉପକାର ଦେଇଥାଏ । ଏହା ମଧ ଜଙ୍ଘ ଓ ଗୋଡ଼କୁ ସୁସ୍ଥ ରଖେ ।



ପ୍ରକ୍ରିୟା:- ଚଟାଣରେ ଏକ ମୋଟା ଚାଦର କିମ୍ବା କମ୍ବଳ ବିଛାଇ ତା ଉପରେ ଚକା ପକାଇ ବସିବେ । ୩୦ ସେଣ୍ଟିମିଟର ବ୍ୟାସ ବିଶିଷ୍ଟ ଏକ ଷ୍ଟାବିଲିଟି ବଲ ଆଣି ନିଜ ପିଠି ପାଖରେ ରଖନ୍ତୁ । ଏହା ଯେପରି ଗଡ଼ି ନଯାଏ ସେଥିପ୍ରତି ଦୃଷ୍ଟି ଦେବେ । ଏବେ ଗୋଡ଼କୁ ଆଣ୍ଠୁଠାରୁ ଭାଙ୍ଗି ପଛକୁ ଆଣିବେ ଯେପରି ଦୁଇ ଗୋଡର ଗୋଇଠି ନିତମ୍ବ ତଳେ ରହୁଥିବ । ଏହାକୁ ବୀରାସନ ବୋଲି ମଧ କୁହାଯାଏ । ପଛପଟେ ପିଠିର ମଝିଆମଝି ରଖିଥିବା ବଲ୍‌କୁ ପଛୁଆ ଦୁଇହାତରେ ଧରି ପିଠିପାଖରେ ଲଗାଇ ରଖିବେ ଏବଂ ଧୀରେଧୀରେ ବଲ ଉପରେ ପଛୁଆ ନଇଁ ଆସିବେ । ବେକ ଆଗକୁ ବଢ଼ାଇବା ସହ ଶରୀର ଯେପରି ବଲ୍ ଉପରେ ଭାରା ଦେଇ ରଖିବ । ଏବେ ଦୁଇହାତ ସଳଖ ଭାବେ ପଛପଟକୁ ଲମ୍ବାଇ ଆଣି ଚଟାଣରେ ଲଗାଇବାର ଚେଷ୍ଟା କରିବେ । ଏହି ସ୍ଥିତିରେ ଆଣ୍ଠୁଠାରୁ ହାତ ଆଙ୍ଗୁଳି ଯାଏ ଧନୁ ଆକାରରେ ରହି ବଲ ପିଠି ମଝିରେ ଥାଏ ଏବଂ ଶରୀରର ଭାରା ଏହି ବଲ ଉପରେ ରହିଥାଏ । ଧୀର ଶ୍ୱାସକ୍ରିୟା ସହ ତିନିରୁ ପାଞ୍ଚ ମିନିଟ ପର୍ଯ୍ୟନ୍ତ ଏପରି ସ୍ଥିତିରେ ରହିବା ପରେ ପ୍ରଥମେ ଦୁଇହାତ ଉପରକୁ ଉଠାଇ ପାପୁଲି ଯୋଡ଼ନ୍ତୁ ଏବଂ ଧୀରେଧୀରେ ଉଠିଆସନ୍ତୁ । କିଛି ସମୟ ବିଶ୍ରାମ ନେବା ପରେ ଏହାର ପୁନରାବୃତ୍ତି କରିବେ ।

## କ୍ଷୀରରେ ସୌନ୍ଦର୍ଯ୍ୟ ଚର୍ଚ୍ଚା

**କ୍ଷୀର ସହଜରେ ଉପଲବ୍ଧ । ଏହାକୁ ଏହାକୁ ବ୍ୟବହାର କରି ଉତ୍ତମ ସୌନ୍ଦର୍ଯ୍ୟଚର୍ଚ୍ଚା କରିହେବ। ଗ୍ରୀକ୍ ସୁନ୍ଦରୀ କ୍ଲଓପାଟ୍ରା ନିୟମିତ୍ ଭାବେ ଖିରର ପ୍ରୟୋଗ ନିଜ ତ୍ୱଚାରେ କରୁଥିବା ଇତିହାସରୁ ଜଣାପଡ଼େ ।**

♦ ତ୍ୱଚାକୁ ସଫା ରଖିବା ନିମନ୍ତେ କ୍ଷୀର ସବୁଠୁ ଉତ୍ତମ ସାମ୍ରଗୀ । ସକାଳୁ ଉଠିବା ପରେ ହେଉ କିମ୍ବା ବାହାର ଆସିବା ପରେ ତୁଳାକୁ କ୍ଷୀରରେ ଭିଜାଇ ମୁହଁକୁ ଭଲଭାବରେ ପୋଛିନିଅନ୍ତୁ ।

♦ କେଶ ଶୁଷ୍କ ଥିଲେ କିମ୍ବା ରୁପି ହେଉଥିଲେ, କଞ୍ଚାକ୍ଷୀରକୁ ତୁଳା ସାହାଯ୍ୟରେ ନେଇ କେଶରେ ଲଗାନ୍ତୁ । ୨୦ ମିନିଟ୍ ପରେ କେଶ ଧୋଇନିଅନ୍ତୁ । ନିୟମିତ ଭାବରେ ୧୫ଦିନ ଏହିପରି କରିବା ଦ୍ୱାରା କେଶରେ ଚମକ ଆସିଥାଏ ।

♦ ୩ ଚାମଚ ଖିରରେ ୨ଚାମଚ କମଳା ରସ ନିୟମିତ ଲଗାଇବା ଦ୍ୱାରା ତ୍ୱଚା ସଫା ହୋଇଥାଏ ।

♦ ଭଲ ଭାବରେ ସିଝା ହୋଇଥିବା କ୍ଷୀରରେ ୧ଛୋଟ ଚାମଚ ହଳଦୀ ମିଶାଇ ମୁହଁରେ ଲଗାନ୍ତୁ । ୨୦ମିନିଟ୍ ପରେ ନଖ ଉଷୁମ ପାଣିରେ ଧୋଇ ନିଅନ୍ତୁ ।

♦ କ୍ଷୀର ଓ ଆଳୁରସକୁ ମିଶାଇ ତ୍ୱଚାରେ ଲଗାଇଲେ ଦାଗ ଦୂର ହେବା ସହ କୋମଳ ହୋଇଥାଏ ।




## ଭୋଜନ ନିୟମ



ଭୋଜନ କରିବା ପୂର୍ବରୁ ପାଞ୍ଚ ଅଙ୍ଗ (ଦୁଇହାତ, ଦୁଇଗୋଡ଼ ସହ ମୁହଁ)କୁ ଭଲଭାବରେ ଧୋଇବା ଉହିତ । ଓଦା ପାଦରେ ଭୋଜନ କରିବା ଅତ୍ୟନ୍ତ ଶୁଭଙ୍କର ଭାବେ ଗ୍ରହଣ କରାଯାଏ । ସ୍ୱାସ୍ଥ୍ୟ ଭଲ ରହିବା ସହ ଆୟୁ ବଢ଼େ ବୋଲି ବିଜ୍ଞ ବ୍ୟକ୍ତିଙ୍କ ମତ । ପୂର୍ବ କିମ୍ବା ଉତ୍ତର ଦିଗକୁ ମୁହଁ କରି ଖାଇବା ଉଚିତ । ଏହି ଦିଗକୁ ମୁହଁ କରି ଖାଇବା ଦ୍ୱାରା ଶରୀରକୁ ପୂର୍ଣ୍ଣ ମାତ୍ରାରେ ଶକ୍ତି ମିଳେ । ଦକ୍ଷିର ଦିଗ ଆଡ଼କୁ ମୁହଁ କରି ଖାଇବା ଅନୁଚିତ । ପଶ୍ଚିମ ଦିଗକୁ ମୁହଁ କରି ଖାଇଲେ ରୋଗ ବଢ଼େ ବୋଲି ପ୍ରାଚୀନ ମାନ୍ୟତା ରହିଛି । ବିଛଣା ଉପରେ ବସି ଖାଇବା ସମ୍ପୂର୍ଣ୍ଣ ଅନୁଚିତ । ଖାଇବା ଥାଳିକୁ ହାତରେ ଧରି ଖାଇବା ମଧ ଗ୍ରହଣୀୟ ନୁହେଁ । ଗୋଟିଏ ସ୍ଥାନରେ ବସି ଖାଇବା ଉଚିତ । ଚାଲିବୁଲି ଖାଇଲେ ହଜମ ଠିକ୍ ଭାବରେ ହୁଏନାହିଁ । କେବେହେଲେ ପରଷା ହୋଇଥିବା ଖାଦ୍ୟର ଅପମାନ କରିବେ ନାହିଁ । ରୋଷେଇ କରୁଥିବା ବ୍ୟକ୍ତି ରୋଷେଇ କଲାବେଳେ ଶାନ୍ତ ମନରେ କରିବା ଉଚିତ । ଶୁଦ୍ଧ ମନରେ ରୋଷେଇ କଲେ ଅନ୍ନର ଅଭାବ ହୋଇନଥାଏ ।

## ସ୍ୱାସ୍ଥ୍ୟ ସମାଚାର

କ୍ୟାଲୋରୀ କମାଇବା ଲାଗି ଅନେକେ ଡାଏଟ୍ ଡ୍ରିଙ୍କ ବା ଡାଏଟ୍ ସୋଡା ପସନ୍ଦ କରୁଥିଲେ ମଧ ଏହା ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ । ମହିଳାଙ୍କଠାରେ ଏହା ଷ୍ଟ୍ରୋକ୍ ଆଶଙ୍କା ୨୩% ବଢ଼ାଇଥାଏ । ଏଥିସହିତ ହୃଦରୋଗ ଆଶଙ୍କା ୨୯% ଏବଂ ଅକାଳ ମୃତ୍ୟୁ ଆଶଙ୍କା ୧୬% ବଢ଼ାଏ ବୋଲି ଏକ ଗବେଷଣାରୁ ଜଣାଯାଇଛି । ଏହା ଆମେରିକାନ ହାର୍ଟ ଆସୋସିଏସନର ପତ୍ରିକା ଷ୍ଟ୍ରୋକରେ ପ୍ରକାଶ ପାଇଛି । ଫ୍ଲୁ ବା ଇନ ଫ୍ଲୁଏଞ୍ଜାରେ ଆକ୍ରାନ୍ତ ହେବା ପରେ ଏହା ମଧ ଷ୍ଟ୍ରୋକ୍ ଆଶଙ୍କା ବଢ଼ାଏ । ଏହାର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ ଫ୍ଲୁ ସଂକ୍ରମଣ ଯୋଗୁ ହେଉଥିବା ଇନଫ୍ଲାମେସନ ଏହାର କାରଣ ହୋଇପାରେ ବୋଲି କୁହାଯାଇଛି । କଲମ୍ବିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ କରିଥିବା ଏହି ଗବେଷଣାର ତଥ୍ୟ ଆମେରିକାନ ଷ୍ଟ୍ରୋକ୍ ଆସୋସିଏସନ ପକ୍ଷରୁ ଆୟୋଜିତ ଇଣ୍ଟରନ୍ୟାସନାଲ ଷ୍ଟ୍ରୋକ କନଫରେନ୍ସ -୨୦୧୯ରେ ଉପସ୍ଥାପିତ ହେବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କାଶ୍ମୀରର ଭବିଷ୍ୟତ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆହୂତ ଜାମ୍ମୁ ଓ କାଶ୍ମୀର ସଂକ୍ରାନ୍ତ ସର୍ବଦଳୀୟ ବୈଠକରେ ଯୋଗଦେବାକୁ ଗୁପକାର ଗୋଷ୍ଠୀ ସହମତ ହୋଇଛି । ମଙ୍ଗଳବାର ଦିନ ଗୁପକାର ଗୋଷ୍ଠୀର ଅଧ୍ୟକ୍ଷ ଡକ୍ଟର ଫାରକ ଅବଦୁଲ୍ଲାଙ୍କ ବାସଭବନରେ ଅନୁଷ୍ଠିତ ଏହି ସଂଗଠନର ଛଅଟି ଦଳର ନେତା ଏଭଳି ସିଦ୍ଧାନ୍ତ ଗ୍ରହଣ କରିଛନ୍ତି । ଫଳରେ ଜୁନ୍ ୨୪ ତାରିଖ ଦିନକୁ ଡକାଯାଇଥିବା ଏହି ବୈଠକକୁ ନେଇ ଯେଉଁ ଅନିଶ୍ଚିତତା ଥିଲା ତାହା ଆପାତତଃ ଦୂର ହୋଇଛି । ଆସନ୍ତା ଗୁରୁବାର ଦିନ ଆୟୋଜିତ ଏହି ସର୍ବଦଳୀୟ ବୈଠକରେ ଗୁପକାର ଗୋଷ୍ଠୀଙ୍କ ତରଫରୁ ଡକ୍ଟର ଫାରକୁ ଅବଦୁଲ୍ଲା, ମେହବୁବା ମୁଫତୀ ଏବଂ ଏମ.ୱାଇ. ତାରିଗାମୀ ଯୋଗଦେବେ ବୋଲି ସ୍ଥିର କରିଛନ୍ତି । ଏହି ସର୍ବଦଳୀୟ ବୈଠକରେ ନିର୍ଦ୍ଦିଷ୍ଟ ଭାବେ ଜଣା ନପଡିଥିଲେ ସୁଦ୍ଧା ଜାମ୍ମୁ ଓ କାଶ୍ମୀରରୁ ରାଷ୍ଟ୍ରପତି ଶାସନ ହଟିବା ଏବଂ ସେଠାରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ କରାଇବା ନେଇ ଉପଯୁକ୍ତ ବାତାବରଣ ସୃଷ୍ଟି ନିମନ୍ତେ କେନ୍ଦ୍ର ସରକାର ପ୍ରସ୍ତାବ ଉପସ୍ଥାପନ କରିବା ଆଶା କରାଯାଏ । ସେହିଭଳି ଗୁପକାର ଗୋଷ୍ଠୀ ଏବେସୁଦ୍ଧା ଜାମ୍ମୁ କାଶ୍ମୀରକୁ ପୂର୍ବଭଳି ରାଜ୍ୟର ମାନ୍ୟତା ପ୍ରଦାନ ଏବଂ ସମ୍ବିଧାନର ଧାରା-୩୭୦ ଓ ୩୫ (କ) କାଏମ ରଖିବା ସକାଶେ ଦାବି କରିଆସୁଛନ୍ତି ଏବଂ ସର୍ବଦଳୀୟ ବୈଠକରେ ତାହା ଦୋହରା ଯିବାର ମଧ୍ୟ ସମ୍ଭାବନା ରହିଛି । ୨୦୧୯ ମସିହା ଅଗଷ୍ଟମାସ ପ୍ରଥମ ସପ୍ତାହରେ ଜାମ୍ମୁ କାଶ୍ମୀରରୁ ଧାରା ୩୭୦ର ଉଚ୍ଛେଦ ଏବଂ ରାଜ୍ୟକୁ ଦୁଇଟି କେନ୍ଦ୍ର ଶାସିତ କ୍ଷେତ୍ରରେ ପରିଣତ କରାଯିବା ଦିନଠାରୁ ସେଠାରେ ଅନେକ ରାଜନୈତିକ ଘଟଣା ଘଟିସାରିଛି । ରାଜ୍ୟର ପ୍ରମୁଖ ରାଜନୈତିକ ନେତୃବର୍ଗଙ୍କୁ ଗିରଫ କରାଯିବାଠାରୁ ନେଇ ସେଠାରେ ସାମାଜିକ ଗଣମାଧ୍ୟମ ଉପରେ କଠୋର ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁ ଓ ପ୍ରତିବାଦକାରୀଙ୍କୁ ଜବତ କରାଯିବା ଭଳି ପଦକ୍ଷେପ ସାମିଲ । ତେବେ ଇତିମଧ୍ୟରେ ସେହିସବୁ ନେତୃବର୍ଗଙ୍କୁ ମୁକ୍ତ କରାଯାଇଛି ଏବଂ ଉପତ୍ୟକାରେ ଘଟୁଥିବା ବିଚ୍ଛିନ୍ନତାବାଦୀ କାର୍ଯ୍ୟକୁ ଯଥେଷ୍ଟ ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୯ ମସିହାରେ ଗ୍ରହଣ କରାଯାଇଥିବା ଏଭଳି ପଦକ୍ଷେପ ବିରୁଦ୍ଧରେ ରାଜ୍ୟର ପ୍ରମୁଖ ରାଜନୈତିକ ଦଳର ନେତୃବର୍ଗ ଯେଉଁଭଳି ଭାବେ ବିଷୋଦ୍‌ଗାର କରୁଥିଲେ ତାହା ଏପର୍ଯ୍ୟନ୍ତ ଜାରି ରହିଛି । ତେବେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆହୂତ ବୈଠକ ସେମାନଙ୍କୁ କେବଳ କେନ୍ଦ୍ର ସରକାରଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିବାର ସୁଯୋଗ ଦେବନାହିଁ, ଅପର ପକ୍ଷେ ସେମାନଙ୍କର ଦାବିକୁ ଦୋହରାଇବାର ଅବସର ମଧ୍ୟ ପ୍ରଦାନ କରିବ । ଖୋଦ୍ ପ୍ରଧାନମନ୍ତ୍ରୀ ମଧ୍ୟ କହିଛନ୍ତି ଯେ, ଭବିଷ୍ୟତରେ ଜାମ୍ମୁ କାଶ୍ମୀର ତା'ର ରାଜ୍ୟ ମାନ୍ୟତା ଫେରି ପାଇପାରେ । କିନ୍ତୁ ସେଥିପାଇଁ ପ୍ରଥମେ ଉପତ୍ୟକାରେ ଶାନ୍ତି ବିରାଜମାନ କରିବା ଜରୁରି । ଏହାଛଡ଼ା, ଦେଶର ସୁରକ୍ଷାମଧ୍ୟ ଜରୁରି । ଜାମ୍ମୁ ଓ କାଶ୍ମୀରକୁ ଯେଉଁଭଳି ଭାବେ ସୀମାପାର ଆତଙ୍କବାଦୀ ଅନୁପ୍ରବେଶ ଘଟି ଚାଲିଥିଲା ଏବଂ ସେଠାରେ ରାଷ୍ଟ୍ରବିରୋଧୀ ପ୍ରତିବାଦ ଚାଲିଥିଲା, ତାହା ଇତିମଧ୍ୟରେ ଧିମା ପଡ଼ିସାରିଛି । ସେଠାକାର ସ୍ଥାନୀୟ ଜନସାଧାରଣ ଶାନ୍ତିରେ ବିଶ୍ୱାସୀ, ଗଣତନ୍ତ୍ରରେ ସେମାନଙ୍କର ମଧ୍ୟ ବିଶ୍ୱାସ ରହିଛି । ତେଣୁ ଆତଙ୍କବାଦୀଙ୍କୁ ସମର୍ଥନ ଜ୍ଞାପନ, ସେମାନଙ୍କୁ ଆଶ୍ରୟ ପ୍ରଶ୍ରୟ ପ୍ରଦାନ, ପାକିସ୍ତାନ ସହ ଆଲୋଚନା ପାଇଁ ଦାବି କରିବସିବା ଏସବୁ ସେଠାକାର ରାଜନୈତିକ ଦଳମାନଙ୍କ ଦୁର୍ବଳତାକୁ ହିଁ ପ୍ରମାଣିତ କରିବ । ତେଣୁ ସେଭଳି ଦାବିଠାରୁ ଦୂରରେ ରହି, ଜାମ୍ମୁ କାଶ୍ମୀରରେ ଶାନ୍ତି ଓ ସ୍ଥିରତା, ସେଠାରେ ନିର୍ବାଚନ ଅନୁଷ୍ଠିତ କରାଇବା, ସେ କ୍ଷେତ୍ରରେ ସାମଗ୍ରିକ ପ୍ରଗତି ଘଟାଇବା ଦିଗରେ ହିଁ ହାତମିଳାଇବା ହେଉଛି ସମୟର ଆହ୍ୱାନ ଏବଂ ସେଥିରେ ହିଁ ସବୁ ରାଜନୈତିକ ଦଳର ନେତାମାନଙ୍କ ଭବିଷ୍ୟତ ନିହିତ । ଏହାକୁ ଗୁପକାର ଗୋଷ୍ଠୀର ନେତୃବର୍ଗ ସ୍ମରଣ ରଖିବା ଉଚିତ୍ । ସେମାନଙ୍କ ଅତୀତର କର୍ମ ଓ ଆଭିମୁଖ୍ୟ ସଂପର୍କରେ ଏବେ ଜାମ୍ମୁ କାଶ୍ମୀରବାସୀ ସଂପୂର୍ଣ୍ଣ ଅବଗତ । ତେଣୁ ସର୍ବଦଳୀୟ ବୈଠକରୁ ନିଷ୍କର୍ଷ ବାହାର କରି ଆଗକୁ ଆଗେଇବା ହିଁ ବିଜ୍ଞତାର ପରିଚୟ ହେବ ।

## ବିରଳ ବ୍ୟକ୍ତିତ୍ୱ ଓ ପ୍ରତିଭାର ଅଧିକାରୀ ନବକୃଷ୍ଣ ଚୌଧୁରୀ



ଅମୂଲ୍ୟ କୁମାର ପଣ୍ଡା

ସାଧାରଣ ମଣିଷଟିଏ ଆପଣା ପାଇଁ ହୁଏତ ବଞ୍ଚି ରହିଥାଏ କ୍ଷ କିନ୍ତୁ ସମାଜ ଓ ଜାତି ପାଇଁ ବଞ୍ଚି ରହିଥାଏ କେବଳ ମହାପୁରୁଷ କ୍ଷ ସଂସାରକୁ କେତେ ଲୋକ ଆସୁଛନ୍ତି କେତେ ଲୋକ ବି ଯାଉଛନ୍ତି, ମନେ ରଖି ହୁଏନା ସମସ୍ତଙ୍କୁ କ୍ଷ ମାତ୍ର କେତେକ ବ୍ୟକ୍ତି ଅଛନ୍ତି ଯେଉଁ ମାନେ ସଂସାରରୁ ବିଦାୟ ନେଇ ଚାଲିଯାଇଥିଲେ ମଧ୍ୟ ତାଙ୍କର କର୍ମ ପାଇଁ ଅମର ହୋଇ ରହିଛନ୍ତି କ୍ଷ କର୍ମ ହିଁ ମନୁଷ୍ୟର ପରିଚୟ କ୍ଷ ସେହିପରି ବ୍ୟକ୍ତି ହେଉଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ। ଗାଁରେ ଥିବା ଭୂମିହୀନ ଗରିବ ଚାଷୀମୂଲିଆ ଓ ଅସଂଗଠିତ ଖଟି ଖିଆ ଶ୍ରମିକଙ୍କ ପ୍ରତି ତାଙ୍କର ଥିଲା ଅସୀମ ଦରଦ କ୍ଷ ଏକ ସଂଭ୍ରାନ୍ତ ଓ ଧନାଢ୍ୟ ଜମିଦାର ପରିବାରର ଦାୟାଦ ହୋଇ ସୁଦ୍ଧା ସେ ବିଳାସ ବ୍ୟସନ ପରିହାର ପୂର୍ବକ ଅବହେଳିତ ଓ ନିଷ୍ପେଷିତ ଜନତାଙ୍କ ସହ ମିଶି ନିଜକୁ ସମର୍ପିତ କରିଥିଲେ ଧନୀ, ଜମିଦାର, ଶୋଷକଙ୍କ ବିରୁଦ୍ଧରେ ସେମାନଙ୍କୁ ସଂଗଠିତ କରିବାରେ କ୍ଷ

ନବକୃଷ୍ଣ ଚୌଧୁରୀ ଜଗତସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମ ନେଇଥିଲେ । ତାଙ୍କର ପିତା ଗୋକୁଳାନନ୍ଦ ଚୌଧୁରୀ ଜଣେ ଓକିଲ ଭାବରେ କାମ କରୁଥିଲେ । ନବକୃଷ୍ଣ ପ୍ୟାରୀମୋହନ ଏକାଡେମି ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ। ତାଙ୍କର ବାଲ୍ୟକାଳରୁ ତାଙ୍କର ଦେଶପ୍ରେମ ଓ ସମାଜସେବା ମନୋବୃତ୍ତିର ସୁରାକ ମିଳିଥିଲା। କଟକର ପ୍ୟାରୀମୋହନ ଏକାଡ଼େମୀରୁ ସ୍କୁଲ ଶିକ୍ଷା ପରେ ରେଭେନ୍ ?ଶା କଲେଜରେ ଆଇଏ ପାସ୍ ? କରି ବିଏ ପଢ଼ିବା ବେଳେ ୧୯୨୧ରେ ପାଠପଢ଼ା ଛାଡ଼ି ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ଦୁଇବର୍ଷ ଜେଲ୍ ?ରେ ରହି ଖଲାସ ହେବା ପରେ ୧୯୨୩ ରେ ଶାନ୍ତିନିକେତନ ଗଲେ ଉଚ୍ଚଶିକ୍ଷା ପାଇଁ। ସେଠାରେ ମାଳତୀ ଦେବୀଙ୍କୁ ବିବାହ କଲେ ଓ ପରେ ପରେ ବଡ଼ଭାଇ ଗୋପବନ୍ଧୁ ଚୌଧୁରୀ ଓ ଭାଉଜ ରମାଦେବୀଙ୍କ ପ୍ରେରଣାରେ ସପତ୍ନୀକ ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମରେ ଦୁଇବର୍ଷ ଶିକ୍ଷାଲାଭ କରି ନିଜ ଗାଁ ଖେରସକୁ ଫେରିବା ଭିତରେ ତାଙ୍କ ଜୀବନ ଶୈଳୀରେ ଏପରି ପରିବର୍ତ୍ତନ ଆସିଥିଲା, ଯାହାକି ତାଙ୍କୁ ଜଣେ ଆଦର୍ଶବାଦୀ, ସଚ୍ଚୋଟ ରାଜନେତା ଓ ସ୍ୱାଧୀନତା ସଂଗ୍ରାମୀ ଭାବେ ପରିଣତ କରିଥିଲା।

ନବକୃଷ୍ଣ ଚୌଧୁରୀ ୧୯୫୦ ରୁ ୧୯୫୬ ମସିହା ଯାଏ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ଏହାପୂର୍ବରୁ ୧୯୪୬ରୁ ୧୯୪୮ ଯାଏ



ରାଜସ୍ୱ ଯୋଗାଣ, ପରିବହନ, ଆଇନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରୂପେ କାର୍ଯ୍ୟ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ହେଇଥିବା ନିର୍ବାଚନରେ ସେ ତିର୍ତ୍ତୋଲ ର ଏରସମା ଆସନରୁ ଲଢି ବିଜୟୀ ହୋଇଥିଲେ । ସେହିପରି ଭାରତ ସ୍ୱାଧିନତା ପରେ କେନ୍ଦ୍ରାପଡ଼ା ଆସନରୁ ବିଜୟୀ ହୋଇ ରାଜସ୍ୱ ମନ୍ତ୍ରୀ ହୋଇଥିଲେ । ନବକୃଷ୍ଣଙ୍କ ଶାସନ କାଳରେ ହୀରାକୁଦ ବନ୍ଧ, ଓଡ଼ିଶା କୃଷି ଓ ପଶୁ ଚିକିତ୍ସା ମହାବିଦ୍ୟାଳୟ ଏବଂ ବୁର୍ଲା ବୈଷୟିକ ମହାବିଦ୍ୟାଳୟ ଆଦି ସ୍ଥାପିତ ହୋଇଥିଲା । ବହୁ ବିରୋଧ ସତ୍ତ୍ୱେ ତାଙ୍କ ଉଦ୍ୟମରେ ଓଡ଼ିଆ ଭାଷା ସରକାରୀ ଭାଷାରେ ପରିଣତ ହୋଇଥିଲା। ତାଙ୍କ ଶାସନ ସମୟରେ ବହୁ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସେଥିରେ ଜମିଜମା ସଂସ୍କାର ଆଇନ, ଜମିଦାରୀ ପ୍ରଥା ଉଚ୍ଛେଦ ଅନ୍ତର୍ଭୁକ୍ତ। ନିଶା, ନିବାରଣ ପରି ଆହୁରି ଗୁରୁତ୍ୱପୂର୍ଣ୍ଣ ଅନେକ୍ ସଂସ୍କାର ଆଣିଥିଲେ। ଏହିପରି ଜଣେ କର୍ମୀ ପୁରୁଷ, ବିପ୍ଳବୀ, ମହାନ ଜନ ନାୟକ, କୃଷକ, ଗରିବ, ଖଟିଖିଆ, ଅବହେଳିତ, ନିଷ୍ପେଷିତ ଜନତାର ସୁଖ ଦୁଃଖର ସାଥୀ, ସଚୋଟ ଦେଶ ସେବକ,ସରଳ ଓ ଅହଙ୍କାର ଶୂନ୍ୟ ମଣିଷ ଥିଲେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ କ୍ଷ

ମାନବ ସେବା ହିଁ ମାଧବ ସେବାକୁ ସେ ନିଜର ବ୍ରତ ବୋଲି ଧରି ନେଇ ଥିଲେ କ୍ଷ ଏହାକୁ ସେ ପ୍ରଥମ କର୍ତ୍ତବ୍ୟ ରୂପେ ବାଛି ନେଇ ଗରିବ, ଭୂମି ହୀନ ଓ ପଛୁଆ ବର୍ଗର ଲୋକଙ୍କ ମୌଳିକ ଆବଶ୍ୟକତା ଉପଲବ୍ଧି କରି ତାଙ୍କରି ସେବାରେ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ କ୍ଷ ଗୋଟିଏ ବାକ୍ୟରେ କହିବାକୁ ଗଲେ ସେ ଥିଲେ ଏକଧାରାରେ ସଚ୍ଚା ରାଷ୍ଟ୍ରବାଦୀ, ଅପ୍ରତିଦ୍ୱନ୍ଦି ଜନ ନାୟକ, ନିଷ୍ଠାବାନ ରାଷ୍ଟ୍ରନୀତିଜ୍ଞ, ଗଣତନ୍ତ୍ରବାଦୀ ଓ ସଚ୍ଚା ଦେଶ ସେବକ କ୍ଷ ଉକ୍ତ ମହାନ ବ୍ୟକ୍ତି ୧୯୮୪ ଜୁନ ୨୪ ରେ ସେ ମୃତ୍ୟୁବରଣ କରିଥିଲେ । ତାଙ୍କର ତ୍ୟାଗ, ଉଚ୍ଚ ଚିନ୍ତାଧାରା ଓ ମାନବିକତା ଓଡ଼ିଶା ବାସୀଙ୍କୁ ଚିର କାଳ ସତ୍ୟ, ସେବା ନିଷ୍ଠା ଆଲୋକର ସନ୍ଧାନ ଦେଇ ପଥ ପ୍ରଦର୍ଶନ କରୁଥିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।


+ ଅରଙ୍ଗାବାଦ, ବରୀ, ଯାଜପୁର

ମୋ: ୯୯୩୮୯୦୬୦୭୦


## ସାହିତ୍ୟର ପ୍ରଭାବ ବନାମ ପ୍ରଚାର



ଡକ୍ଟର ମନୋରଞ୍ଜନ ବିଷୋୟୀ

ଯୁଗେ ଯୁଗେ ମଣିଷ ନିଜକୁ ଅନ୍ୟଠାରେ ପରିପ୍ରକାଶ କରିବା ପାଇଁ ବ୍ୟାକୁଳ । ଏହି ବ୍ୟାକୁଳତା ହେଉଛି ତା'ର ରକ୍ତଗତ । ତେଣୁ କୁହାଯାଏ ମାନବର ରୂପାନ୍ତରଣ ପ୍ରବୃତ୍ତିକୁ ଆଧାର କରି ସାହିତ୍ୟ ସୃଷ୍ଟିଲାଭ କରିଥାଏ । ଶବ୍ଦ ସମୂହ ସ୍ରଷ୍ଟାର କଳାନୈପୁଣ୍ୟତାକୁ ଆଧାର କରି ସୁସ୍ଥ ମାନବିକ ଚେତନାକୁ ଉଦ୍‌ବେଳିତ କରିବା ସହ ଆତ୍ମାକୁ ଦେଇଥାଏ ପରିତୃପ୍ତି । ତେଣୁ ତ ପ୍ରତ୍ୟେକ ଯୁଗର ସୃଷ୍ଟି ପ୍ରକ୍ରିୟା ମଧ୍ୟରେ ସମକାଳୀନ ସମୟ ଓ ସଂସ୍କୃତିର ସ୍ପର୍ଶକୁ ଅନୁଭବ କରିହୁଏ । ସ୍ରଷ୍ଟାର ସାରସ୍ୱତ ଆତ୍ମପ୍ରକାଶ ଅନ୍ତରାଳରେ ସମାଜ ପାଇଁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବା ବାର୍ତ୍ତା ସଂଗୁପ୍ତ ଭାବରେ ରହିଥାଏ । ପ୍ରତ୍ୟେକ ସୃଷ୍ଟି ଅବ୍ୟକ୍ତକୁ ବ୍ୟକ୍ତ ଏବଂ ଅପ୍ରକାଶ୍ୟକୁ ପ୍ରକାଶିତ କରିଥାଏ । ସୃଷ୍ଟି ଧାରାରେ ଯୁଗୀୟ ରୁଚି ଓ ମୂଲ୍ୟବୋଧ ପ୍ରତିଫଳିତ ହୋଇଥାଏ । କହିବାକୁ ଗଲେ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ଭିତରେ ଯେଉଁ ପ୍ରବୃତ୍ତିଟି ଅଧିକ ମାତ୍ରାରେ ସ୍ରଷ୍ଟାକୁ ଉଦ୍‌ବେଳିତ କରିଥାଏ । ସେ ସବୁର ଆତ୍ମପ୍ରକାଶକୁ 'ଚେତନା' କୁହାଯାଏ ।

ଏ ପରିପ୍ରେକ୍ଷୀରେ କହିରଖେ ଆମର ଅନେକ ବର୍ଷର ଅନେକ ଭାଷା, ଅନେକ ସାହିତ୍ୟ ଥିଲେ ହେଁ; ଉତ୍ସ ପ୍ରାୟ ସମାନ । ଏବେ ଆଧୁନିକ ସାହିତ୍ୟ ପାଶ୍ଚାତ୍ୟ ସାହିତ୍ୟ ଭୂମିରୁ ଉତ୍ସାହ ଖୋଜିଛି କିନ୍ତୁ ପରମ୍ପରାରୁ କେବେ କେଉଁଠି ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇନାହିଁ । କାରଣ ଆଧୁନିକତା ପରମ୍ପରାହୀନ ଏକ ପରମ୍ପରା ନୁହେଁ ବରଂ ପରମ୍ପରାପ୍ରତି ଏକ ସଚେତନ ପୁନଃ ମୂଲ୍ୟାୟନ ଏବଂ ପୁନଃ ଅନୁଧ୍ୟାନର କ୍ଷେତ୍ର ହେଉଛି ଆଧୁନିକତା । ସଂକ୍ଷେପରେ କହିଲେ- ପରମ୍ପରାର ଏକ ବିକଶିତ, ମୋହମୁକ୍ତ, ପ୍ରାମାଣିକ ତଥା ମୁକ୍ତ ଅନ୍ୱେଷାର କ୍ଷେତ୍ର ହେଉଛି ଆଧୁନିକତା ।

ବସ୍ତୁତଃ ପରମ୍ପରା ଓ ଆଧୁନିକତାର ଏ ଆଲୋଚନା ପ୍ରସଙ୍ଗରେ ମାଟି, ମଣିଷ ଓ ସମୟ- ଏହି ତ୍ରିବିଧ ଧାରାର ସମନ୍ୱୟକୁ ଅନୁଧ୍ୟାନ କରାଯାଇପାରେ । ପ୍ରତ୍ୟେକ ମଣିଷ ମାଟିର ମୋହରେ, ସମୟର ଆହ୍ୱାନରେ ବ୍ୟାକୁଳିତ ହେବା ସ୍ୱାଭାବିକ । ସମୟର ଆହ୍ୱାନରେ ସଭ୍ୟତାର ପଥ ପ୍ରଶସ୍ତ ହୁଏ । ଅବରୁଦ୍ଧ ପରିସରକୁ ଅତିକ୍ରମ କରି ବ୍ୟକ୍ତି ମୁକ୍ତି ପଥର ଅଭିଯାତ୍ରୀ ସାଜେ । କିନ୍ତୁ ଅତୀତ ପ୍ରତି ପ୍ରତିକୂଳ ନୁହେଁ ବରଂ ଅତୀତର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ କରେ ପ୍ରସାରିତ । ପ୍ରତ୍ୟେକ ଜାତି- ସ୍ମୃତି, ସଂକେତ, ଇତିହାସ, ପୁରାଣ, କଥା, ଉପକଥା, ଅତିକଥା ଭିତରେ ପରିପୁଷ୍ଟ ହୋଇଛି । ଯୁଗଯୁଗ ଧରି ଗଢ଼ି ଆସୁଥିବା ଏହି ପ୍ରାଣଶକ୍ତିର ଉତ୍ସକୁ ଅଭିନବ ଭାବରେ ବ୍ୟାଖ୍ୟାୟିତ କରି ନୂତନ ହୁଏ ସମୁଜ୍ଜ୍ୱଳ । ବସ୍ତୁତଃ କହିବାକୁ ଗଲେ ପରମ୍ପରାର ଜୀବିତାଂଶକୁ ଗ୍ରହଣ କରି ନୂତନ ଭାବରେ ପ୍ରାଣ ପ୍ରବାହକୁ ଦର୍ଶାଇବା ହେଉଛି ଆଧୁନିକ ସାହିତ୍ୟର ଲକ୍ଷ୍ୟ ।

ଏଠାରେ ପ୍ରଶ୍ନଉଠେ ସଂପ୍ରତି ଆମ ସାହିତ୍ୟର ସ୍ରଷ୍ଟା ଏ ଦିଗରେ କେତେ ସଚେତନ ? କାରଣ ପ୍ରତ୍ୟେକ ସୃଷ୍ଟିର ଉଦ୍ଦେଶ୍ୟ- ବ୍ୟକ୍ତିଗତ ଆବେଗ ମାଧ୍ୟମରେ ସାମୂହିକ ଆବେଗ ଦିଗକୁ ଯାତ୍ରା ଏବଂ ନାନ୍ଦନିକ ଆବେଗ ସୃଷ୍ଟି ଦିଗରେ ଏକନିଷ୍ଠ ଉଦ୍ୟମ । ତତ୍ ସଂଗେ ସଂଗେ ଅତୀତ ସହ ବ୍ୟକ୍ତିକୁ ସଂଯୁକ୍ତ କରିବା ଏବଂ ଗତିଶୀଳ ପୃଥିବୀର ଅବିଚ୍ଛିନ୍ନ ଅଂଶ ଭାବରେ ଉପସ୍ଥାପିତ କରିବା । ଏ ଦିଗରେ ଆଧୁନିକ ସ୍ରଷ୍ଟା ବେଶ୍ ସଚେତନ ଥିଲେ ହେଁ କିଛି ଅସାହିତ୍ୟିକଙ୍କ ସାହିତ୍ୟ ମଧ୍ୟକୁ ଅନୁପ୍ରବେଶ; ସାହିତ୍ୟର ଲକ୍ଷ୍ୟପଥକୁ ଅବରୋଧ କରି ରଖିଅଛି ।

ସଂପ୍ରତି ଏଭଳି କିଛି ସ୍ରଷ୍ଟା ଅଛନ୍ତି ଯେଉଁମାନେ କି ଏକଚାଟିଆ ଭାବେ ସାହିତ୍ୟ ଚାଷ କରୁଛନ୍ତି । ସେମାନେ ସାହିତ୍ୟ ବେକରେ ପଘା ଲଗାଇ ସେମାନଙ୍କ ମନ ଯୁଆଡ଼େ ସିଆଡ଼େ ସାହିତ୍ୟକୁ ଟାଣି ନେଉଛନ୍ତି । ଫଳତଃ ସାହିତ୍ୟ ତା'ର ଲକ୍ଷ୍ୟପକ୍ଷରୁ କ୍ରମଶଃ ଦୂରେଇ ଯିବାଭଳି ମନେ ହେଉଛି । ଏମାନେ ସାହିତ୍ୟ ରୂପକ ସିଂହାସନ ଉପରେ ବସି କଳେବଳେ କୌଶଳେ ନିଜ ମସ୍ତକରେ ପୁରସ୍କାର ମୁକୁଟ ପିନ୍ଧିବା ଲାଗି ଆପ୍ରାଣ ଚେଷ୍ଟା କରନ୍ତି । ତେଣୁ ତ ସବା ଉପର ମଞ୍ଚରେ ବସିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଚୁର ଦାନ ଦକ୍ଷିଣା ଦେବାରେ ମଧ୍ୟ ତିଳେ ମାତ୍ର କାର୍ପଣ୍ୟ କରନ୍ତି ନାହିଁ । ଏଇମାନେ ସାହିତ୍ୟକୁ ଏକ କିଣାବିକାର ସାମଗ୍ରୀ କରି ପକାଇଲେଣି । ପ୍ରଭାବ ଅପେକ୍ଷା ପ୍ରଚାର ଯୁଗଧର୍ମ ବୋଲି ସେମାନେ ମତ ପ୍ରକାଶ କରନ୍ତି । ତେଣୁ ତ କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ପୁରସ୍କାର ପାଇଲା ତାକୁ ସାହିତ୍ୟିକ ମାନଦଣ୍ଡ ଭାବେ ଗ୍ରହଣ କରାଗଲାଣି । ଯାହାଫଳରେ ସମ୍ବର୍ଦ୍ଧନା ପତ୍ର ପାଇବା ଓ ବାଣ୍ଟିବାକୁ ନେଇ ଘୋଡ଼ା ବେପାର ବୃଦ୍ଧି ପାଇଲାଣି । ସେଥିପାଇଁ ସେମାନେ ସ୍ୱୀକୃତିର ସଚ୍ଚିବାଳୟ ଭିତରେ ନସର ପସର ହୋଇ ଧାଁ ଧପଡ଼ କରନ୍ତି । ଏସବୁକୁ ସାହିତ୍ୟ ସେବା ବୋଲି ଡିଣ୍ଡିମ ପିଟନ୍ତି । ହେଲେ ଖ୍ୟାତି ଭାଗଟିକୁ ସବା ଆଗରେ ଆବୋରି ବସିଥିବା ଏଇ ସାହିତ୍ୟିକମାନେ; ଅନ୍ତଃସ୍ୱୀକୃତି ହିଁ ସାହିତ୍ୟର ମୂଳଭିତ୍ତି ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ।

ତେଣୁ ଆଜି ସାହିତ୍ୟର ଗୁଣାତ୍ମକ ଦିଗ ପ୍ରତି ଦୃଷ୍ଟି ନଦେଇ, କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ଏ ଯୁଗରେ ବଡ଼ପଣ୍ଡା ଠାରୁ ପ୍ରଶଂସାପତ୍ର ପାଇଲା ସେ ସବୁର ବିଚାର କରିବାରେ ଲାଗିଛନ୍ତି । ଫଳରେ ସାହିତ୍ୟ ଆଜି ଗଣର ନ ହୋଇ ଜଣର ହୋଇଛି । ଶନିବାରସୀୟ, ରବିବାରସୀୟ ସାହିତ୍ୟ ଉତ୍ସବମାନ ଛତୁ ଫୁଟିଲା ଭଳି ଗଢ଼ି ଉଠୁଛି । ସେଠାରେ ନିଜ ବନ୍ଦନା ନିଜେ ପଢ଼ି ନିଜକୁ ଅଧିକ ଭାଗ୍ୟବାନ ମନେ କରୁଛନ୍ତି । ଫଳସ୍ୱରୂପ ସେମାନେ ସାହିତ୍ୟର ପ୍ରକୃତ ଲକ୍ଷ୍ୟ କ'ଣ ? ସେହି ପଥରୁ ଦୂରେଇ ଯାଇଛନ୍ତି ।

ବର୍ତ୍ତମାନ ସମୟ ଆସିଛି ଏହି ସମସ୍ୟାର ସୂତ୍ର ଏକକ ସତ୍ତା ଭାବରେ ନୁହେଁ ବରଂ ସମୂହର ଅଂଶ ଭାବରେ ସମ୍ମୁଖୀନ ହେବାର । ସାହିତ୍ୟ ସହ ସମ୍ପର୍କର ଅବିଚ୍ଛିନ୍ନ ସେତୁ ଭାବରେ ମାନବ ଆପଣା କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କଲେ ଯାଇ ସାହିତ୍ୟ ଏହି ବଡ଼ପଣ୍ଡାମାନଙ୍କ କବଳରୁ ମୁକ୍ତି ପାଇ ଏକକ ସହ ସମୂହର ସମନ୍ୱିତ ରୂପକୁ ପରିପ୍ରକାଶ କରିପାରିବ ଏବଂ ଆକାଂକ୍ଷା, ସ୍ୱପ୍ନ, ସମ୍ଭାବନାର କେନ୍ଦ୍ରବିନ୍ଦୁରେ ରହି ଆଗାମୀ ସମୟକୁ ବାର୍ତ୍ତା ପ୍ରଦାନ କରିବ ।


+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ମୋ: ୮୮୯୫୧୪୧୭୨୭


## ଦେବସ୍ନାନ ପୂର୍ଣ୍ଣିମା



ସୌଭାଗ୍ୟ ରଂଜନ ମହାନ୍ତି

ଭଗବାନ ମଧ୍ୟ ମାନବୀୟ ଲୀଳାରେ ନିଜକୁ ହଜାଇ ଦେଇଥାନ୍ତି। ପ୍ରତିକାତ୍ମକ ଲୀଳା ଭାବେ ଏହି ଦେବସ୍ନାନ ପୂର୍ଣ୍ଣିମା ଇତିହାସ ରଚିଛି। ଆମେ ପ୍ରତ୍ୟେକ ଦିନ ସ୍ନାନ କରୁଥିବାବେଳେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁ ଭାଇଭଉଣୀ ନେଇ ବର୍ଷରେ ଥରେ ମହାସ୍ନାନ କରିଥାନ୍ତି। ଆମର ୨୪ ଘଂଟାରେ ଗୋଟିଏ ଦିନ ହେଉଥିବା ସ୍ଥଳେ ତାଙ୍କ ପାଇଁ ଆମର ହିସାବରେ ୩୬୫ ଦିନରେ ତାଙ୍କର ଗୋଟିଏ ଦିନ ହୋଇଥାଏ। ଏଣୁ ଆମ ହିସାବରେ ବର୍ଷକରେ ତାଙ୍କର ଗୋଟିଏ ଦିନ ସେହିଦିନ ମହାସ୍ନାନ ଆଷାଢ ମାସ ଶୁକ୍ଳପକ୍ଷ ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଏହା ଅନୁଷ୍ଠିତ ହୋଇଥାଏ। ଯଦିଓ ପ୍ରତ୍ୟେକ ଦିନ ଠାକୁରଙ୍କ ପୂଜାବେଳେ ସ୍ନାନ ନିତିର ପରମ୍ପରା ରହିଛି କିନ୍ତୁ ବର୍ଷସାରା ଚତୁର୍ଦ୍ଧା ମୂର୍ତୀ କେବଳ ମନ୍ତ୍ର ସ୍ନାନ କରନ୍ତି, ମାତ୍ର ସ୍ନାନ ପୂର୍ଣ୍ଣିମା ଦିନ ତିନି ଠାକୁରଙ୍କ ଉପରେ ଜଳ ଲାଗି ହୋଇଥାଏ। ମନ୍ତ୍ର ସ୍ନାନ ଅର୍ଥାତ୍ ପ୍ରତିଦିନ ମହାପ୍ରଭୁଙ୍କ ପ୍ରତି ଛବିକୁ ପିତଳର ଦର୍ପଣରେ ସ୍ନାନ କରାଯାଇଥାଏ। ସେହି ଦର୍ପଣ ଆଗରେ ହିଁ ମହାପ୍ରଭୁଙ୍କର ଚନ୍ଦନ, କର୍ପୂର ଆଦି ପ୍ରଦାନ କରାଯାଇଥାଏ। ବର୍ଷକରେ ମାତ୍ର ଗୋଟିଏ ଦିନ ଚତୁର୍ଦ୍ଧାମୂର୍ତୀ ସ୍ନାନ ବେଦୀରେ ସ୍ନାନ କରିଥାନ୍ତି। ଶ୍ରୀମନ୍ଦିର ପରିସରରେ ଥିବା ସୁନା କୂଅରୁ ପାଣି ଆସେ। ମହାପ୍ରଭୁଙ୍କ ସ୍ନାନ ପାଇଁ ଶ୍ରୀମନ୍ଦିରରେ ଥିବା ଗରାବଡୁ ସେବାୟତ ଏହିପାଣି ଆଣିଥାନ୍ତି। ସ୍ନାନବେଦୀ ନିକଟରେ ଥିବା ଅଧିବାସ ଗୃହରେ ହିଁ



ପ୍ରଥମେ ୧୦୮ ଗରା ପାଣିକୁ ସଂସ୍କାର କରାଯାଇଥାଏ। ଚୁଆ, ଚନ୍ଦନ, କର୍ପୂର ସହ ବିଭିନ୍ନ ପ୍ରକାର ଔଷଧୀୟ ଦ୍ରବ୍ୟ ମିଶାଯାଇ ସ୍ନାନ ପାଇଁ ଥିବା ଜଳକୁ ସଂସ୍କାର କରାଯାଏ। ଦେବସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧାମୂର୍ତୀ ପହଣ୍ଡିରେ ଆସିଥାନ୍ତି ସ୍ନାନବେଦୀକୁ। ରତ୍ନ ସିଂହାସନରୁ ପ୍ରଥମେ ଆସନ୍ତି ଗରୁଡ ସ୍ତମ୍ଭ ନିକଟକୁ ତାପରେ ସାତ ପାହାଚ ବାଟ ଦେଇ ବାଟ ଅଗଣା ଓ ସେଠାରୁ ଆନନ୍ଦ ବଜାର ଦେଇ ଯାଇଥାନ୍ତି ସ୍ନାନ ବେଦୀକୁ। ସେଠାରେ ହୁଏ ସ୍ନାନ ପରମ୍ପରା। ଠାକୁର ସ୍ନାନ କରନ୍ତି ସୁବାସିତ ଜଳରେ। ଆଉ ସ୍ନାନ ପରେ ହାତୀ ବେଶରେ ସାହାଣ ମେଲା ଦର୍ଶନ ଦିଅନ୍ତି ଭକ୍ତଙ୍କୁ। ତେବେ ସାହାଣ ମେଲା ଦର୍ଶନ ପରେ ଠାକୁର ଆଉ ଫେରିନଥାନ୍ତି ରତ୍ନ ବେଦୀକୁ। ସ୍ନାନ ବେଦୀରୁ ସିଧା ଯାଇଥାଆନ୍ତି ଅଣସର ଗୃହକୁ। ୧୫ ଦିନ ପର୍ଯ୍ୟନ୍ତ ମହାପ୍ରଭୁ କାହାକୁ ଦର୍ଶନ ଦିଅନ୍ତି ନାହିଁ। ଅଣସର ଘରେ ଠାକୁରଙ୍କର ଉପଚାର ବିଧି ହୋଇଥାଏ। ୧୫ ଦିନ ପରେ ସୁସ୍ଥ ହୋଇ ନବଯୌବନ ବେଶରେ ସିଧା ଆସନ୍ତି ରଥ ଉପରକୁ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବାପାଇଁ। ତାପରେ ନବ ଦିନାତ୍ମକ ରଥଯାତ୍ରା କରିବା ପରେ ଫେରି ଯାଇଥାନ୍ତି ରତ୍ନ ସିଂହାସନଙ୍କୁ। ଦାରୁ ବ୍ରହ୍ମଙ୍କ ଲୀଳା କ୍ଷେତ୍ର ପୁରୁଷୋତମ କ୍ଷେତ୍ରରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଏକ ଶାସ୍ତ୍ରୀୟ ଭିତି ଭୂମିର ଲୀଳା ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏଇ ସ୍ନାନ ହୋଇଥିବାରୁ ଏହାକୁ ଶ୍ରୀଦାରୁ ବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି କୁହାଯାଏ। ମହାପ୍ରଭୁଙ୍କୁ ଦାରୁ ବ୍ରହ୍ମ ରୂପ ଧାରଣ ପରେ ପ୍ରଥମ ମଙ୍ଗଳମୟ ମୁହୂର୍ତରେ ରାଜା ଇନ୍ଦ୍ରଦ୍ୟୁମ୍ନ ଠାକୁରଙ୍କୁ ସ୍ନାନ କରାଇଥିଲେ। ସେତେବେଳେ ସ୍ନାନ ମଣ୍ଡପ ନଥିବାରୁ ଏକ କାଠର ମଂଚ ନିର୍ମାଣ କରାଇ ତା ଉପରେ ସ୍ନାନ ବିଧି ସମାପନ କରାଇଥିଲେ। ଶାସ୍ତ୍ରମତରେ ୧୦୮ ସୁନାକଳସରେ ଜଳ ଅଭିମନ୍ତ୍ରିତ ହୋଇ ମହାପ୍ରଭୁଙ୍କୁ ସ୍ନାନ କରାଇଥିଲେ। ଶାସ୍ତ୍ର ମତେ ଜ୍ୟେଷ୍ଠ ପୂର୍ଣ୍ଣୀମାରେ ଠାକୁରଙ୍କର ଆବିର୍ଭାବ ହୋଇଥିଲା। ରଥ ଯାତ୍ରାବେଳେ ଗଜପତିଙ୍କର ଛେରାପହଁରା ଭଳି ସ୍ନାନ ବେଦୀରେ ମଧ୍ୟ ଏହି ଛେରା ପହଁରା ନୀତି ରହିଛି। ଗଜପତି ତାଙ୍କ ତାନଦାନରେ ଆସି ୨୨ ପାହାଚ ଦେଇ ସ୍ନାନ ବେଦୀକୁ ଯାଇ ସେଠାରେ ସେ ମହାପ୍ରଭୁଙ୍କ ବସ୍ତ୍ର, ତୁଳସୀ, ପୁଷ୍ପାଞ୍ଜଳୀ ଅର୍ପଣ କରି ଆଳତୀ କରିବା ପରେ ଛୋରାପହଁରା ହୁଏ ସ୍ନାନ ବେଦୀରେ ଚାରି କଡରେ ସର୍ବମୋଟ ୩ ଘେରା ଛେରା ପହଁରା କରାଯାଇଥାଏ। ଜ୍ୟେଷ୍ଠ ପୂର୍ଣ୍ଣୀମାରେ ମହାପ୍ରଭୁଙ୍କ ପ୍ରଥମ ସ୍ନାନ ଲୀଳାକୁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଦର୍ଶନ କରୁଥିବାରୁ ଏହି ଲୀଳାକୁ ପତିତପାବନ ଲୀଳା କୁହାଯାଏ। ଦେବା ଦେବୀମାନେ ମାନବୀୟ ଲୀଳାରେ ସ୍ନାନାଦି ଆଦି କାର୍ଯ୍ୟ ସମାପନ କରିଥାନ୍ତି। ଏହାହିଁ ହେଉଛି ମଣିଷ ଓ ପ୍ରକୃତି ମଧ୍ୟରେ ମିଳନ। ପ୍ରତି ଗ୍ରାମରେ ଗ୍ରାମ ଦେବୀଙ୍କୁ ମଧ୍ୟ ସ୍ନାନ କରାଯିବାର ପରମ୍ପରା ରହିଛି। ମା ତାରିଣୀଙ୍କର ଏହି ସ୍ନାନ ପରମ୍ପରା ରହିଛି। କିନ୍ତୁ ଜଗତର ନାଥ ଜଗନ୍ନାଥଙ୍କ ସ୍ନାନକୁ ମହାସ୍ନାନ କୁହାଯିବା ସଙ୍ଗେ ସଙ୍ଗେ ଏହି ମହାସ୍ନାନର ସ୍ୱତନ୍ତ୍ରତା ରହିଛି। ଜଗତରେ ଏପରି ସ୍ନାନ ପଦ୍ଧତି ଅନ୍ୟ କୌଣସି ଠାକୁରଙ୍କ ଠାରେ ଦେଖାଯାଏନାହିଁ। ସେଇଥିପାଇଁ ଦୁନିଆରେ ବିଭିନ୍ନ କୋଣରୁ ଅନେକ ହଜାର ହଜାର ଭକ୍ତ ଏହି ଅଲୌକିକ ସ୍ନାନ ପ୍ରକ୍ରିୟା ଦେଖିବାକୁ ଚାଲି ଆସନ୍ତି ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ବେଳକୁ। ଯେଉଁ ଠାକୁରଙ୍କର ସବୁ କିଛି ମହାନ୍ ତାଙ୍କର ସ୍ନାନ ଯାତ୍ରା ଛୋଟ ବା ହୁଅନ୍ତା କିପରି ? ମହାପ୍ରଭୁଙ୍କ ସ୍ନାନରେ ଶ୍ରୀଜଗନ୍ନାଥଙ୍କର ସ୍ନାନରେ ୬୦ ଜଣ ସେବକ, ବଳଭଦ୍ରଙ୍କ ସେବାରେ ୫୦ଜଣ ସେବକ, ମା ଶୁଭଦ୍ରାଙ୍କ ସେବାରେ ୩୦ଜଣ ସେବକ ନିୟୋଜିତ ହେବାବେଳେ ସୁଦର୍ଶନଙ୍କ ସେବାରେ ୨୦ଜଣ ସେବକ ନିୟୋଜିତ ହୋଇଥାନ୍ତି।


+ ସମ୍ମାନ ଭବନ,

ପ୍ଳଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,

ରୋଡ ନଂ-୩, ଶିଶୁପାଳଗଡ,- ୭୫୧୦୦୨

ମୋ: ୯୪୩୭୯୯୪୩୭୯


## କବିତା କୋଣାର୍କ

### ନବକୃଷ୍ଣ ଚୌଧୁରୀ

ଅନୀତା ପାଣି



ଅଦ୍ୱିତୀୟ ତୁମେ ମୁଖ୍ୟମନ୍ତ୍ରୀ ମଧ୍ୟେ
ଓଡିଶା ଶାସନେ ଶଶି
ଜନନାୟକ ହେ ନିଷ୍ଠାର ପ୍ରତିମା
ନିଷ୍କଳଙ୍କ ତୁମେ ଋଷି ।
ଜଗତସିଂହପୁର ଖେରସ ଗ୍ରାମର
ଜମିଦାର ପରିବାରେ
ଜନମି ଥିଲ ହେ ନବକୃଷ୍ଣ ବାବୁ
ସଂଭ୍ରାନ୍ତ ପିତା ଘରେ ।

ଜମିଦାର ଘର ଆଭିଜାତ୍ୟ ଭରା
ପ୍ରାଚୁର୍ଯ୍ୟ ଭିତରେ ଚଳି,
ତମାମ ଜୀବନ କାଟି ଦେଲ ତୁମେ
ସାଧାରଣ ବ୍ୟକ୍ତି ଭଳି।
ପଦବୀର ମୋହ ଛୁଇଁ ପାରିନାହିଁ
ସ୍ୱଚ୍ଛ ପବିତ୍ର ମନ
ଉଚ୍ଚପଦ ତୁମେ ଅଳଙ୍କୃତ କରି
ସରଳ ଥିଲା ଜୀବନ ।

ଭାଗଚାଷୀ ପ୍ରଥା ନିଶା ନିବାରଣ
ମୌଳିକ ସମସ୍ୟା ସବୁ,
ଓଡ଼ିଆ ଭାଷାର ପ୍ରଶାସନ କଲେ
କରିଥିଲ ତୁମେ ଲାଗୁ ।
ବ୍ୟକ୍ତିତ୍ୱ ବତାଏ ରାଜନୀତି ନୁହେଁ
ଷଡଯନ୍ତ୍ର ଘୃଣ୍ୟ ଖେଳ
ସତ୍ୟ ନିଷ୍ଠ ତ୍ୟାଗ ତପସ୍ୟା ମନ୍ତ୍ରରେ
ମାନବ ସେବା ହିଁ ମୂଳ ।

ଜୀବନର ଶେଷ ସମୟ କଟିଲା
ବାଜିରାଉତ୍ ଛାତ୍ରାବାସେ,
ଆଦିବାସୀ ପିଲା ଶିକ୍ଷିତ କରିଲ
ସ୍ନେହ ଶ୍ରଦ୍ଧା ଦେଇ ପାଶେ ।


+ ସାଉଥ୍ ବଲଣ୍ଡା, ତାଳଚେର,

ମୋ: ୮୩୨୭୭୦୫୯୭୦




### ସ୍ନାନ ପୂର୍ଣ୍ଣିମା...

ସୁଧାକର ରାଉତ



ରୌଦ୍ର ତାପ ପ୍ରଭୁ ସହି ନପାରି
ସିନାନ ବେଦୀକୁ ଯିବ ବାହାରି
ଭାଇ ଭଉଣୀଙ୍କୁ ଧରି
ରତ୍ନ ସିଂହାସନ ପଡ଼ିଯାଇ ଶୂନ୍ୟ
କାନ୍ଦିବ ତୁମକୁ ଝୁରି ।

ସୁନା କୂଅରୁ ଶହେଆଠ ଗରା
ସୁଶୀତଳ ଜଳ ଆସିବ ପରା
ଚନ୍ଦନ କର୍ପୁର ସହ
କେଶର ବି ଯେବେ ଗୋଳି ହୋଇଯାଏ
ବାସି ଉଠେ ମହମହ ।

ସେ ଜଳେ ଆନନ୍ଦେ କରିବ ସ୍ନାନ
ଧାରଣ କରି ବେଶ ଗଜାନନ
ଆହାକି ଅପୂର୍ବ ରୂପ
ଥରେ ସେ ରୂପକୁ ଦରଶନ କଲେ
ନାଶ ହୁଏ ସବୁ ପାପ ।

କରୁଣା ବାରିଧିକ ଚକାନୟନ
ସବୁ ଜାଣିଶୁଣି ହୁଅ ଅଜ୍ଞାନ
ନ ହେବାକୁ ସଂକ୍ରମଣ
ହେ ଭକ୍ତ ବତ୍ସଳ ଭକତଙ୍କ ବିନା
ସବୁ ହେବ ସମାପନ ।

କାହିଁକି ପ୍ରଭୁ ହେଉଛ ନିଷ୍ଠୁର
ଦୁଃଖ ତାପ ଜାଳଇ ଏ ସଂସାର
ତୁମରି କରୁଣା ବାରି
କିଞ୍ଚିତ ସିଞ୍ଚିଲେ ମହା ବିପତ୍ତିରୁ
ଯାଆନ୍ତୁ ପରା ଉଦ୍ଧରି


ପ୍ରତାପ ନଗରୀ, କଟକ

ମୋ: ୮୨୪୯୯୩୨୭୯୨


## କବିତା କୋଣାର୍କ

### ମୋ ଗାଁ ...

ଡିସମ୍ବର ମେହେର



ବଣ ପର୍ବତ ଘେରା
ନଈନାଳରେ ଭରା
ଭଲ ଲାଗେ ଏଠି ଶୀତ କାକର
ବରଷା ଦୃଶ୍ୟ ମନୋହରା ।

ଭିଜା ମାଟିର ବାସନା ଲାଗେ
ଚନ୍ଦନ କର୍ପୁର ପରି
କଳାହାଣ୍ଡି ମେଘକୁ ଦେଖ
ଆଣୁଛି ଝଡି ବରଷା ଧରି ।


ସୁନାର ଫସଲ ଝଲସି ଉଠେ
ଖୁସି ହୁଏ ଚଷା ଭାଇ
ଆସଇ ପରବ ପାଳିବା
ଖୁସିରେ ପୁସପୁନି ନୂଆଁଖାଇ

ଭାଜିକାଞ୍ଜି ର ସୁଆଦ ଏଠି
କେତେ ଯେ ମନଲୋଭା
ପାଟି ଡଙ୍ଗରେ ବୁଡିଲା ସୂରୁଜ
ରକ୍ତ ବର୍ଣ୍ଣ ତାର ଆଭା ।

ଦେବାଳୟରେ ପୂଜା ପାଆନ୍ତି
ଜଗନ୍ନାଥ, ମହାଦେବ
ଗଢିଆଣି ଆମ ଇଷ୍ଟଦେବୀ ମାଁ
ପଣତରେ ଘଣ୍ଟ ଘୋଡାଇ ଥିବ ।

ଭାଇ ଭାଇ ମିଶି କରିବା ଉନ୍ନତି
ଲେଖି ଯିବା ଆମ ଗାଁ ନାଆଁ
ଭାରତ ଦେଶରେ ସଭିଁଏ ଜାଣିବେ
ମୋ ମାଟି ମାଆର ନାଆଁ ।


ଗଣ୍ଡାବାହାଲି ନୂଆପଡା






## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

ଭାଗ-୨୧

ଅଶ୍ୱତ୍‌ଥାମାଙ୍କଠାରୁ ସବୁ ଶୁଣିବା ପରେ ଦୁର୍ଯ୍ୟୋଧନଙ୍କ ଉପରେ ଯେତେ ରାଗ ଆସୁଥିଲା ସେତିକି ଦୁଃଖ ମଧ ଲାଗୁଥିଲା । ଭବିଷ୍ୟତ ପାଇଁ ଶଙ୍କା ଜାଗୁଥିଲା ମନରେ । ଏବେଠାରୁ ଦୁର୍ଯ୍ୟୋଧନଙ୍କୁ ଜଗିରଖି ଚଳିବାକୁ ପଡ଼ିବ । ନହେଲେ ଆଗାମୀ ଦିନରେ ଆହୁରି କିଛି ଅଘଟଣ ଯେ ସେ ନ ଘଟାଇବେ, ତାହା କିଏ କହିପାରେ ।

ଆଶ୍ରମରେ ସନ୍ଧ୍ୟା ପ୍ରାର୍ଥନା ପାଇଁ ଘଣ୍ଟା ବାଜି ଉଠୁଥିଲା । ଅଶ୍ୱତ୍‌ଥାମା ମୋ ଠାରୁ ବିଦାୟ ନେଇ ଚାଲିଗଲେଣି । ଅଥଚ ଏକାଏକା ମୁଁ ମୋ ଭାରାକ୍ରାନ୍ତ ମନରେ ଚିନ୍ତା କରୁଥିଲି, ସତରେ ଏଇ ମଣିଷର ମନ କେତେ ପରିବର୍ତ୍ତନଶୀଳ । କ୍ଷଣକ୍ଷଣକରେ ପରିବର୍ତ୍ତନ ହୋଇଯାଏ ଏଇ ମନ । କେତେ ହିଂସା, ଦ୍ୱେଷ, ପୁଣି ମାନ-ଅଭିମାନ ସବୁ କିଛି ତ ଏଇ ମନକୁ ନେଇ । ମନର ମୂଳେ ଏ ଜଗତ । ମନର ରୂପରେଖରେ ମଣିଷ ଯେଉଁଠି ଶାନ୍ତ, ଧୀର ପାଲଟିଯାଏ ପୁଣି ସେହି ମନର ସ୍ଥିତିରେ ଭୟଙ୍କର ପାଲଟିଯାଏ । ପରିସ୍ଥିତି ହୋଇପଡ଼େ ଅଣାୟତ୍ତ । ଏହାହିଁ ତ ମଣିଷ ଭାଗ୍ୟର ବିଡ଼ମ୍ବନା ।

- ଅଠର -

ଗୁରୁକୁଳ ଆଶ୍ରମରେ ଦୀର୍ଘ ଛଅବର୍ଷ ବିତିଗଲାଣି । ପାଠପଢ଼ାର ସମୟ ଆମର ସରିସରି ଆସୁଥିଲା । ଏହାରି ମଧ୍ୟରେ ଯାହାକିଛି ଶିକ୍ଷାକଲି ତାହାହିଁ ମୋ ପାଇଁ ପରମ ସୌଭାଗ୍ୟ । ସେ ସବୁ ସୌଭାଗ୍ୟର ଅଧିକାରୀ ହୋଇପାରିଲି ମୋ ବାପାଙ୍କ ପାଇଁ । କାରଣ ସ୍ୱୟଂ ମହାରାଜଙ୍କ ଅନୁକମ୍ପା ନ ଥିଲେ ସେତକ ମଧ ସୁଯୋଗ ମିଳନ୍ତା ନାହିଁ ମୋତେ । ତେଣୁ ମହାରାଜଙ୍କ ନିକଟରେ ମୁଁ ଚିର କୃତଜ୍ଞ ।

ଗୁରୁକୁଳ ଆଶ୍ରମରେ ମୁଁ ସିଦ୍ଧି ପାଇଛି, ଶିକ୍ଷା ପାଇଛି । ବିଭିନ୍ନ ଅସ୍ତ୍ର କୌଶଳ ଶିଖି ପାରିଛି । ଏତେ ପ୍ରାପ୍ତି ପରେ ବି ସତେଯେମିତି ଆହୁରି କିଛି ବାକି ରହିଯାଇଛି । ଏବେବି ପୂର୍ଣ୍ଣତା ହୋଇନି ମୋର । କାରଣ ମୁଁ ନା ହୋଇପାରିଲି ଗୁରୁ ଦ୍ରୋଣଙ୍କର ପ୍ରିୟଭାଜନ, ନା ଅସ୍ତ୍ରବିଦ୍ୟାରେ ପ୍ରବୀଣ । ସତରେ କ'ଣ ମୁଁ ଏ ପର୍ଯ୍ୟନ୍ତ ଅର୍ଜୁନଙ୍କ ସମସ୍କନ୍ଧ ହୋଇ ପାରିଛି ? ମୋର ଏସବୁ ପ୍ରତିବନ୍ଧକ ମୂଳରେ ତ ମୋର ନୀଚକୁଳର ଜନ୍ମଜାତକକୁ ନେଇ । ଆଉ ସେଇଥିପାଇଁ ମୋ ମନରେ ଜଳି ଉଠୁଥିଲା ବିଦ୍ରୋହର ନିଆଁ । କେହି ବୁଝୁ ଅବା ନ ବୁଝୁ ମୋ ନିଜସ୍ୱ ଅନ୍ତର୍ବେଦନା ମୋତେ ଉଦ୍‌ବେଳିତ କରୁଥିଲା । ସତରେ ଯେମିତି ମୃତ୍ୟୁର ଶୀତଳ ସ୍ପର୍ଶରେ ମୋ ଦେହ ଥରି ଉଠୁଥିଲା । ମୁଁ ଯେ ସୂତକୁଳରେ ଜନ୍ମିତ । ମୋ ପାଇଁ ତେଣୁ ସବୁ ଦ୍ୱାର ରୁଦ୍ଧ । ମୁଁ ନିଜେ କିନ୍ତୁ ଏସବୁ କଥାରେ ଦବିଯିବାର ନୁହେଁ । ସଂଗ୍ରାମ ହିଁ ମୋ ଜୀବନ ପାଇଁ ଏକ ଆହ୍ୱାନ । ତେଣୁ ଧୈର୍ଯ୍ୟର ସହ ମୋତେ ପ୍ରତୀକ୍ଷା କରିବାକୁ ପଡ଼ିବ ସେଇ ନିର୍ଦ୍ଦିଷ୍ଟ ସମୟକୁ । ସମସ୍ତ ବାଧାବିଘ୍ନକୁ ମୁକାବିଲା କରି ଅପେକ୍ଷା କରିବାକୁ ପଡ଼ିବ । ନିଜମନକୁ ଦୃଢ଼କରି ସଂକଳ୍ପ କଲି । ମୋତେ ଯେମିତି ହେଉ ପରଶୁରାମଙ୍କ ଶିଷ୍ୟ ହେବାକୁ ପଡ଼ିବ । ମନ କହୁଥିଲା ମୁଁ ପାରିବି ନିଶ୍ଚୟ ପାରିବି । ମୋ ମନରେ ଉଦ୍‌ବେଳନ । ଅନେକ ଆଶଙ୍କା ଓ ଭୟ ମଧ । ପରଶୁରାମ ଯେ କେବଳ ବ୍ରାହ୍ମଣଙ୍କୁ ହିଁ ଶିଷ୍ୟରୂପେ ଗ୍ରହଣ କରିଥାନ୍ତି ! ତଥାପି ଦେଖାଯାଉ ।

ମନ ଥିଲେ ଉପାୟ ଆସେ । ମନ ମୋର ନିର୍ମଳ, ସ୍ୱଚ୍ଛ । ସେଠି ସବୁ କିଛି ଅସମ୍ଭବ ହୁଏ ସମ୍ଭବ । ପରଶୁରାମଙ୍କ ଆଶ୍ରମକୁ ଯାତ୍ରା କରିବା ଉଦ୍ଦେଶ୍ୟରେ ଅଳ୍ପକିଛି ପାଥେୟ ନେଇ ଶୁଭଲଗ୍ନ ଦେଖି ମହେନ୍ଦ୍ରଗିରି ଯାତ୍ରା ନିମନ୍ତେ ନିଜକୁ ପ୍ରସ୍ତୁତ କରିନେଲି । ହାତରେ ଧନୁର୍ବାଣ । କ୍ଷୁଧା ମେଣ୍ଟାଇବା ପାଇଁ ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଧରି ଅଶ୍ୱପିଠିରେ ବସି ବାହାରି ପଡ଼ିଲି । ବାପା ପ୍ରଥମେ ସମ୍ମତି ଦେଉ ନଥିଲେ । ତାଙ୍କ ମନରେ ମଧ ଆଶଙ୍କା ଥିଲା । ଏମିତି ଦୁର୍ଗମ ପଥକୁ ପାରିହୋଇ ମୁଁ ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବି କି ନାହିଁ । ତା'ଛଡ଼ା ଗୁରୁ ପରଶୁମରାମ ଯେଭଳି କୋପୀ, ସେ କ'ଣ କେବେ ବୁଝିବେ ମୋ ମନର ବ୍ୟଥାକୁ ।

ମୁଁ ଯେ ନିଜେ ବ୍ରହ୍ମାସ୍ତ୍ର ଶିକ୍ଷା ପାଇବାପାଇଁ ପାଗଳପ୍ରାୟ । ସେକଥା ବାପା କେମିତି ବୁଝିବେ । ବହୁକଷ୍ଟରେ ତେଣୁ ମୋର ସଫଳଯାତ୍ରା ପାଇଁ ଅନୁମତି ଆଣିବାକୁ ପଡ଼ିଲା । ମୋ ଯାତ୍ରାର ଶୁଭକାମନା କରି ଅନେକ ଆଶୀର୍ବାଦ ଦେଇ ଲୋତକପୂର୍ଣ୍ଣ ଚକ୍ଷୁରେ ମୋତେ ବିଦାୟ ଦେଲେ । ମୋ ପାଇଁ ଏକ ଉପଯୁକ୍ତ ଅଶ୍ୱ ସଜାଡ଼ି ଦେଇ ଯାତ୍ରାର ଆବଶ୍ୟକୀୟ ପ୍ରସ୍ତୁତି କରିଦେଲେ । ବାପା ଯେ ସନ୍ତାନପାଇଁ କେତେ ବ୍ୟାକୁଳିତ । ତା'ଛଡ଼ା ମୋ ବାପା ମୋ ପାଇଁ ତ ଅନେକ ପ୍ରେରଣା । ଆଜି ପର୍ଯ୍ୟନ୍ତ ଯେତେବାଟ ମୁଁ ଆଗେଇ ପାରିଛି ସବୁ ତ ବାପାଙ୍କ କୃପାରୁ । ଆଉ ଆଜି ବି ବାପାଙ୍କ ଆଶୀର୍ବାଦ ମୋତେ ନ ମିଳନ୍ତା କେମିତି ? ବାପାଙ୍କ ଶୁଭେଚ୍ଛା ଓ ଆଶୀର୍ବାଦରେ ଯାତ୍ରା ମୋର ସଫଳ ହେବ । ମୁଁ ନିଶ୍ଚିତ କୃତକାର୍ଯ୍ୟ ହେବି ଏହି ଆଶା ନେଇ ମୁଁ ମୋ ଯାତ୍ରାପଥରେ ଆଗେଇଲି ।

ଦ୍ରୁତଗତିରେ ମୋର ଅଶ୍ୱ ଚାଲିଥାଏ । ଏ ଅଶ୍ୱର ଗତିଠାରୁ ମୋ ମନ ଅଶ୍ୱର ଗତି ଥିଲା ଆହୁରି ବେଗଗାମୀ । କେମିତି କେତେବେଳେ ମହେନ୍ଦ୍ରଗିରିରେ ପହଞ୍ଚିବି, କେମିତି ପାଇବି ପରଶୁରାମଙ୍କ ଦର୍ଶନ ସେ ଚିନ୍ତାରେ ମୁଁ ବିଭୋର । ଯେତେଯେତେ ଆଗେଇ ଚାଲିଥିଲା ମୋ ଅଶ୍ୱ, ହସ୍ତିନାପୁର ସେତେ ପଛରେ ରହିଯାଉଥାଏ । ଆଉ ପଛରେ ରହିଯାଉଥାଏ ମୋ ଗାଁ ଚମ୍ପାପୁର, ମାଆ, ବାପା, ଆଶ୍ରମର ସହପାଠୀ ମାନେ ।

ମୁଁ ଯେମିତି ଅନୁଭବ କରୁଥିଲି, ମୋ ମନ ଅଶ୍ୱର ଲଗାମ ଧରି ସତେଯେମିତି ମୋତେ କିଛି ଚେତାଇ ଦେଉଥାଏ ବ୍ୟସ୍ତ ହୁଅନି କର୍ଣ୍ଣ, ଆଗେଇଯାଅ । ଯାତ୍ରା ତୁମର ସଫଳ ହେବ । ଚଲାପଥ ହେବ ପୁଷ୍ପିତ । ଏକ ଅପୂର୍ବ ପୁଲକରେ ମୋ ପ୍ରାଣରେ ସ୍ପନ୍ଦନ ଜାଗୁଥାଏ । ଭବିଷ୍ୟତ ସିଦ୍ଧିର ଆନନ୍ଦରେ ମୁଁ ବିଭୋରିତ । ସତେଯେମିତି ମୁଁ ଗଗନଚୁମ୍ବୀ ଶିଖରଦେଶକୁ ଉଠିଯାଉଛି । ପଛରେ ରହିଯାଉଛି ମୋର ଦୁଃଖ, ଯନ୍ତ୍ରଣାର ଅତୀତ । ଊର୍ଦ୍ଧ୍ୱକୁ ଉଠିବାର ଉଲ୍ଲାସରେ ଉତ୍‌ଫୁଲ୍ଲିତ ମୁଁ । ଦରିଦ୍ର ସୂତପୁତ୍ର କର୍ଣ୍ଣକୁ ସତେ କି ମିଳିଯାଉଛି ଅମାପ ସମ୍ପତ୍ତି । ହେଲେ କର୍ଣ୍ଣ ଦରିଦ୍ର ହେଲେ ସମ୍ପତ୍ତି ଲୋଭୀ ନୁହେଁ, କେବେବି ହୋଇପାରେନା ମଧ ।

ସିଦ୍ଧିଲାଭ କରେ ସେଇ ପୁରୁଷ ଯାହାର ଲକ୍ଷ୍ୟ ଉଚ୍ଚଆକାଂକ୍ଷା ମହତ । ସେ କ'ଣ କେବେ ପରାଜୟ ସ୍ୱୀକାର କରିପାରେ ? ଏକାଏକା ଯାତ୍ରାପଥରେ ଅଶ୍ୱ ହିଁ ମୋର ସାଥୀ, ସଖା, ବାନ୍ଧବ । ଏଠି କାହାକୁ କହିବି ମୋ ମନର କଥା । ଏହି ଅଶ୍ୱଟି ହିଁ ମୋର ସବୁ । ନିଜମନକୁ ନିଜେ ହିଁ ପ୍ରଶ୍ନପଚାରି ଉତ୍ତର ଖୋଜୁଥିଲି । ଅଶ୍ୱଟି ସହ ସୁଖଦୁଃଖ ହେବାରେ ମୋତେ ମିଳୁଥିଲା ଆନନ୍ଦ । ପଥମଧ୍ୟରେ କ୍ଲାନ୍ତି ଲାଗିଲେ ତା ପିଠିରେ ଆଉଁସି ଦେଇ ତା ପାଟିରେ ନରମ ଘାସ କେରାଏ ଦେଇଦିଏ । ତାକୁ ଜଳ ପିଆଇ ଗଛଛାଇ ତଳେ ବିଶ୍ରାମ ନିଏ । ମୋର ସମସ୍ତ ବାତ୍ସଲ୍ୟ ମମତା ଅଜାଡ଼ି ହୋଇ ପଡୁଥିଲା ଏଇ ଅଶ୍ୱଟି ପାଖରେ । ପାଟି ଖୋଲି କିଛି ପ୍ରକାଶ କରି ପାରୁ ନଥିଲେ ମଧ ତା ଆଖି, ମୁହଁ ଅସ୍ପଷ୍ଟ ସ୍ୱରରୁ ମୁଁ ବୁଝି ପାରୁଥିଲି ଅନେକ କିଛି ।

ହସ୍ତିନାପୁରରୁ ମହେନ୍ଦ୍ରଗିରି ଦୀର୍ଘ ଯାତ୍ରାପଥ । ଯେତେ କଠିନ, କ୍ଲାନ୍ତିକର ବୋଧ ହେଉଥିଲେ ମଧ ଅବଶେଷରେ ମୁଁ ପହଞ୍ଚିଗଲି ମୋ ଲକ୍ଷ୍ୟସ୍ଥଳରେ । ସେତେବେଳକୁ ଆସନ୍ନ ପ୍ରାୟ ସଂଧ୍ୟା । ଅଦୂରରେ ପଶ୍ଚିମ ଆକାଶରେ ଅସ୍ତମିତ ସୂର୍ଯ୍ୟଙ୍କର ଲୋହିତ ଆଭା । ସୂର୍ଯ୍ୟଦେବଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲି । ପ୍ରଭୁ, ଲକ୍ଷ୍ୟ ମୋର ସଫଳ ହେଉ । ଯାହାର ପ୍ରାପ୍ତି ପାଇଁ ଏତେ ଆଶା ନେଇ ଧାଇଁଆସିଛି ମହେନ୍ଦ୍ରଗିରିକୁ ସେ ଆଶା ମୋର ପୂରଣ ହେଉ । ଏତିକି ଆଶୀର୍ବାଦ କର ମୋତେ ।

ଏବେବି ଲକ୍ଷ୍ୟ ମୋର ସଂପୂର୍ଣ୍ଣ ହୋଇନି । ମହେନ୍ଦ୍ରଗିରିକୁ ସ୍ପର୍ଶ ମାତ୍ର କଲି । ଆଗକୁ ଆହୁରି ଅନେକ ବାକି । ଅଶ୍ୱଟିର କ୍ଲାନ୍ତ ଆଖିପତା ବୁଜି ହୋଇ ଆସୁଥିଲା । ମୁହଁ ଖୋଲି ସେ କିଛି କହି ନ ପାରୁଥିଲେ ବି ତାର ବିକଳ ଚାହାଣିରୁ ମୁଁ ବେଶ୍ ଅନୁମାନ କରି ପାରୁଥିଲି । ତାକୁ ବିଶ୍ରାମ ପାଇଁ ଇଂଗିତ ଦେଇ ମୁଁ ଟିକେ ଗଡ଼ିପଡ଼ିଲି ଘାସ ଉପରେ । ନିକଟରେ ବହି ଯାଉଥିଲା ଝରଣା । ଆଞ୍ଜୁଳା ଭର୍ତ୍ତି ଜଳ ନେଇ ନିଜେ ପିଇଲି । ଘୋଡ଼ାକୁ ମଧ ପିଆଇ ଦେଲି ।



ମୁଁ ଏବେ କ୍ଲାନ୍ତ । ପଥଶ୍ରମରେ ମୋ ଶରୀର ନିଃସ୍ତେଜ ହୋଇ ପଡ଼ିଥିଲା । ଆଉ ଆଗେଇବାର ସ୍ପୃହା ନାହିଁ କିମ୍ୱା ଶକ୍ତିନାହିଁ । ଅରଣ୍ୟ ଜାଗା । ଖୋଲା ମୁକ୍ତଆକାଶର ଜ୍ୟୋତ୍ସ୍ନାଲୋକର ଛାଇ, ଆଲୁଅ ମଧ୍ୟରେ ସ୍ପଷ୍ଟ କିଛି ଦେଖି ହେଉ ନଥାଏ । ଯାହାହେଲେ ବି ଆଜି ରାତିଟା ଏଇ ଅରଣ୍ୟ ମଧ୍ୟରେ ବିଶ୍ରାମ ନେବାକୁ ପଡ଼ିବ । ପାଖରେ ଖାଦ୍ୟପଦାର୍ଥ ମଧ ସରିସରି ଆସିଲାଣି । ଚାରିଆଡ଼େ ଝିଙ୍କାରିର ଝିଂ ଝିଂ ଶବ୍ଦ । ଝରଣାର କୂଳେ କୂଳେ କିଛି ଦୂର ଆଗେଇଲି । ଦୂରରୁ ସରୁ ଆଲୋକ ରେଖାଟିଏ ଦୃଶ୍ୟ ହେଲା । ଭାବିଲି, ନିଶ୍ଚେ ଏଇ ଆଖପାଖରେ କିଛି ଜନବସତି ରହିଥିବ ପ୍ରାୟ । ନହେଲେ କ୍ଷୀଣ ଆଲୋକରେଖା ଆସିବ କେଉଁଠୁ ? ଆଲୋକର ଗତିକୁ ଲକ୍ଷ୍ୟକରି ସେଇ ପଥରେ କିଛି ବାଟ ଆଗେଇଗଲି । ମୋ ମନରେ ଆଶାର ସଞ୍ଚାର ହେଲା । ମୋ ଅନୁମାନ ତେବେ ମିଥ୍ୟା ନୁହେଁ । କିଛି ବାଟ ଗଲାପରେ ଧୂଆଁ ଦୃଶ୍ୟମାନ ହେଲା । ତାକୁ ହିଁ ଲକ୍ଷ୍ୟକରି ପହଞ୍ଚିଗଲି ସେଇ ପଲ୍ଲୀ ଗାଁରେ । ଖୁବ୍ ବେଶି ହେଲେ କୋଡ଼ିଏ କି ପଚିଶ କୁଡ଼ିଆଘର । ତାଳ, ପତ୍ର, ବାଉଁଶରେ ନୁଆଁଣିଆ ଛପର । ସାହସ ସଞ୍ଚୟ କରି କୁଡ଼ିଆର ଦ୍ୱାରଦେଶ ପାଖକୁ ଯାଇ କରାଘାତ କଲି । କମ୍ପି ଉଠୁଥିଲା ହାତ । କିଛି ଉତ୍ତର ନଥିଲା ଭିତରୁ । ମୋ ମନର ଆଶା କିନ୍ତୁ ମଉଳି ନଥିଲା । ଆହୁରି ଜୋରରେ ବଡ଼ ପାଟିରେ ଡାକିଲି । ଭିତରୁ ଅସ୍ପଷ୍ଟ ସ୍ୱର ଶୁଭୁଥାଏ । ପରସ୍ପର ମଧ୍ୟରେ କଥା କହିବାର ଶବ୍ଦ ହେଉଥିଲା । ମୁଁ କିନ୍ତୁ ସେମାନଙ୍କ ଭାଷା ବୁଝିପାରୁ ନଥିଲି । ଅରଣ୍ୟର ମଣିଷ ଏମାନେ । ଆରଣ୍ୟକ । ଶୁଣିଥିଲି ଏମାନଙ୍କ ଚାଲିଚଳଣ ବେଶ୍ ସରଳ । ଛଳ, ଛନ୍ଦ, କପଟଠାରୁ ଅନେକ ଦୂରରେ । ଅତିଥି ସତ୍କାରରେ କେବେବି ଊଣା କରନ୍ତି ନାହିଁ ।

ମନରେ ସାହସ ସଞ୍ଚୟ କରି ଏଥର ଆହୁରି ବଡ଼ପାଟିରେ ଡାକିଲି । ଭିତରୁ ଥରଥର କଣ୍ଠରେ ଉତ୍ତର ଆସିଲା କିଏ..... ? କିଏ ତୁମେ....... ?

ଥରଥର କଣ୍ଠରେ ଅନୁମାନ କରିନେଲି ବୃଦ୍ଧା ନିଶ୍ଚିତ । ଏଥର କବାଟ ଖୋଲିଗଲା । ହାତରେ ଡିବିରିଧରି ମୋ ସାମନାରେ ଛିଡ଼ା ହୋଇଥିଲେ ଜଣେ ବୃଦ୍ଧା, ବୟସ ଭାରରେ ଅଣ୍ଟା ତାଙ୍କର ନଇଁ ଯାଉଥିଲା ।

କାହାକୁ ଖୋଜୁଛ ପୁଅ । ମୋ ଠାରେ ତୁମର କି କାମ । ଆସ ଭିତରକୁ ଆସ । ବାହାରେ ହେମାଳ ପବନ । ତାଙ୍କର ପୁଅ ଡାକରେ ମୁଁ ଏକପ୍ରକାର ତରଳି ଯାଇଥିଲି । ତାଙ୍କର ବାତ୍ସଲ୍ୟ ମମତାର ପଣତକାନି ତଳେ ମୁଁ ଯେମିତି ପାଲଟି ଯାଇଥିଲି ଛୋଟ ବାଳକଟିଏ ।

ମାଉସୀ, ମୁଁ ମହେନ୍ଦ୍ରଗିରିକୁ ଯାଉଥିଲି । ବାଟରେ ରାତି ହୋଇଗଲା । ତେଣୁ ରାତିଟା କେଉଁଠି କଟାଇବି ବୋଲି ସ୍ଥିର କରିନପାରି ଏଣେତେଣେ ଘୂରି ବୁଲୁଥିଲି । ଏଇଠୁ ଏକ କ୍ଷୀଣ ଆଲୋକରେଖା ଦେଖି ଅଟକିଗଲି । ଆଜି ରାତିଟା ମୋତେ ଟିକିଏ ବିଶ୍ରାମ ପାଇଁ ସ୍ଥାନ ଦେଇପାରିବ । କାଲି ସକାଳେ ମୁଁ ମୋ ଲକ୍ଷ୍ୟସ୍ଥଳ ପଥରେ ପୁନର୍ବାର ଆଗେଇଯିବି ।

ନିରାଶ୍ରୟକୁ ଆଶ୍ରୟ ଦେବା ତ ମଣିଷର ଧର୍ମ । ତା'ଛଡ଼ା ପ୍ରଥମ ଦେଖାରୁ ହିଁ ତୁମକୁ ପୁଅ ବ୍ୟତୀତ ଅନ୍ୟକିଛି ଦୃଷ୍ଟିରେ ଦେଖିନି । ତେବେ, ମୋର ଏଇ ତାଳପତ୍ର ବିଛଣାରେ ତୁମକୁ କଷ୍ଟହେବନି ତ ? ବୃଦ୍ଧା ମାଉସୀ ନିଜ ହାତରେ ମୋ ପାଇଁ ଶେଯପାରି ଦେଉଥିଲେ ଆଉ ଅନେକ କିଛି ଗପି ଚାଲିଥିଲେ । ତାଙ୍କ ପାଖରୁ ଜାଣିବାକୁ ପାଇଲି ଏଇ ଅଞ୍ଚଳ ଅନେକ ବିପଦଶଙ୍କୁଳ । ଉନ୍ନତ ମାନବ ଜାତିମାନଙ୍କ ପାଇଁ ସତେଯେମିତି ଏହା ଏକ ନିଷିଦ୍ଧ ଇଲାକା । ଏଠି କେହି ସହଜରେ ପ୍ରବେଶ କରିପାରନ୍ତି ନାହିଁ । ଆଉ ଯଦି ବି କେବେ ଆସନ୍ତି ଜୀବନ ନେଇ ଫେରିଯିବା ମଧ ବଡ଼ କଠିନ ବ୍ୟାପାର । ତେଣୁ ମୋର ଏଠିକୁ ଏମିତି ଆସିବାଟା ମାଉସୀ ସହଜରେ ଗ୍ରହଣ କରିପାରୁ ନଥିଲେ । କଥାଛଳରେ ମୁଁ ବି ମୋ ଉଦ୍ଦେଶ୍ୟ ତାଙ୍କଠାରେ ବ୍ୟକ୍ତ କଲି । ମୋ କଥାଶୁଣି ସେ ପ୍ରଥମେ ମୁଣ୍ଡରେ ହାତଦେଲେ । କିଛିସମୟ ଗମ୍ଭୀର ହୋଇଗଲେ । ମୋ ମୁହଁ, ଗୋଡ଼, ହାତ ଆଡ଼କୁ କିଛି ସମୟ ଅନାଇ କହିଲେ, ପୁଅରେ ତୁ ଯାହା କହୁଛୁ ତାହା କହିବା ଯେତେ ସହଜ, କାମରେ କରିବା ସେତେ ସହଜ ନୁହେଁ । ପରଶୁରାମଙ୍କ ଶିଷ୍ୟ ହେବା କାହିଁ କେଉଁ ପୂର୍ବଜନ୍ମର ଫଳ । ନହେଲେ କିଏ କ'ଣ ଏମିତି ସାହସକରି ଏଭଳି ଏକ ଦୁଃସାହସିକ ପଦକ୍ଷେପ ନେବାପାଇଁ ଆଗେଇ ଆସିଥାନ୍ତା ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

# ନିରୀହ ହେବା କ'ଣ ଅଭିଶାପ

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍



ସାଧାରଣ ଓ ନିରୀହ ମଣିଷମାନଙ୍କୁ ସମାଜରେ ସମସ୍ତେ ହଇରାଣ କରନ୍ତି, ମୂର୍ଖ ଭାବନ୍ତି, ଅଯୋଗ୍ୟ ଭାବନ୍ତି । ଚାଲାକ୍ ହେବାକୁ ପରାମର୍ଶ ଦେଇ ସରଳତାକୁ ଉପହାସ କରନ୍ତି ଦୁନିଆଁ ଯେତେ ତିରସ୍କାର କଲେ ବି ବିଚରା ସରଳ ମଣିଷଟେ ଚାଲାକ୍ ହୋଇପାରେ ନାହିଁ, କପଟ କରିପାରେ ନାହିଁ । କିନ୍ତୁ ସମାଜରେ ବଞ୍ଚିବା ପାଇଁ କ'ଣ ନିଷ୍ଠୁର ହେବା ନିହାତି ଜରୁରୀ ? ମୋହ, ମାୟା, ଈର୍ଷା, ଛନ୍ଦ କପଟ ଭଳି ଆଚରଣ ରହିବା ନିହାତି ଜରୁରୀ ? ସୁଧାର ବା ନିରୀହ ଲୋକଟାର ଭୋଳାପଣ କ'ଣ ତା'ର ଅପରାଧ ? ତାକୁ ସମସ୍ତେ ଏତେ ହୀନ ଦୃଷ୍ଟିରେ କାହିଁକି ଦେଖନ୍ତି, କାହିଁକି ନିକମ୍ମା ଭାବନ୍ତି ? ବିଶ୍ୱଗୁରୁ ଦେବାଦିଦେବ ମହାଦେବ ଭୋଳାନାଥ କ'ଣ ବୋକା, ନିର୍ବୁଦ୍ଧିଆ, ଅଯୋଗ୍ୟ ?

ଭୋଳାପଣ କେବଳ ଭଲମଣିଷ ପାଖରେ ଥାଏ, ଯିଏ ହୃଦୟରେ ଭଲ । ଯିଏ ସମସ୍ତଙ୍କ ନିଷ୍ଠୁରତାକୁ କ୍ଷମା କରି ସେମାନଙ୍କ ଦୋଷ ଦୁର୍ବଳତାକୁ ଭୁଲିଯାଏ । ଯାହାର ହୃଦୟ ବଡ଼, ନିର୍ମଳ ନିଷ୍କପଟ । ନିରୀହ ଲୋକର ମନରେ କେବେ ଲୋଭ ଆଉ ଲାଭର ଗଣିତ ଚାଲୁନଥାଏ, ଅଭିମାନ କି ଅପମାନର ଫରକ ନଥାଏ, ପୁରସ୍କାର କି ତିରସ୍କାରରେ ବିଚଳିତ ହୁଅନ୍ତିନି । ସମାଜରେ କେହି ତାକୁ ନିନ୍ଦା କି ପ୍ରଶଂସା କରୁ ଧ୍ୟାନ ନଦେଇ ଆପଣା କର୍ମ କରୁଥାଏ । ନିରୀହ ଲୋକଟେ ସମାଜକୁ ଶିଖେଇଥାଏ ବିନା ହିସାବ କିତାବ, ବାଦ ହିଂସାରେ ବି ଜୀବନ ବଞ୍ଚିହୁଏ । ଏମିତି ଭାବନା ରଖିବାର ମାନେ ନୁହେଁ ସେ ମୂର୍ଖ । ଏହା ତା'ର ପବିତ୍ର ଆତ୍ମାର ଉଦାହରଣ । ଭଗବାନ ଭୋଳାନାଥଙ୍କର ଭୋଳାପଣକୁ ଦେଖି ଆମକୁ ଏହି ଶିକ୍ଷା ମିଳେ ।

'ଚାହ ଗୟୀ ଚିନ୍ତା ମିଟି, ମନୱା ବେପରୱା
ଜିନ୍‌ହେ କଛୁନା ଚାହିୟେ, ୱେ ସାହନ୍ କେ ସାହ'

ଦୁନିଆଁରେ ଦୁଇପ୍ରକାର ଲୋକ ଅଛନ୍ତି । କିଛି ଲୋକ ସରଳ, ନିର୍ମାୟା ମଣିଷକୁ ଉପହାସ କରି, ତା'ଠୁ ସବୁ ଛଡ଼େଇ ନେଇ ତାକୁ ବୋକା ଭାବି ଫାଇଦା ଉଠାଇ ଅହଙ୍କାରରେ ହସ ହସନ୍ତି । ଆଉ କିଛି ଲୋକ ସେଇ ସରଳ ମଣିଷକୁ ଶ୍ରଦ୍ଧା, ଆଶୀର୍ବାଦ ଦେଇ ଭଗବାନ ବନେଇ ଦିଅନ୍ତି । ତା'ର ନିଷ୍କପଟ ମନକୁ ପ୍ରଶଂସା କରି, ତା'ର ଉଦାରତାକୁ ଦେବସୁଲଭ ଗୁଣ ଭାବି ଈଶ୍ୱରୀୟ ଉର୍ଜାରେ ରଖିଥାନ୍ତି । ନିରୀହ ମଣିଷର ନା ସମ୍ମାନର ମୋହ ଥାଏ ନା ଅପମାନର ଡର, ସେ କେବଳ ଗୋଟେ ସୁନ୍ଦର ମନନେଇ ସମସ୍ତଙ୍କୁ ସୁନ୍ଦର ଦୃଷ୍ଟିରେ ଦେଖେ । ସେ କାହାର କ୍ଷତି କରେନାହିଁ, କାହାକୁ ଠକେନାହିଁ, କାହାକୁ ନିନ୍ଦା କରେନାହିଁ, କାହା ସହ ଧୋକା, ପ୍ରତାରଣା କରେନାହିଁ । ଏସବୁ ତାର ବଡପଣ ମୂର୍ଖତା ନୁହେଁ ।

ଆପଣଙ୍କ ପରିବାରରେ, ଅଫିସରେ କିମ୍ୱା ବ୍ୟବସାୟରେ କେଉଁଠି ବି ଜଣେ ନିରୀହ ମଣିଷ ଦେଖିଲେ ତା'ର ସରଳତାର ଫାଇଦା ଉଠାନ୍ତୁ ନାହିଁ, ତାକୁ ବୋକା ଭାବନ୍ତୁ ନାହିଁ । ଜୀବନରେ ଆଗକୁ ବଢିବାକୁ ହେଲେ ଯେ ଚତୁର ହେବା ଜରୁରୀ, ଲମ୍ପଟ ହେବା ଜରୁରୀ ତାହା ଠିକ୍ ନୁହେଁ । ଆମକୁ ଅମ୍ଳଜାନ ଦେବାକୁ ଗଛ ବାଢେଇପିଟି ହେଉନି । ଶାନ୍ତ ଭାବରେ ସେ ତାର ଦାୟିତ୍ୱ ନିର୍ବାହ କରୁଛି । ସଂସାରରେ ଅନେକ ପ୍ରତିଷ୍ଠିତ ଲୋକ ଅନେକ ବଡ ବଡ କାମ କରନ୍ତି କିନ୍ତୁ ଜଣେ ବ୍ୟକ୍ତିର ବି ହୃଦୟ ଛୁଇଁ ପାରନ୍ତି ନାହିଁ । ଜଣେ ନିରୀହ ସରଳ ଲୋକ ବହୁତ ବଡ କାମ କରି ନପାରେ, ହେଲେ କାହାକୁ ଦୁଃଖ କଷ୍ଟ ଦେଇନଥାଏ । ସେ ଶହ ଶହ ଲୋକଙ୍କ ହୃଦୟ ଜିଣିଥାଏ, ଆଶୀର୍ବାଦ ପାଇଥାଏ । ସରଳ ଲୋକର ସ୍ୱଭାବ ହିଁ ତାର ସବୁଠୁ ବଡ ସମ୍ପତ୍ତି । ସରଳ ବା ନିରୀହ ହେବା ତା ପାଇଁ ଅଭିଶାପ ନୁହେଁ ବରଂ ତାର ଦେବସୁଲଭ ଗୁଣ ।

+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍,ଭୁବନେଶ୍ୱର-୬
(ମୋ) ୯୪୩୯୭୨୬୦୬୦

## ଆଜିର କବିତା

### ଅନାହତବଂଶୀ...

ଦୀପ୍ତି ଦାସ



ଭୁଲିନାହିଁ ଭୁଲିନାହିଁ
ଭୁଲି ପାରିନାହିଁ
ଶିରିଶିରି ଝାଉଁବନ,
ଉଲଗ୍ନ ପବନ,
ଉଚ୍ଛୁଳା ଜୁଆରିବେଳା
ଓଠଥରା ରତୁଭରା
ଡାକ ପଦ୍ମତୋଳା
ଉଚ୍ଚାଟ ଉଆଁସୀ ବନ
ହେଲା ଦିଗହରା
ଆଖିରେ ଆଖିରେ ଭରି
ପୂନେଇଁ ମଦିରା
ତୁମରି ଆଖିର ସେ ରେଣୁରେଣୁ ରଶ୍ମି
ଫୁଟାଇଲା କୁସୁମିଲତାର
ସ୍ତନର କୋରକ
କଟିରେ କଦମ୍ୱିତରତୁ
ଭରା ଶିହରଣ
ନାଭିପଦ୍ମେ ପଦ୍ମରାଗ
ମଧୁ ଗୁଂଜରଣ
ହେ ସମୁଦ୍ର !
ତୁମେ ଯେ ଦୁରନ୍ତ ପଥିକ ସତେ
ଓଠରେ ଓଠରେ ଭରା
ସାତ ସାହାରାର ଶୋଷ
ବାରବାର ଢେଉ ହୋଇ
ଅନୁଢ଼ା ବେଳାରେ ଛୁଇଁ
ପିଇଯାଅ ସତେ ଅବା
ଅନନ୍ତ ପୀୟୂଷ ।
ମୁଁ ଯେ କଦମ୍ୱିତରତୁ
ତୁମେ ଆଦିରଙ୍ଗେ ମତୁଆଲା
ନହୁଲୀ ବୟସ ।


ଆଜିବି ତ ଛନ୍ଦାୟିତ
ତୁମ ପଦଧ୍ୱନି
ହୃଦୟର ସ୍ନିଗ୍ଧ ମଧୁବନେ
ଆଜିବି ରୂପାୟିତ
ତୁମ ରୂପଛବି
ମନ ନିକାଞ୍ଚନେ ।
ଭୁଲିନାହିଁ ଭୁଲିନାହିଁ
ଭୁଲିପାରିନାହିଁ
ସେତ ଅନନ୍ତ ଯୁଗର ଆଶା
ପୁଣି କେବେ ହେବ ଦେଖା
ଏ ମନର ମହୁମୁହାଣରେ
ଆଷାଢ଼ୀ ଆଖିରେ ଆଜି
ନିଦଭରା ନିଶା...
ବିତିଯିବ ଜନ୍ମ ଜନ୍ମାନ୍ତର
ଯୁଗ ପରେ ଯୁଗ
ତୁମେ ମୋ ଊର୍ଦ୍ଧ୍ୱ ଚେତନାର ବତୀଘର
ପାଇବି ପାଇବି ଦିନେ
ହରାଇବା ଦିଗ ।

ଗୁଣୁଗୁଣୁ ବାଜୁଥିବ
ଆତ୍ମାର ଅମୃତ
ଅନାହତ ବଂଶୀ
ମୃଦୁଳ ଝଂକାର
ଝୁରୁଝୁରୁ ଝରୁଥିବ
ଆଦିରସ ବିପ୍ରଲମ୍ଭ ପ୍ରଥମ ଶୃଙ୍ଗାର.... ।

+ଅରଡ଼ବଜାର, ବାଲେଶ୍ୱର-୭୫୬୦୦୧
ଫୋନ୍: (୦୬୭୮୨)୨୬୪୧୯୪

### ଇଗଲର ସଂଘର୍ଷ...

ଶୈବାଳିନୀ ସାହୁ



ହଁ, ଆଜି ମୋତେ ଉଡ଼ିଯିବାକୁ ହେବ
ଦୂର ସେ ପାହାଡ଼ ଗୁମ୍ଫାକୁ
ଆଜି ମୁଁ ଭୀଷଣ କ୍ଲାନ୍ତ ଅବଶ ମୋ ଶରୀର
ଭାରି ମୋର ଡେଣା
ଅସମର୍ଥ ମୋର ଚଞ୍ଚୁ
ହରାଇସାରିଛି
ଖାଦ୍ୟକୁ ନଖର ମୁନରେ
ଧରି ରଖିବାର କ୍ଷମତା
ଯଦି ଖାଦ୍ୟ ଖେଦ ଲୋଭ ମାୟାର
ପ୍ରଲୋଭନରେ ରହିଯାଇପାରେ
ତୁମେ ଦେଖିବ ମୋର ଅସମର୍ଥ ରୂପକ
ଅସହାୟ ପ୍ରାଣକୁ
ନିର୍ବାପିତ ହେଉଥିବା ଜୀବନର
ଶେଷ ଆୟୁଷକୁ
କିନ୍ତୁ ମୁଁ ବଂଚିବାକୁ ଚାହେଁ
ତୁମ ସେ ମଧୁର ସ୍ପର୍ଶରେ
ଆଲିଙ୍ଗନର ଆଶ୍ଲେଷରେ
ଉପଭୋଗ କରିବାକୁ ଚାହେଁ
ସେହି ସୁବର୍ଣ୍ଣ ମୁହୂର୍ତ୍ତ
ଯିଏ ରଚିବ ମୋ ସାମର୍ଥ୍ୟର
ଦ୍ୱିତୀୟ ଇତିହାସ ।
ତେଣୁ ମୁଁ ଆଜି ଫେରିଯାଉଛି
ଅଗନାଅଗନି ବନସ୍ତକୁ
ଚଞ୍ଚୁର ନିଷ୍ଠୁର ଆଘାତରେ ଭାଙ୍ଗିଯିବ ଚଞ୍ଚୁ ।
ଅସହାୟ ଆଙ୍ଗୁଳିକୁ ପାହାଡ଼ରେ
କରିବି ଘର୍ଷଣ
ହରାଇବସିବି ଉଡ଼ିବାର ଶକ୍ତି
ସମଗ୍ର ଚକ୍ଷୁରେ ଦୃଶ୍ୟମାନ ହେବି
ଏକ ବାଳୁତ ଶିଶୁ ଭଳି ଦିଶିବି କରୁଣ
ନଥିବ ଖାଦ୍ୟ ଖାଇବାର ଶକ୍ତି
ତଥାପି ଜୀବନକୁ ନେଇ କରିବି ସଂଘର୍ଷ
ବିନା ଖାଦ୍ୟରେ ବଂଚିପାରିବି
ଅଦୃଶ୍ୟ ଆହ୍ୱାନରେ ପୁଂଜୀଭୂତ
ହେବ ମୋର ଶକ୍ତି
ଗଜୁରି ଉଠିବ ଡେଣା
ଶକ୍ତ ତୀକ୍ଷଣ ହୋଇଉଠିବ ପ୍ରତିଟି ଆଙ୍ଗୁଳି
ପୁଣି ଦିଶିବ ପରିପୂର୍ଣ୍ଣ ନବଯୌବନା
ଫେରିଆସିବ ଉଡ଼ିବାର ଶକ୍ତି
ଭରିଯିବ ସମସ୍ତ ଆଶା
ଶୁଣିବି ମନଭରି ତୁମର
ସୁରଭିତ ସଂଗୀତ
ସ୍ପର୍ଶ କରିବି ଫଗୁଣ
ପୁଣି ଚଲାପଥରେ ଫେରିଆସିବ
ଅଦିନିଆ ବର୍ଷା
ଆଉ ସମୟର ଯାଦୁ ସ୍ପର୍ଶରେ ମୋ
ଡେଣାରେ ଆସିବ ପୁଲକ
ଅଙ୍କୁରିତ ହେବ ଆଶା
ଦିଶିବ ହରାଇଥିବା ଦିଶା
ସାରା ଜୀବନ ସଂଘର୍ଷରେ ସାଉଁଟିଆଣିବି
ନୂଆ କରି ଜିଇଁବାର ଶେଷ ଆଶା ।

+ପ୍ଲଟ୍-୯୪, ସେ-ଏ
ମେଟ୍ରୋ ପାଲିଟିୟାନ୍ କୋପରେଟିଭ
କୋଲକାତା-୭୦୦୧୦୫

# ସଂସଦ ଓ ବିଧାନସଭା କାର୍ଯ୍ୟକାଳର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ଲୋକସଭା ବାଚସ୍ପତିଙ୍କ ବୈଠକ

ଭୁବନେଶ୍ୱର,୨୩/୬ (ନି.ପ୍ର): ସଂସଦ ଓ ବିଧାନସଭା କାର୍ଯ୍ୟକାଳର ଦୁଇବର୍ଷ ପୂର୍ତି ଉପଲକ୍ଷେ ଲୋକସଭା ବାଚସ୍ପତି ଡ. ଓମ୍ ବିର୍ଲା ଏକ ଭର୍ଚୁଆଲ୍ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ବିଭିନ୍ନ ରାଜ୍ୟର ବିଧାନସଭା ଓ ବିଧାନ ପରିଷଦର ଅଧକ୍ଷମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇ ଲୋକସଭା ବାଚସ୍ପତି ସଂସଦୀୟ ଗଣତନ୍ତ୍ରର ମହାନ୍ ପରମ୍ପରା ବିଷୟ ଅବତାରଣା କରି ଗରୀୟାନ୍ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ପାଇଁ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ପ୍ରକାଶ କରିଥିଲେ । କୋଭିଡ୍ ପରିସ୍ଥିତିର ସଫଳ ମୁକାବିଲା ଦିଗରେ ଦଳମତ ନିର୍ବିଶେଷରେ ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ଜନସାଧାରଣଙ୍କ ସକ୍ରିୟ ସହଯୋଗର ମଧ୍ୟ ସେ ଭୂୟସୀ ପ୍ରଶଂସା କରିଥିଲେ । ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ବୈଠକରେ ଅଂଶଗ୍ରହଣ କରି ଓଡ଼ିଶା ବିଧାନସଭା ତରଫରୁ ବର୍ଷକୁ ଅନ୍ତତଃ ୬୦ ଦିନ ବୈଠକ ବସୁଥିବା ବ୍ୟବସ୍ଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପ୍ରବର୍ତିତ ହୋଇଥିବା ପ୍ରକାଶ କରିଥିଲେ । ଓଡ଼ିଶା ବିଧାନସଭାର ପ୍ରତ୍ୟେକ ଆଲୋଚନାକୁ ଜନସାଧାରଣଙ୍କ ନିକଟରେ ତ୍ୱରିତ ବେଗରେ ପହଂଚାଇବା ପାଇଁ ବିଧାନସଭାକୁ ଇ-ବିଧାନସଭାରେ ପରିଣତ କରାଯାଉଥିବା ମଧ୍ୟ ସେ ପ୍ରକାଶ କରିଥିଲେ । ବର୍ତମାନ ତାରକାଚିହ୍ନିତ ପ୍ରଶ୍ନାବଳୀକୁ ଛାଡ଼ିଦେଲେ ବିଧାନସଭାର ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ଓ ବିବରଣୀ ବିନା କାଗଜରେ ସଂପନ୍ନ ହେଉଥିବା ମଧ୍ୟ ସେ କହିଛନ୍ତି। ନେଭା ମାଧ୍ୟମରେ ବିଧାନସଭା ସଚିବାଳୟର ସମସ୍ତ କାର୍ଯ୍ୟ ଇ-ମୋଡ୍ ରେ ହେଉଥିବା ମଧ୍ୟ ସେ ସୂଚନା ଦେଇଥିଲେ । ସମ୍ବିଧାନର ୧୦ମ ଅନୁଚ୍ଛେଦର ସଂଶୋଧନ ପାଇଁ ଆସାମ, ଓଡ଼ିଶା ଓ ରାଜସ୍ଥାନର ବାଚସ୍ପତିଙ୍କୁ ନେଇ ଏକ କମିଟି ଗଠନ ହୋଇଥିବା ଏବଂ କମିଟି ତା'ର ରିପୋର୍ଟ ପ୍ରଦାନ କରିଥିବା କହିଛନ୍ତି। ସଂସଦୀୟ ଗଣତାନ୍ତ୍ରକୁ ସୁଦୃଢ଼ କରିବା ପାଇଁ ନୂତନ ବ୍ୟବସ୍ଥା ଏବଂ ସମ୍ଭାବନାର ବୀଜବପନ କରାଯାଉଥିବା ମଧ୍ୟ ସେ କହିଛନ୍ତି। ଲୋକସଭା ବାଚସ୍ପତିଙ୍କ ପରାମର୍ଶ କ୍ରମେ ଗୁଜୁରାଟ, ଆସାମ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟର ପ୍ରବାସୀ ଓଡ଼ିଆମାନଙ୍କ ସୁରକ୍ଷିତ ଓଡ଼ିଶା ପ୍ରତ୍ୟାବର୍ତନ କରିବା ପାଇଁ ବାଚସ୍ପତିଙ୍କ କାର୍ଯ୍ୟାଳୟରେ ଏକ ପ୍ରକୋଷ୍ଠ ଖୋଲାଯାଇଥିବା ଏବଂ କୋଭିଡ୍ ପରିସ୍ଥିତିର ସଫଳ ମୁକାବିଲା ହେଉଥିବା ସେ ପ୍ରକାଶ କରିଛନ୍ତି । ଆସନ୍ତା ମାସରେ ପାର୍ଲିଆମେଂଟ ଅଧିବେଶନ ବସୁଥିବା ଦୃଷ୍ଟିରୁ ପରିସ୍ଥିତି ଉପରେ ନଜର ରଖି ଏବଂ କୋଭିଡ୍ ଗାଇଡ୍‌ଲାଇନ୍‌କୁ ପାଳନ କରି ଓଡ଼ିଶା ବିଧାନସଭାର ମଧ୍ୟ ଅଧିବେଶନ ବସିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଡଙ୍ଗରିଆ କନ୍ଧ ଯୁବକଯୁବତୀଙ୍କ ପାଇଁ ଉଦ୍ଦିଷ୍ଟ ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ

## ଜୀବନଜୀବିକା ସହ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା କଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

ଭୁବନେଶ୍ୱର,୨୩/୬ (ନି.ପ୍ର): ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମା ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ନିୟମଗିରି ପାହାଡ଼ରେ ରହୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସଂପ୍ରଦାୟଙ୍କୁ ଭେଟିଥିଲେ । ସେଠାରେ ଟିକାକରଣ ଶିବିରର ଉଦ୍‌ଘାଟନ କରିଥିଲେ ଏବଂ ଟିକାକରଣ ନେଇ ଆଦିମ ଜନଜାତି ଡଙ୍ଗରିଆ କନ୍ଧ ଓ ଲାଂଜିଆ ସଉରାଙ୍କ ମନରେ ଥିବା ଭୟ ଓ ଅନ୍ଧବିଶ୍ୱାସ ଦୂର କରିବା ସହିତ କରୋନା ମହାମାରୀର ମୁକାବିଲା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଟିକାକରଣ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ସାମିଲ ହେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ରାୟଗଡ଼ା ଜିଲ୍ଲାର ଚାଟିକଣାସ୍ଥିତ ଜନଜାତି ବ୍ୟାଖ୍ୟାନ କେନ୍ଦ୍ରଠାରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀ ଦାସବର୍ମା ଜିଲ୍ଲାର ପାର୍ଶାଲି, ଚାଟିକଣାରେ ବସବାସ କରୁଥିବା ୧୦,୧୮୫ ଆଦିମ ଜନଜାତି ଓ କନ୍ଧ ଗୁଣୁପୁର ବ୍ଲକ୍ ର ପୁଟାସିଂ ଅଂଚଳରେ ବାସ କରୁଥିବା ୬,୮୭୪ ଲାଂଜିଆ ସଉରା ଆଦିମ ଜନଜାତି ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ସ୍ୱତନ୍ତ୍ର ପ୍ୟାକେଜ୍ ବଂଟନ ପାଇଁ ଡାଟାବେସ୍ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ବର୍ତମାନ ପର୍ଯ୍ୟନ୍ତ ଉଭୟ ଆଦିମ ଜନଜାତିଙ୍କୁ ଟିକାକରଣ କାର୍ଯ୍ୟକୁ ସଫଳ କରିବା ପାଇଁ ଲୋକ ପ୍ରତିନିଧି, ଜିଲ୍ଲା ପ୍ରଶାସନ, ଗଣମାଧ୍ୟମ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ସମ୍ମିଳିତ ଉଦ୍ୟମ ହେଲେ ଏଭଳି ଆହ୍ୱାନମୂଳକ ଅଂଚଳରେ ଟିକାକରଣ କାର୍ଯ୍ୟ ସଫଳ ହୋଇପାରିବା । ଯେଉଁମାନେ ଏହି ଦୁଇବର୍ଗର ଆଦିମ ଜନଜାତିଙ୍କ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ସଂକ୍ରମିତ ସଙ୍ଗରୋଧ କେନ୍ଦ୍ରରେ ଯିଏ ରହିବ ତାଙ୍କ ପାଇଁ ସ୍ୱତନ୍ତ୍ର ଅନୁଦାନ ବଂଟନ ସହ କାର୍ଯ୍ୟରତ ଥିବା ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବର୍ତମାନ ଜିଲ୍ଲାରେ ହାରାହାରି ୧୬୦୦ ହେଉଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ସର୍ବନିମ୍ନ ସ୍ତରରେ ପହଂଚିଛି । କୋଭିଡ ସଂକ୍ରମିତ ପରିବାରଙ୍କୁ ଶୁଖିଲା ରାସନ୍, ପରିବାର ପିଛା ୨୫୦୦ ଟଙ୍କା ଏବଂ ସଂକ୍ରମିତ ବ୍ୟକ୍ତିମାନଙ୍କୁ ୧୪ ଦିନ ପାଇଁ ଦୈନିକ ୧୦୦ ଟଙ୍କା ଜିଲ୍ଲା ତରଫରୁ ଶତପ୍ରତିଶତ ପ୍ରଦାନ କରାଯାଇଛି । ଯୋଜନା ବୋର୍ଡ ଉପାଧ୍ୟକ୍ଷ ଅପରାହ୍ନରେ ଗୁଣୁପୁର ବ୍ଲକ୍‌ର ପୁଟାସିଂଠାରେ କାର୍ଯ୍ୟରତ ଲାଂଜିଆ ସଉରା ଉନ୍ନୟନ ସଂସ୍ଥା ପରିଦର୍ଶନ କରିଛନ୍ତି । ସେଠାରେ ଆଦିମ ଜନଜାତି ଲାଂଜିଆ ସଉରାଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଲୋକାଭିମୁଖି ଯୋଜନାର ସମୀକ୍ଷା କରିବା ସହିତ ନିକଟସ୍ଥ ଗ୍ରାମପଂଚାୟତ ତାରକେଲ ଗ୍ରାମକୁ ଯାଇ ଆଦିମ ଜନଜାତି ବାସ କରୁଥିବା ଲାଂଜିଆ ସଉରା ବର୍ଗର ଜନସାଧାରଣଙ୍କୁ ଭେଟିଥିଲେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ମନ୍ତ୍ରୀ ଜଗନ୍ନାଥ ସାରକା କ୍ଷେତ୍ର ପରିଦର୍ଶନ ସମୟରେ ଡଙ୍ଗରିଆ କନ୍ଧ ଓ ଲାଂଜିଆ ସଉରା ବର୍ଗର ଉଚ୍ଚଶିକ୍ଷିତ ଛାତ୍ରଛାତ୍ରୀଙ୍କ ଦକ୍ଷତା ମୂଲ୍ୟାୟନ କରିବା ସହିତ ତାଙ୍କୁ ଜିଲ୍ଲା ମଧ୍ୟରେ ଓ ଜିଲ୍ଲା ବାହାରେ ନିଯୁକ୍ତି ଓ କର୍ମସଂସ୍ଥାନ ଉପରେ ଗୁରୁତ୍ୱ ଦେଇଛନ୍ତି ।

# ଓଡ଼ିଶା ଚାଷୀ ଓ ଚାଷ ବିରୋଧି କୋଷ୍ଟାଲ ହାଇୱେ

ଭୁବନେଶ୍ୱର,୨୩/୬ (ନି.ପ୍ର): ଭାରତମାଳା ଯୋଜନାରେ ନିର୍ମାଣ ହେବାକୁ ଯାଉଥିବା କୋଷ୍ଟାଲ ହାଇୱେ ରାଜ୍ୟର ସମୁଦ୍ରତଟବର୍ତୀ ଠାରୁ ୪୦୦ କି.ମି. ଲମ୍ବରେ ହେବ। ଏଥିପାଇଁ ନଦୀ ଅବବାହିକା ଓ ଡେଲଟା ଅଚଂଳରେ ଲକ୍ଷାଧିକ ହେକ୍ଟର ଉର୍ବର ଜମି ଚାଷୀମାନେ ହରାଇବେ। ଅତି ଉର୍ବର ଚାଷ ଜମିରେ ହାଇୱେ ଓ ତାର ଦୁଇ ପାର୍ଶ୍ୱରେ ନନଜୁରୀ ଜମି ଏ ସମସ୍ତ ଜମି ହରାଇବାକୁ ପଡ଼ିବ କାହା ସ୍ୱାର୍ଥରେ ? ବେପାରୀଙ୍କ ପରିବହନ ପାଇଁ ଏହା ଉଦ୍ଦିଷ୍ଟ। ଏହା କାର୍ଯ୍ୟକାରୀ କରିବାକୁ ଗଲାବେଳେ ଭାଜପା ନେତାମାନେ ମନେ ରଖିବା ଉଚିତ ଯେ ଅଟଳ ବିହାରୀ ବାଜପେଇଙ୍କ ନଦୀ ସଂଯୋଜକୀକରଣ ଯୋଜନା ହୋଇପାରିଲା ନାହିଁ। କୋଷ୍ଟାଲ ହାଇୱେ ବଦଳରେ କୋଷ୍ଟ କେନାଲ ଖୋଲାଇଲେ ରାଜ୍ୟ ଓ ରାଜ୍ୟବାସୀଙ୍କ ବହୁମୁଖି ଉପକାର ଆସିବ। ସମୁଦ୍ରକୁ ବର୍ଷକ ଭିତରେ ୫୭% ବର୍ଷାଜଳ ବୋହି ନଯାଇ ଏହି କେନାଲରେ ରହିବ। ଲୁଣାପାଣିର କୁ ପ୍ରଭାବରୁ ଲକ୍ଷଲକ୍ଷ ହେକ୍ଟର ଚାଷଜମିକୁ ରକ୍ଷା ମିଳିବ। ସବୁ ବଡ଼ କେନାଲରେ ଶେଷଭାଗ ଜମିକୁ ଜଳ ମାଡ଼ନୁଥିବା ସଂକଟରୁ ଚାଷୀକି ଓ ଚାଷକୁ ରକ୍ଷା କରିବ। ତଟବର୍ତୀର ସମସ୍ତ ବନ୍ଦର ଓ ସହରକୁ ପାନୀୟ ଜଳ ଯୋଗାଇହେବ କେନାଲର ଦୁଇ ପାର୍ଶ୍ୱରେ ଦୁଇଗୋଟି ରାସ୍ତା ପର୍ଯ୍ୟଟନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବ। ଏଥିରେ ଲକ୍ଷ ଲକ୍ଷ ରୋଜଗାର ସୃଷ୍ଟି କରିବ। କେନାଲରେ କଂଟେନର ପରିବହନ ସୁଗମ ହେବ। ତଟବର୍ତୀ ପରିବେଶରେ କ୍ଷତି ହେବ ନାହିଁ। ଏସବୁକୁ ଅନୁଧ୍ୟାନ ନକରି କେଉଁ ଭାବରେ ଓ କାହିଁକି ରାଜ୍ୟବାସୀଙ୍କୁ କ୍ଷତି ପହଂଚାଇବାର ଉଦ୍ୟମ କେନ୍ଦ୍ର ସରକାର କାହିଁକି କରୁଛନ୍ତି ଓ ଏଥିରେ ରାଜ୍ୟ ସରକାର ସହଯୋଗ କରୁଛନ୍ତି କାହିଁକି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ଓ ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନଗୋ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ରାଜ୍ୟର ସନ୍ତାନ କାହା ସ୍ୱାର୍ଥରେ ରାଜ୍ୟର ଏପରି କ୍ଷତି ଘଟାଇବାକୁ ଯାଉଛନ୍ତି ଲକ୍ଷ ଲକ୍ଷ ଚାଷୀ ଜମି ହରାଇବେ।

# ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ନେଇ ବିଜେପିର ଟାର୍ଗେଟ୍

## କେନ୍ଦ୍ରୀୟ ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କ ଅସଲ ମୁଖାକୁ ପଦାରେ ପକାଇଛି : ପ୍ରଦୀପ ପୁରୋହିତ

## ଜୁନ୍ ୨୫ ରେ ଓଡିଶା ରାଜ୍ୟ ଯୋଗଣ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ



ଭୁବନେଶ୍ୱର,୨୩/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଟୋକନ ଓ ଟାର୍ଗେଟ ବ୍ୟବସ୍ଥା ଯୋଗୁଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହି ବ୍ୟବସ୍ଥା ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ହଜାର ହଜାର କ୍ୱିଂଟାଲ ଧାନ ପଡି ରହି ନଷ୍ଟ ହେଉଛି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୧୯୪୦ ଟଙ୍କା ଥିବାବେଳେ ଚାଷୀମାନେ ମଧ୍ୟସ୍ଥିଙ୍କ ଉପସ୍ଥିତି କାରଣରୁ ୧ ହଜାରରୁ ୧୨୦୦ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି । କଟନୀ ଛଟନୀ କରି ମିଲରମାନେ ଚାଷୀଙ୍କୁ ଶୋଷଣ କରୁଛନ୍ତି । ମିଲର ଜରିଆରେ ବିଜେଡି ନିଜ ଦଳୀୟ ପାଣ୍ଠି ପାଇଁ ଅର୍ଥ ସଂଗ୍ରହ କରୁଛି । ରାଜ୍ୟ ସରକାରଙ୍କ ସବୁଠୁ ଅଧିକା ଚାଷୀଙ୍କୁ ଗୁରୁତ୍ୱ ଦେଉଥିବା କହି କୁମ୍ଭୀର କାନ୍ଦଣା କାନ୍ଦି ଓଡିଆ ଚାଷୀଙ୍କୁ ପରିହାସ କରୁଛନ୍ତି । ଚାଷୀଙ୍କ ଠାରୁ ଧାନ କିଣା ନଗଲେ ଜୁନ୍ ୨୫ରେ ଓଡିଶା ରାଜ୍ୟ ଯୋଗଣ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଚେତାବନୀ ଦେଇଛନ୍ତି ।

ରାଜ୍ୟରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ଏହି ପ୍ରସଙ୍ଗରେ ଚଳିତ ବର୍ଷ ମାର୍ଚ୍ଚ ୧୬ ତାରିଖରେ ଖାଉଟି ବ୍ୟାପାର ଏବଂ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ସହ ବିଜେପିର ସାଂସଦମାନେ ଆଲୋଚନା କରିଥିଲେ । ଏହା ପରେ ବିଭାଗୀୟ ମନ୍ତ୍ରାଳୟ ପକ୍ଷରୁ ଅତିରିକ୍ତ ସଚିବଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଧାନ କିଣା ଅବ୍ୟବସ୍ଥା ନେଇ ତଦନ୍ତ କରାଯାଇଥିଲା । କେନ୍ଦ୍ରୀୟ ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କ ଅସଲ ମୁଖାକୁ ପଦାରେ ପକାଇଛି ବୋଲି ଶ୍ରୀ ପୁରୋହିତ ଅଭିଯୋଗ କରିଛନ୍ତି । ମଣ୍ଡିରେ ଶ୍ରମିକ ପାରିଶ୍ରମିକ ମୂଲ୍ୟ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଚୂଡାନ୍ତ ହେବା ଉଚିତ୍ । କିନ୍ତୁ ରାଜ୍ୟ ସରକାର ଏହାକୁ ପାଳନ କରୁନାହାଁନ୍ତି । ଧାନ ବସ୍ତା ରଖିବା ପାଇଁ ଗୋଦାମ ଘର ନାହିଁ ଫଳରେ ଗଚ୍ଛିତ ଧାନ ନଷ୍ଟ ହେଉଛି । ଟୋକନ ବ୍ୟବସ୍ଥାରେ ଧାନ ସଂଗ୍ରହ ବ୍ୟବସ୍ଥା ଅଧିକ ଓ ନିରପକ୍ଷପାତିତା କରାଯାଉ । ରାଜ୍ୟ ସରକାର ଇ-ପ୍ରକ୍ରିୟା ମାଧ୍ୟମରେ ସ୍ୱତନ୍ତ୍ର ମଣ୍ଡି ଲେବର କଂଟ୍ରାକ୍ଟର ଏବଂ ମଣ୍ଡି ଟ୍ରାନ୍ସପୋର୍ଟ କଂଟ୍ରାକ୍ଟର ନିୟୋଜିତ କରନ୍ତୁ । ରାଜ୍ୟ ସରକାର ଧାନର ସ୍ଥିତି ମିଲୱାରୀ ଏବଂଷ୍ଟୋରେଜ ପଏଂଟ ୱାରୀକୁ ଲୋକଲୋଚନକୁ ଆଣି ଅଡିଟ୍ କରନ୍ତୁ ବୋଲି ବିଜେପି ବିଧାୟକ ମୁକେଶ ମହାଲିଙ୍ଗ ଦାବି କରିଛନ୍ତି । ରାଜଧାନୀରେ ସରକାରୀ ବାବୁ ମାନେ ଏସି ଚାମ୍ବରରେ ବସି ଟୋକନ ନିର୍ଦ୍ଧାରଣ କରୁଛନ୍ତି । ଫଳରେ ଚାଷୀ ଯେତିକି ଜମିରେ ଧାନ ଉତ୍ପାଦନ କରୁଛି ତା ଠାରୁ ଢେର କମ ଦାମରେ ଧାନ ବିକ୍ରି କରିବାକୁ ବାଧ ହେଉଛି । ମିଲରଙ୍କୁ ସିଧାସଳଖ ଧାନ ବିକିବାକୁ ପୋତ୍ସାହିତ କରାଯାଉଛି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ରବି ନାୟକ ଅଭିଯୋଗ କରିଛନ୍ତି ।

କେନ୍ଦ୍ର ସରକାର ଧାନ କିଣିବାକୁ ବ୍ୟାପକ ଅର୍ଥ ଦେଉଛନ୍ତି । କିନ୍ତୁ ରାଜ୍ୟ ସରକାର ଟୋକନ ଅବଧି କମାଇଦେବାରୁ ଚାଷୀ ତା'ର ଧାନକୁ ବିକ୍ରି କରିପାରୁନାହିଁ । ଚାଷୀଙ୍କ ପାଖରେ ଟୋକନ ରହୁଛି କିନ୍ତୁ ଟାର୍ଗେଟ ନଥିବା କାରଣରୁ ଟୋକନ ଲ୍ୟାପ୍ସ ହେଉଛି । ଏଥିରେ ଚାଷୀ ଭାଇର ଭୁଲ କେଉଁଠି ? ସହରାଂଚଳରେ ମିଲରମାନେ ଚାଷୀଙ୍କ ପାଖକୁ ଯାଉଛନ୍ତି କିନ୍ତୁ ଗ୍ରାମାଂଚଳରେ ମିଲମାନଙ୍କ ପାଖକୁ ଚାଷୀମାନେ ଯାଉଛନ୍ତି । ଗାଁ ଚାଷୀମାନଙ୍କ ଧାନ ଖୋଲା ଆକାଶ ତଳେ ରହିବା ପରେ ବି ମିଲରମାନେ ସେମାନଙ୍କ ଧାନ ସଂଗ୍ରହ କରୁନାହାଁନ୍ତି ବୋଲି ବିଜେପି ବିଧାୟକ ନାଉରୀ ନାଏକ ଅଭିଯୋଗ କରିଛନ୍ତି ।

ଏହି ସମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଠାକୁର ରଂଜିତ ଦାସ ଏବଂ କୃଷକ ମୋର୍ଚ୍ଚା ସଂପାଦକ କାମାକ୍ଷା ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶାକୁ ଚାହିଦା ମୁତାବକ ସାର ଯୋଗାଇ ଦେବାକୁ କିଷାନ କଂଗ୍ରେସର ଦାବି

ଭୁବନେଶ୍ୱର,୨୩/୬ (ନି.ପ୍ର): ଚଳିତ ବର୍ଷ ଠିକଣା ସମୟରେ ମୌସୁମୀ ଆସିବା ଫଳରେ ଚାଷ କ୍ଷେତ୍ରରେ ଢେର ତତ୍ପରତା ପ୍ରକାଶ ପାଇଛି। ଏହି ସମୟଠାରୁ ଖରିଫ୍ ଚାଷ ପାଇଁ ସାରର ଯଥେଷ୍ଟ ଚାହିଦା ରହୁଛି। କିନ୍ତୁ ଦୁଃଭାଗ୍ୟର ବିଷୟ କେନ୍ଦ୍ର ସରକାର ନିର୍ଦ୍ଧାରିତ କୋଟା ଅନୁଯାୟୀ ଓଡ଼ିଶାକୁ ସାର ଯୋଗାଇବାରେ ଅହେତୁକ ବିଳମ୍ବ ଓ ଲକ୍ଷ୍ୟ ଧାର୍ଯ୍ୟଠାରୁ ଖୁବ୍ କମ୍ ସାର ଦେବାଦ୍ୱାରା ଖରିଫ ଚାଷ ପ୍ରଭାବିତ ହୋଇପାରେ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି। ଚଳିତ ଖରିଫ-୨୦୨୧ ପାଇଁ ଓଡ଼ିଶାକୁ କେନ୍ଦ୍ରର ବାର୍ଷିକ ସାର କୋଟା ମୋଟ ୯ଲକ୍ଷ ୧୫ ହଜାର ମେଟ୍ରିକ୍ ଟନ୍ (ଯବକ୍ଷାରଜାନ, ଫସଫରସ ଓ ପଟାସ)। ସେଥିମଧ୍ୟରୁ ଗତ ଏପ୍ରିଲଠାରୁ ଜୁନ୍,୨୦ ସୁଦ୍ଧା ରାଜ୍ୟ ୩ ଲକ୍ଷ ୬୩ ହଜାର ୪୩୦ ମେଟ୍ରିକ୍ ଟନ୍ ସାର ପାଇବା କଥା। କିନ୍ତୁ ଓଡ଼ିଶା ପାଇଛି ମାତ୍ର ୨ ଲକ୍ଷ ୧୮ ହଜାର ୪୩୦ ମେଟ୍ରିକ୍ ଟନ୍, ଅର୍ଥାତ ଜୁନ୍,୨୦ ସୁଦ୍ଧା ଦେଢ଼ଲକ୍ଷ ମେଟ୍ରିକ୍ ଟନ୍ ସାର କମ୍ ପାଇଛି। ସମୁଦାୟ ମୋଟ ବାର୍ଷିକ ସାରରୁ ୟୁରିଆ ସାର ୪ ଲକ୍ଷ ମେଟ୍ରିକ୍ ଟନ୍।

# ହାଇସ୍କୁଲରେ ଏମିତି ଚାଲିଛି ଧନ୍ଦାମୂଳକ ଶିକ୍ଷା : ଶିକ୍ଷକଙ୍କୁ ମିଳିନି ୬ ମାସର ଦରମା

## ୫ ବର୍ଷ ହେଲା ବଢ଼ିନି ଦରମା, ଚିନ୍ତାରେ ୧୨୦୦ ଶିକ୍ଷକ



ଭୁବନେଶ୍ୱର,୨୩/୬ (ନି.ପ୍ର): ୨୦୧୬ ଡିସେମ୍ବରରୁ ହାଇସ୍କୁଲରେ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମ ଖୋଲାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୨୦୮ ହାଇସ୍କୁଲ ତଥା ଉଚ୍ଚବିଦ୍ୟାଳୟରେ ଖୋଲିଥିବା ଏହି ପାଠ୍ୟକ୍ରମ ଏବେ ପ୍ରାୟ ହାଇସ୍କୁଲରେ ପହଞ୍ଚିଲାଣି। ବହୁ ପରିମାଣର ଛାତ୍ରଛାତ୍ରୀ ଏହି ପାଠ୍ୟକ୍ରମ ପ୍ରତି ଆଗ୍ରହ ଦେଖାଉଥିବାରୁ ସଂସ୍କୃତ ଓ ହିନ୍ଦୀ ବିଷୟ ପ୍ରତି ବିପଦ ମଧ୍ୟ ସୃଷ୍ଟି ହୋଇଛି। କେତେକ ହାଇସ୍କୁଲରେ ପିଲାମାନେ ସଂସ୍କୃତ ବିଷୟରେ ଶିକ୍ଷା ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରୁଥିବା ମଧ୍ୟ ନଜରକୁ ଆସିଛି। ତେଣୁ ସଫଳତା ପରେ ବି ଧନ୍ଦାମୂଳକ ଶିକ୍ଷାଦାନ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉଚିତ ନ୍ୟାୟ ମିଳି ପାରୁନାହିଁ। ୫ବର୍ଷ ହେଲା ସେମାନଙ୍କର ଦରମା ବଢ଼ି ନଥିବା ବେଳେ ଏବେ ନିୟମିତ ଦରମା ମିଳୁନାହିଁ। ପ୍ରାୟ ୧୨୦୦ରୁ ଅଧିକ ଶିକ୍ଷକ ଗତ ଜାନୁଆରି ମାସରୁ ଆଦୌ ଦରମା ପାଇ ନ ଥିବାରୁ ସେମାନଙ୍କ ମାନସିକ ସନ୍ତୁଳନ ନଷ୍ଟ ହେବାରେ ଲାଗିଛି। ଗୋଟିଏ ପଟେ ରାଜ୍ୟ ସରକାର ଅନ୍ୟ ଶିକ୍ଷକଙ୍କୁ ଠିକ୍ ସମୟରେ ଦରମା ଦେଉଥିବା ବେଳେ ଏମାନଙ୍କ ପ୍ରତି କାହିଁକି ପାନ୍ତରଅନ୍ତର କରାଯାଉଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟର ପ୍ରାୟ ହଜାରେ ବିଦ୍ୟାଳୟରେ ୮ରୁ ଅଧିକ ଟ୍ରେଡ୍‌ରେ ଶିକ୍ଷା ଦିଆଯାଉଛି। ପ୍ରତି ବିଦ୍ୟାଳୟରେ ଦୁଇଟି ଟ୍ରେଡ୍‌ରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯାଉଛି। ତାହାକୁ ହିସାବକୁ ନେଲେ ୧୮୦୦ରୁ ଅଧିକ ଶିକ୍ଷକ/ଶିକ୍ଷୟିତ୍ରୀ ଏବେ ହାଇସ୍କୁଲରେ ଧନ୍ଦାମୂଳକ ଶିକ୍ଷା ପଢ଼ାଉଛନ୍ତି। ଆଇଟି ଆଣ୍ଡ ଆଇଟିଇଏସ୍ ବିଷୟ ଅଧିକାଂଶ ବିଦ୍ୟାଳୟରେ ରହିଥିବା ବେଳେ ରିଟେଲ୍, ଟୁରିଜିମ୍ ଆଣ୍ଡ ହସ୍ପିଟାଲିଟି, ପ୍ଲମ୍ବର, ଏଗ୍ରିକଲଚର, ଇଲେକ୍ଟ୍ରୋନିକ୍ ଓ ହାର୍ଡୱେୟାର, ଅଟୋମୋଟିଭ୍ ଆଦି ବିଷୟରେ ବି ପିଲାମାନେ ପଢୁଛନ୍ତି। ପ୍ରତି ଟ୍ରେଡ୍‌ରେ ୩୦ରୁ ୩୫ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଧନ୍ଦାମୂଳକ ଶିକ୍ଷା ପାଇଁ ସ୍ୱତନ୍ତ୍ର ସମୟସାରଣୀ ନିର୍ଧାରଣ କରାଯିବା ସହ ପିଲାଙ୍କୁ ଶିକ୍ଷାୟନ ପରିଦର୍ଶନ, ଅତିଥି ଅଧ୍ୟାପକ ପାଇଁ ବ୍ୟବସ୍ଥା ହୋଇଛି। କରୋନା କାଳରେ କ୍ଲାସରୁମ୍ ହେଉ କି ଅନ୍‌ଲାଇନ୍ ଶିକ୍ଷା, ସବୁଥିରେ ପିଲାଙ୍କୁ ପଢ଼ାଉଛନ୍ତି। ତା' ପରେ ବି କେତେକ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ ଗତ ଡିସେମ୍ବର ମାସରୁ ଏପର୍ଯ୍ୟନ୍ତ ଦରମା ପାଇ ନ ଥିବା ଅଭିଯୋଗ ହୋଇଛି। ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ରାମ୍‌ସା) ପକ୍ଷରୁ ଓଡ଼ିଶାରେ ପ୍ରାୟ ୧୬ଟି ଘରୋଇ ସଂସ୍ଥାକୁ ଏହି ପାଠ୍ୟକ୍ରମର ପରିଚାଳନା ଦାୟିତ୍ୱ ଦିଆଯାଇଛି। ହେଲେ ସେମାନେ ଠିକ୍ ଭାବେ କାର୍ଯ୍ୟ ତୁଲାଉ ନାହାନ୍ତି। ନିର୍ଧାରିତ ସମୟରେ ଦରମା ମିଳୁ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗତ ଦୁଇ ବର୍ଷ ହେଲା କେତେବେଳେ ୩ ମାସରେ ଥରେ ତ ଆଉ କେତେବେଳେ ଦୁଇ ମାସରେ ଥରେ ଦରମା ମିଳୁଛି। ଶିକ୍ଷକମାନେ ବିନା ବାଧାରେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ପ୍ରତି କାହିଁକି ଏଭଳି ମନୋଭାବ ପୋଷଣ କରାଯାଉଛି, ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୧୬ଟି ସଂସ୍ଥା ମଧ୍ୟରୁ ଏବେ ସୁଦ୍ଧା ୪ଟି ସଂସ୍ଥା ଏପ୍ରିଲ ମାସ ପର୍ଯ୍ୟନ୍ତ ଦରମା ଦେଇଛନ୍ତି। ବାକି ୧୨ଟି ସଂସ୍ଥା ଦ୍ୱାରା ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ଦରମା ମିଳି ପାରିନାହିଁ। ୩ଟି ସଂସ୍ଥା ଡିସେମ୍ବର ମାସ ଯାଏ ଦରମା ଦେଇଛନ୍ତି। ପୁରୀ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଆଦି ଜିଲ୍ଲାରେ ଦାୟିତ୍ୱ ନେଇଥିବା ସଂସ୍ଥା ଜାନୁଆରି ମାସ ପର୍ଯ୍ୟନ୍ତ ଦରମା ଦେଇଛି। ଜୁନ୍ ସରିବାକୁ ବସିଥିବା ବେଳେ ଦରମା ମିଳୁ ନଥିବାରୁ କରୋନା ଭଳି ଦୁର୍ଦ୍ଦିନ ସମୟରେ ସେମାନେ କିଭଳି ପରିବାର ପରିପୋଷଣ କରିବେ, ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପାଠ୍ୟକ୍ରମ ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥାଠାରୁ ଆରମ୍ଭ କରି ରାମ୍ ?ସା କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ସେମାନେ ନୟାନ୍ତ ହେଲେଣି। ତା' ପରେ ବ କେହି ଶୁଣୁନାହାନ୍ତି।

# କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରରେ ରଥଯାତ୍ରା ଅନୁଷ୍ଠିତ ହେବା ପାଇଁ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ



ଭୁବନେଶ୍ୱର,୨୩/୬ (ନି.ପ୍ର): ବର୍ତ୍ତମାନ ସାରା ରାଜ୍ୟରେ କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିକଟରେ ରଥଯାତ୍ରା ଉପରେ ରୋକ ଲଗାଇଛନ୍ତି। ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କେବଳ ପୁରୀରେ ରଥଯାତ୍ରା ବ୍ୟତୀତ ଓଡ଼ିଶାର ଅନ୍ୟ କୌଣସି ଜାଗାରେ ରଥଯାତ୍ରା ଅନୁଷ୍ଠିତ ହୋଇପାରିବ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ର ଶ୍ରୀ ବଳଦେବଜୀଉଙ୍କ ପୀଠରେ ରଥଯାତ୍ରା ଅନୁଷ୍ଠିତ ହେବା ପାଇଁ ଓଡ଼ିଶା ଲୋକଦଳ ତରଫରୁ ସଭାପତି ଦୀପଙ୍କର ମହାନ୍ତି ଏବଂ ସମ୍ପାଦକ ରଶ୍ମୀରଞ୍ଜନ ପତିଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରାଯାଇଛି ଯାହାର କେସ୍ ନଂ-୧୮୪୩୧/୨୦୨୧ ତା ୨୧.୦୬.୨୦୨୧। ଏଠାରେ ସୂଚନାଯୋଗ୍ୟ ଯେ ୧୨୨୦ ଖ୍ରୀଷ୍ଟାବ୍ଦରେ କେନ୍ଦ୍ରାପଡ଼ାର ଆରାଧ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳଦେବ ମନ୍ଦିର ରଙ୍ଗ ମହାରାଜା ଅନଙ୍ଗ ଭୀମଦେବ ନିର୍ମାଣ କରିଥିଲେ। ଏହି ସମୟ ବେଳକୁ ସମଗ୍ର ଓଡ଼ିଶାରେ କେବଳ ଦୁଇଟି ବୈଷ୍ଣବ କ୍ଷେତ୍ର ଥିଲା ଶ୍ରୀକ୍ଷେତ୍ର ପୁରୀ ଏବଂ ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ା। ୧୫୨୨ ଖ୍ରୀଷ୍ଟାବ୍ଦ ଠାରୁ ୧୫୩୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶ୍ରୀଚୈତନ୍ୟ ମହାପ୍ରଭୁ ତୁଳସୀ କ୍ଷେତ୍ରକୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ବାରମ୍ବାର ଆଗମନ କରିଥିଲେ। ଶ୍ରୀଚୈତନ୍ୟଙ୍କ ଆଗମନ ବେଳକୁ ଏହି ଦୁଇ କ୍ଷେତ୍ରରେ ରଙ୍ଗନରେଶ ରଥଯାତ୍ରା କରାଉଥିଲେ ଏବଂ ଶ୍ରୀ ଜଗନ୍ନାଥଙ୍କୁ ରସଗୋଲା ଏବଂ ଶ୍ରୀ ଶ୍ରୀ ସିଦ୍ଧବଳଦେବଙ୍କୁ ରସାବଳୀ ମଣୋତି କରାଯାଇଥିଲା। ଶ୍ରୀକ୍ଷେତ୍ର ପୁରୀ ସହିତ ତୁଳସୀକ୍ଷେତ୍ରର ଆବାହନ କାଳରୁ ନିବିଡ଼ ସମ୍ପର୍କ ରହିଛି। ତେଣୁ ଶ୍ରୀକ୍ଷେତ୍ର ପୁରୀ ସମେତ କେନ୍ଦ୍ରାପଡ଼ାରେ ରଥଯାତ୍ରା ଅନୁଷ୍ଠିତ ହେବା ପାଇଁ ଓଡ଼ିଶା ଲୋକ ଦଳ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରାଯାଇଛି।

# ଭୁବନେଶ୍ୱର ରେଳ ଷ୍ଟେସନରେ 'ଆମ୍ବା'

ଭୁବନେଶ୍ୱର,୨୩/୬ (ନି.ପ୍ର): ଭୁବନେଶ୍ୱର ରେଳ ଷ୍ଟେସନରେ ଲାଗିଲା 'ଆମ୍ବା'। ପାରାଦୀପ ଫସପେଟ୍ ଲିମିଟେଡ୍ ପକ୍ଷରୁ ଏହି 'ଆମ୍ବା' ମେସିନ ଲାଗିଛି। 'ଆମ୍ବା' ହେଉଛି AUTO-MATED TICKET CHEAKING AND MANAGING AXIS SYSTEM। କୋଭିଡ୍ ସମୟରେ ସାମାଜିକ ଦୂରତା ରକ୍ଷା କରିବା ସହ ବିନା ଟିକେଟ ଛୁଇଁ ଏହା ଦ୍ୱାରା ଚେକିଂ ହୋଇପାରିବ। 'ଆମ୍ବା' E-ticket ଧାରିମାନଙ୍କ ପାଇଁ। ଏହି ମେସିନ୍ ମୁଖ୍ୟତଃ ୪ଟି କାମ କରିବ। ଏହି ମେସିନ ଟିକେଟର ବାରକୋଡକୁ ଏହି ମେସିନ ସ୍କାନ କରିବ। ଏହା ଦ୍ୱାରା ଟିକେଟ କନ୍‌ଫର୍ମ ହୋଇଛି କି ନାହିଁ ଜଣାପଡ଼ିବ। ଟିକେଟର ସମସ୍ତ ତଥ୍ୟ ସହ ଯାତ୍ରା କରୁଥିବା ବ୍ୟକ୍ତିଙ୍କ ଥର୍ମାଲ ସ୍କ୍ରିନିଂ କରି ଶରୀରର ତାପମାତ୍ରା ଜଣାଇବ। ଏହା ସଂପୂର୍ଣ୍ଣ ଟଚ୍ ଫ୍ରି' ସିଷ୍ଟମ୍ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ପୁରୀ ରେଳ ଷ୍ଟେସନରେ ଏହି ସେବା ଲାଗୁ ହେବ।

# ସରକାର ଶତପ୍ରତିଶତ ଛାତ୍ରଛାତ୍ରୀଙ୍କୁ ଅନଲାଇନ ସୁବିଧା ଯୋଗାଇ ଦିଅନ୍ତୁ : ଛାତ୍ର କଂଗ୍ରେସ ସଭାପତି

ଭୁବନେଶ୍ୱର,୨୩/୬ (ନି.ପ୍ର): ପିଲାଙ୍କୁ ପାଠ ପଢ଼େଇବା ପାଇଁ ଓଡ଼ିଶା ସରକାର ଯେଉଁ ପଦ୍ଧତି ଆପଣେଇଛନ୍ତି ଏଥିରେ ମାତ୍ର ୩୦ ପ୍ରତିଶତ ପିଲାଙ୍କୁ ପାଠ ପଢ଼େଇବାରେ ସକ୍ଷମ ହୋଇଛନ୍ତି ବୋଲି ଗଣ ଶିକ୍ଷାମନ୍ତ୍ରୀ ସମୀର ଦାସ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଛନ୍ତି। ଶିକ୍ଷାମନ୍ତ୍ରୀଙ୍କ ଉକ୍ତିରେ ଏହା ସ୍ପଷ୍ଟ ହୋଇପିଛି ଯେ ବାକି ୭୦ ପ୍ରତିଶତ ଛାତ୍ରଛାତ୍ରୀଙ୍କ ପାଖରେ ସରକାର ପଂହଚି ପାରି ନାହାନ୍ତି। ଦୂରଦର୍ଶନ, ହ୍ୱାଟସ ଆପ, ଅନଲାଇନ, ଭିଡିଓ ଏପରି ସମସ୍ତ ମାଧ୍ୟମରେ ପ୍ରଚେଷ୍ଟା କରି ସରକାର ଗତବର୍ଷ ମାତ୍ର ୩୦ ପ୍ରତିଶତ ଛୁଇଁଲେ। ଗତ ବର୍ଷର ଚିତ୍ର ଏହାବୋଲି ଶିକ୍ଷାମନ୍ତ୍ରୀ ନିଜେ ସ୍ୱୀକାର କରୁଛନ୍ତି। ମନ୍ତ୍ରୀ କହୁଛନ୍ତି ବାକି ୩୦ ପ୍ରତିଶତରୁ ୫୦ଙ୍କ ପାଖରେ କିପରି ଶିକ୍ଷାଦାନ ପଂହଚିବ ସରକାର ତାହା ଚିନ୍ତାକରୁଛନ୍ତି। ଏକ ସରକାର ୧୦୦ ପ୍ରତିଶତ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚିବା ଦରକାର। ସେଥିପାଇଁ ସରକାର ଚିନ୍ତିତ ନୁହଁନ୍ତି। ମାଲକାନଗିରୀ, ନବରଙ୍ଗପୁର, ମୟୁରଭଞ୍ଜ, କଳାହାଣ୍ଡି, କନ୍ଧମାଳରେ କେତେ ଛାତ୍ରଛାତ୍ରୀ ମାନଙ୍କ ପାଖରେ ଇଂଟରନେଟର ସୁବିଧା ଅଛି ସରକାର ଚିନ୍ତା କରିଛନ୍ତିକି ? ଏ ରାଜ୍ୟରେ ୭୫ ପ୍ରତିଶତ ଛାତ୍ର ଛାତ୍ରୀଙ୍କ ପାଖରେ ସ୍ମାର୍ଟ ଫୋନର ସୁବିଧା ନାହିଁ।

# ୨ୟ ଶ୍ରୀକ୍ଷେତ୍ର ବାରିପଦାରେ କଟକଣା ଯୁକ୍ତ ରଥଯାତ୍ରା ଦାବି

## ଓଡିଆ ଜାଗରଣ ମଂଚ ପକ୍ଷରୁ ଧାରଣା ଓ ଦାବିପତ୍ର ପ୍ରଦାନ



ବାରିପଦା,୨୩/୦୬ (ନି.ପ୍ର): ସରକାରଙ୍କ କେବଳ ପୁରୀ ରଥଯାତ୍ରା୦କୁ ଛାଡି ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ସମେତ ଅନ୍ୟ ସମସ୍ତ ସ୍ଥାନର ରଥଯାତ୍ରା କୁ ଚଳିତ ବର୍ଷ ବନ୍ଦ ରଖିଥିବାରୁ ୨ୟ ଶ୍ରୀକ୍ଷେତ୍ର ରେ କଟକଣା ଯୁକ୍ତ ରଥଯାତ୍ରା କରାଇବା ଏବଂ ରଥ ନିର୍ମାଣ କାମ ଚାଲୁ ରଖା ଯିବା ଦାବୀରେ ଆଜି ସକାଳ ୯ଘଟିକା ଠାରୁ ଦିବା ୧ ଘଟିକା ପର୍ଯ୍ୟନ୍ତ ଜିଲ୍ଲା ଅଗ୍ରଣୀ ଭାଷା ସାହିତ୍ୟ ଅନୁଷ୍ଠାନ ଓଡିଆ ଜାଗରଣ ମଂଚ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଧାରଣା ପ୍ରଦର୍ଶନ କରାଯିବା ସହ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏବଂ ଏସଆରସି ଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିବାର ଜଣା ଯାଇଛି । ମଂଚର ସାଧାରଣ ସମ୍ପାଦକ ଶରତଚନ୍ଦ୍ର ନାୟକଙ୍କ ସହିତ ବରିଷ୍ଠ ସଦଶ୍ୟ ଜ୍ଞାନ ରଞ୍ଜନ ତ୍ରିପାଠୀ, ନରେନ୍ଦ୍ର ମୋହନ ସେନାପତି, ପିତାମ୍ବର ମଲ୍ଲିକ, ଉଦୟ ନାଥ ଜେନା ପ୍ରମୁଖ ପ୍ଲାକାର୍ଡ ଧରି ଧାରଣାରେ ବସିଥିବା ବେଳେ, ସଦଶ୍ୟ ସଞ୍ଜିବ ସାହୁ, ରମାକାନ୍ତ ରାଉତ, ଦିଲ୍ଲିପ କୁମାର ପାତ୍ର, ଲୋକନାଥ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଧାରଣା ନିୟମିତ ଭାବରେ ୫ଦିନ ଧରି ଚାଲିବ ବୋଲି ଜଣା ଯାଇଛି । ତେବେ ୧୫୬୮ ମସିହାରୁ ୧୩ ବର୍ଷପାଇଁ ପୁରି ଶ୍ରୀକ୍ଷେତ୍ର ରେ କଳାପାହାଡର ଆକ୍ରମଣ ଫଳରେ ରଥ ଯାତ୍ରା ବନ୍ଦ ରହିଥିଲା । ପୁରି ଶ୍ରୀମନ୍ଦିର ରୁ ଶ୍ରୀ ବିଗ୍ରହ ମାନଙ୍କୁ ନେଇ ଗୁପ୍ତରେ ପାତାଳିକରି ରଖା ଯାଇଥିଲା । ସେତେବେଳେ ମୟୂରଭଞ୍ଜ ମହାରାଜା ବୈଦ୍ୟନାଥ ଭଞ୍ଜଦେଓ ସେହି ୧୫୬୮ ମସିହାରୁ ବାରିପଦାରେ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଯୁଦ୍ଧ କାଳୀନ ଭିତ୍ତିରେ ୧୫୭୫ ମସିହାରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ?ସ୍ଥାପନ କରି ରଥଯାତ୍ରା ଆରମ୍ଭ କରିଥିଲେ । ସେତେବେଳେ ମୋଗଲ ମାନଙ୍କର ପ୍ରଭାବରେ କେହି ହିନ୍ଦୁରାଜା ଜଗନ୍ନାଥ ମନ୍ଦିର ନିର୍ମାଣ ବା ରଥଯାତ୍ରା ଆୟୋଜନ କରିବାକୁ ସାହସ କରି ନଥିବା ବେଳେ ମୟୂରଭଞ୍ଜ ମହାରାଜା ବୈଦ୍ୟନାଥ ଭଞ୍ଜଦେଓ ନିଜେ ଓ ନିଜ କରଦ ରାଜ୍ୟର ରାଜା ତଥା ସେନା ବାହିନୀର ସୁରକ୍ଷା ବଳୟ ଭିତରେ ରଥଯାତ୍ରା ସମ୍ପାଦନ କରାଇ ଥିଲେ । ଶ୍ରୀକ୍ଷେତ୍ର ପୁରିରେ ଅନେକ ବାର ରଥଯାତ୍ରା ବନ୍ଦ ହୋଇଥିବା ବେଳେ ୨ୟ ଶ୍ରୀକ୍ଷେତ୍ର ବାରିପଦାରେ ୧୫୭୫ ମସିହାରୁ ଅଦ୍ୟାବଧି ନିରବଚ୍ଛିନ ଭାବେ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଏଠାକାର ସ୍ୱତନ୍ତ୍ର ପରଂପରା ଅନୁଯାୟୀ ଏଠାରେ ଦେବୀ ସୁଭଦ୍ରାଙ୍କୁ କେବଳ ମହିଳା ମାନେ ଟାଣିଥାନ୍ତି । ଏଣୁ ୨ୟ ଶ୍ରୀକ୍ଷେତ୍ର ବାରିପଦାର ରଥଯାତ୍ରାର ବିଶେଷତ୍ୱ ରହିଥିବାରୁ ସରକାର ବାରିପଦାରେ କଟକଣା ଯୁକ୍ତ ରଥଯାତ୍ରାର ଅନୁମତି ଦେବା ଉଚିତ ବୋଲି ଜିଲ୍ଲାର ବୁଦ୍ଧିଜିବୀ ମହଲରେ ବାବୀ ଜୋର ଧରିଛି ।

## ରାଜଧାନୀରେ ୨୪ ଘଂଟାରେ ୩୭୫ ପଜିଟିଭ୍, ୩୮୪ ସୁସ୍ଥ

ଭୁବନେଶ୍ୱର,୨୩/୦୬(ନି.ପ୍ର): ରାଜଧାନୀରେ ପୁଣି ବଢିଲା ସଂକ୍ରମଣ। ଆଜି ପୁଣି ଥରେ ଆକ୍ରାନ୍ତଙ୍କ ସଂଖ୍ୟା ୩୦୦ ଟପିଛି । ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ବୁଧବାର ଦିନ ଆଉ ୩୭୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୭୫ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୩୦୦ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୩୮୪ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ୨୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଚନ୍ଦ୍ରଶେଖରପୁରରୁ ୨୧ ଜଣ, ଶୈଳଶ୍ରୀବିହାର , ନୟାପଲ୍ଲୀ ଓ ଏମସ୍ ନଗରରୁ ୧୩ ଜଣ ଲେଖାଏଁ , ଖଣ୍ଡଗିରିରୁ ୧୨ ଜଣ, ନିଳାଦ୍ରୀବିହାରରୁ ୧୧ ଜଣ,ମଂଚେଶ୍ୱରରୁ ୧୦ ଜଣ, ଲକ୍ଷ୍ମୀସାଗରରୁ ୯ ଜଣ , ଟଙ୍କପାଣିରୋଡ୍ ଓ ଓଲ୍ଡଟାଉନ୍ ରୁ ୮ ଜଣ ଲେଖାଏଁ , ବରମୁଣ୍ଡା ଓ ଜାଗମରାରୁ ୭ ଜଣ ଲେଖାଏଁ, ଡମଣା , ଝାରପଡା ଓ ୟୁନିଟ୍ ୬ରୁ ୬ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୭୬୪୯ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୮୫୭୩୭ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୪୭୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୪୧୫ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ....

ୟୁନିଟ ଗୁଡିକ ତୁରନ୍ତ ପଦକ୍ଷେପ ନେବାପାଇଁ ସତର୍କ ହୋଇ ରହିବା ଜରୁରୀ । ବିପଦସଂକୁଳ ଓ ଅଗମ୍ୟ ଅଂଚଳରେ ଯଥେଷ୍ଟ ପରିମାଣରେ ଖାଦ୍ୟ ପଦାର୍ଥ ଏବଂ ଗୋଖାଦ୍ୟ ମହଜୁଦ କରି ରଖିବା ଜରୁରୀ । ବିପର୍ଯ୍ୟୟ ସମୟରେ ସବୁଜ ଗୋଖାଦ୍ୟର ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦେବା ସହିତ ପ୍ରାଣୀସେବା କ୍ୟାମ୍ପ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସବୁ ଜିଲ୍ଲା ଓ ସଂପୃକ୍ତ ବିଭାଗ ଗୁଡିକରେ କଂଟ୍ରୋଲ ରୁମ୍ ଗୁଡିକ ୨୪ ଘଂଟା ଖୋଲା ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମୟରେ ଗର୍ଭବତୀ ମହିଳା, ଭିନ୍ନକ୍ଷମ ଓ ମାନସିକ ଅନଗ୍ରସର ବ୍ୟକ୍ତିବିଶେଷ, ଛୋଟପିଲା, ବିଧବା ମହିଳା ଓ ବୟୋଜ୍ୟେଷ୍ଠ ଲୋକଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଲୋକଙ୍କୁ ଖୋଜିବା ଓ ଉଦ୍ଧାର କରିବା, ପ୍ରାଥମିକ ଚିକିତ୍ସା, ରିଲିଫ ବ୍ୟବସ୍ଥା, ଅତ୍ୟାବଶ୍ୟକ ସେବା ସଂପର୍କିତ ଭିତିଭୂମିର ତୁରନ୍ତ ମରାମତି ଓ ପୁନରୁଦ୍ଧାର ଏବଂ ଉଜୁଡି ଯାଇଥିବା ଜୀବିକାର ପୁନଃସଂସ୍ଥାନ ଆଦି ସବୁ ବିଷୟ ଗୁଡିକୁ ଧ୍ୟାନ ଦେଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିପର୍ଯ୍ୟୟ ପ୍ରଭାବିତ ଲୋକମାନଙ୍କୁ ଠିକ୍ ସମୟରେ ସହାୟତା ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ ବିପର୍ଯ୍ୟୟ ପ୍ରବଣ ଅଂଚଳରେ ଗୋଷ୍ଠୀମାନଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ବିପର୍ଯ୍ୟୟ ପରିଚାଳନା ପାଇଁ ଆମର ନୀତି ହେଉଛି 'ସବୁ ଜୀବନ ମୂଲ୍ୟବାନ' । ଏହାସହିତ ସରକାରଙ୍କ ସବୁ ବିଭାଗ ସମନ୍ୱିତ ଭାବେ କାମ କରିବାର ଆଭିମୁଖ୍ୟ ନେଇ ଆମର ବିପର୍ଯ୍ୟୟ ପରିଚାଳନା ନୀତି କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ସବୁଠାରୁ ଭଲ ପଦକ୍ଷେପ ନିଆଯାଇ ବିପର୍ଯ୍ୟୟର ପ୍ରଭାବକୁ କମ୍ କରାଯାଇପାରିବ। ଓଡିଶା ହେଉଛି ଆମ ଦେଶରେ ସବୁଠାରୁ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ମାନଙ୍କ ମଧ୍ୟରେ ଅନ୍ୟତମ। ବନ୍ୟା, ବାତ୍ୟା, ମରୁଡି ଆଦି ବିଭିନ୍ନ ପ୍ରକାର ବିପର୍ଯ୍ୟୟ ଆମେ ନିୟମିତ ଭାବରେ ସାମ୍ନା କରିଆସୁଛୁ। ଜଳବାୟୁ ପରିବର୍ତନ ଯୋଗୁ ବିପର୍ଯ୍ୟୟର ତୀବ୍ରତା ବଢିବା ସହିତ ଅଧିକ ସଂଖ୍ୟକ ବିପର୍ଯ୍ୟୟ ଦେଖାଦେଉଛି। ୨୦୨୦-୨୧ରେ ଆମ ରାଜ୍ୟ ମହାବାତ୍ୟା ଅମ୍ଫନ ଓ ବାତ୍ୟା ୟାସ୍‌ର ସାମ୍ନା କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବାରମ୍ବାର ଆସୁଥିବା ବାତ୍ୟା ପ୍ରତିରୋଧ ପାଇଁ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରିବାକୁ ବହୁ ପରିମାଣର ଅର୍ଥ ବିନିଯୋଗର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ଏ ସଂପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛୁ । ଏହି ଆଲୋଚନାରେ ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ନରସିଂହ ମିଶ୍ର,ବିଧାୟକ ଜୟନ୍ତ ଷଡଙ୍ଗୀ, ବିଧାୟକ ପ୍ରତାପ କେଶରୀ ଦେଓ, ବିଧାୟକ ଅନନ୍ତ ଦାସ ପ୍ରମୁଖ ଭାଗ ନେଇ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ । ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ତାଙ୍କର ପ୍ରାରମ୍ଭିକ ଭାଷଣରେ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ସ୍ୱତନ୍ତ୍ର ରିଲିଫ କମିଶନର ପି.କେ. ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ, ବିଧାୟକ, ମୁଖ୍ୟ ଶାସନ ସଚିବ ,ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ରାତି ପାହିଲେ ସ୍ନାନ ପୂର୍ଣ୍ଣିମା....

ରାତି ୧୨ଟାରେ ହେବ ମଙ୍ଗଳାର୍ପଣ ନୀତି । ଏହା ପରେ ଆରମ୍ଭ ହେବ ସ୍ନାନଯାତ୍ରା ପାଇଁ ପହଣ୍ଡି ନୀତି । ଏ ନେଇ ପ୍ରସ୍ତୁତି ଚାଲିଥିବା ବେଳେ ଶ୍ରୀମନ୍ଦିରରେ ନୀତିକାନ୍ତିର ସମୀକ୍ଷା କରିଛନ୍ତି ପୁରୀ ଜିଲ୍ଲାପାଳ । କୋଭିଡ କଟକଣା ଯୋଗୁଁ ସମସ୍ତ ସେବାୟତଙ୍କୁ ମାସ୍କ ଓ ସାନିଟାଇଜର ଦିଆଯିବା ସହ କେବଳ ସ୍ନାନଯାତ୍ରା ପାଇଁ ସ୍ୱତନ୍ତ୍ର ପାସ୍ ଦିଆଯାଇଛି । ସେପଟେ ସ୍ନାନଯାତ୍ରାରେ ସାମିଲ ହେଉଥିବା ସେବାୟତ ଓ କର୍ମଚାରୀଙ୍କ ଆରଟିପିସିଆର୍ ଟେଷ୍ଟ କରାଯାଇଛି । ୩ ଦିନରେ ୯୫୯ ଜଣଙ୍କର କରୋନା ପରୀକ୍ଷା କରାଯାଇଛି । ସେମାନଙ୍କ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଥିବା ଜଣାପଡିଛି । ବିନାଭକ୍ତରେ ସ୍ନାନଯାତ୍ରା କରାଯାଉଥିବାରୁ ଏହାର ସିଧାପ୍ରସାରଣ ପାଇଁ ବ୍ୟବସ୍ଥା କରିଛି ପ୍ରଶାସନ । ସ୍ନାନଯାତ୍ରା ପାଇଁ ଆଜି ରାତି ୧୦ଟାରୁ ୨୫ ତାରିଖ ଭୋର ପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିସର ଓ ପୁରୀ ସହରର ବିଭିନ୍ନ ସ୍ଥାନରେ ଜାରି ହୋଇଛି ୧୪୪ ଧାରା । ଆଇନ ଶୃଙ୍ଖଳା ପାଇଁ ୩୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି । ବଡ଼ଦାଣ୍ଡରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ଟିକା କେନ୍ଦ୍ରରେ ଫଟୋକୁ ନେଇ ....

କହିଛନ୍ତି, ଓଡିଶା ଟିକା ପାଇବାରେ ବିଫଳ ହେଲା, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଓଡିଶାକୁ ବଂଚାଇଦେଲେ । ତେଣୁ ସୌଜନ୍ୟତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଫଟୋ ରହିବା ଉଚିତ । ରାଜ୍ୟ ସରକାର ଅସୁରକ୍ଷିତ ଓ ସଂକୀର୍ଣ୍ଣ ମନୋଭାବ ଦେଖାଇଛନ୍ତି । ସେପଟେ ବିଜେଡି ସାଂସଦ ସସ୍ମିତ ପାତ୍ର ଟ୍ୱିଟ କରି କହିଛନ୍ତି, ସବୁ କୋଭିଡ ସାର୍ଟିଫିକେଟରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ରହିଛି । କିନ୍ତୁ ବିଜେଡି ଏହାକୁ ବିରୋଧ କରି ନାହିଁ । କରୋନା କ୍ଷେତ୍ରରେ ପ୍ରଥମେ କେନ୍ଦ୍ର ସରକାର ରାଜ୍ୟଗୁଡିକୁ ଟିକା କିଣିବା ପାଇଁ ବାଧ କଲେ, ପୁଣି ଏହି ନୀତି ପ୍ରତ୍ୟାହାର କରିନେଲେ । ଓଡିଶା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥାଇ ସଚେତନତାର ବାର୍ତା କେବଳ ଦିଆଯାଇଛି । ଅପରାଜିତାଙ୍କୁ କହିଛନ୍ତି, ବୋଧହୁଏ ନିଜେ ଅପରାଜିତା ଅସୁରକ୍ଷିତ ମଣୁଛନ୍ତି ଏବଂ ସେଥିପାଇଁ ସଂକୀର୍ଣ୍ଣ ରାଜନୀତି କରୁଛନ୍ତି ।

## ୧୫ ଦିନ ମଧ୍ୟରେ ତୃତୀୟ ଥର....

ଏହାପରେ ସୋମବାର ଦିନ ପୁଣି ଦିଲ୍ଲୀରେ ଏନସିପି ମୁଖ୍ୟଙ୍କୁ ଭେଟିବା ନେଇ ବିରୋଧୀ ମେଣ୍ଟ ମଜବୁତ ହେଉଥିବା ଅନୁମାନ କରାଯାଉଛି । କହିରଖୁ ବିରୋଧୀ ଦଳଙ୍କୁ ନେଇ ଶରଦ ପାୱାର ବୈଠକ କରିବା ଓ ବାରମ୍ବାର ପ୍ରଶାନ୍ତ କିଶୋରଙ୍କ ସହ ସାମ୍ନା ସାମ୍ନି ଆଲୋଚନା କରିବା ପରେ ଅନୁମାନ କରାଯାଉଛି କି ଏନଡିଏ ସରକାର ବିରୋଧରେ ଏକ ମେଣ୍ଟ ଦାନା ବାନ୍ଧିବାକୁ ଯାଉଛି । ମଙ୍ଗଳବାର ଦିନ ଶରଦ ପାୱାରଙ୍କ ଦିଲ୍ଲୀସ୍ଥିତ ବାସଭବନରେ ହୋଇଥିବା ବୈଠକରେ ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି, ଆମ୍ ଆଦମୀ ପାର୍ଟି, ରାଷ୍ଟ୍ରୀୟ ଲୋକଦଳ ଓ ବାମଦଳ ସାମିଲ ଥିବା ବେଳେ ଏହି ବୈଠକରୁ ବାଦ ପଡିଛି କଂଗ୍ରେସ । ଏହି ବୈଠକରେ ଭାଗ ନେଇଥିବା ନେତାମାନେ କହିଥିଲେ କି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବର୍ତମାନ ତୃଣମୂଳ କଂଗ୍ରେସର ଉପାଧ୍ୟକ୍ଷ ଯଶୱନ୍ତ ସିହ୍ନାଙ୍କ ଦ୍ୱାରା ଗଠିତ ହୋଇଥିବା ରାଷ୍ଟ୍ରୀୟ ମଞ୍ଚ ଦ୍ୱାରା ସମାନ ଚିନ୍ତାଧାରା ଲୋକଙ୍କ ମଧ୍ୟରେ ଏହା ଅଣ ରାଜନୈତିକ ବୈଠକ ଥିଲା ।

## ଶ୍ରୀ ବଳଦେବଜୀୟୁଙ୍କ ରଥଯାତ୍ରା ମାମଲା ଖାରଜ କଲେ ହାଇକୋର୍ଟ

କେନ୍ଦ୍ରାପଡା,୨୩/୦୬ (ନି.ପ୍ର): କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ବଳଦେବଜୀୟୁଙ୍କ ରଥଯାତ୍ରା ଅନୁମତି ପ୍ରସଙ୍ଗକୁ ନେଇ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ କରାଯାଇ ଥିବା ଆବେଦନକୁ ମାନ୍ୟବର ଅଦାଲତ ଖାରଜ କରି ଦେଇଛନ୍ତି। ମାନ୍ୟବର ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଡ଼ଃ ଏସ୍ ମୁରଲୀଧର ମାମଲାକୁ ଖାରଜ କରି ଦେଇଛନ୍ତି । ଏନେଇ ଆବେଦନକାରୀଙ୍କ ମଧ୍ୟରେ ପ୍ରାରମ୍ଭିକ ନିରାଶା ଖେଳି ଯାଇଥିଲେ ମଧ୍ୟ ମାନ୍ୟବର ଉଚ୍ଚତମ ନ୍ୟାୟାଳୟରେ ରିଭ୍ୟୁ ପିଟିସନ ଦାଖଲ କରିବେ ବୋଲି ଆବେଦନକାରୀ ମାନେ ସୂଚନା ଦେଇଛନ୍ତି । ରିଭ୍ୟୁ ପିଟିସନ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ପ୍ରସ୍ତୁତ କରାଯାଇ ଖୁବଶିଘ୍ର ମାନ୍ୟବର ସୁପ୍ରିମ୍ କୋର୍ଟର ଆଶ୍ରୟ ନିଆଯିବ ବୋଲି ମୁଖ୍ୟ ଆବେଦନକାରୀ କେନ୍ଦ୍ରାପଡା ପୌରାଂଚଳର କ୍ଷିତୀଶ କୁମାର ସିଂହ ସୂଚନା ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ କେନ୍ଦ୍ରାପଡାର କ୍ଷିତୀଶ କୁମାର ସିଂହଙ୍କ ସମେତ ରାଜେନ୍ଦ୍ର ପ୍ରସାଦ ପତି, ହରିହର ସୁଆର, ମୃତ୍ୟୁଞ୍ଜୟ ନନ୍ଦ, ଅମରଜିତ୍ ମେକାପ ପ୍ରମୁଖ ୫ ଜଣ ଶ୍ରୀ ବଳଦେବଜୀୟୁଙ୍କ ରଥଯାତ୍ରା ପାଇଁ ଅନୁମତି ଦେବାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ରିଟ୍ ପିଟିସନ୍ ନଂ-୧୮୩୧୪/୨୦୨୧ ରେ ଆବେଦନ କରିଥିଲେ । ଏହା ସହିତ ଏହି ପ୍ରସଙ୍ଗକୁ ନେଇ ଅନ୍ୟ ରିଟ୍ ପିଟିସନ୍ ମଧ୍ୟ ହାଇକୋର୍ଟରେ ଖାରଜ ହୋଇ ଯାଇଥିବା ସୂଚନା ମିଳିଛି ।

# ଜଳେଶ୍ୱରରେ ସିଡିପିଓଙ୍କ ବଦଳି ଆଦେଶକୁ ବେଖାତିର

ଜଳେଶ୍ୱର ୨୩/୬ (ନି.ପ୍ର) : ସରକାରଙ୍କ ନିର୍ଦ୍ଦେଶକୁ ଜଳେଶ୍ୱର ସିଡିପିଓ ଫୁ କରିଛନ୍ତି । ବିଭାଗୀୟ ଚିଠି ନଂ ୯୧୫୨ ତା ୧୧-୬-୨୧ ମୂଳେ ତାଙ୍କୁ ବାରଙ୍ଗ ବ୍ଲକୁ ବଦଳି ଆଦେଶ ଦିଆଯାଇଥିଲା । ତାଙ୍କ ସ୍ଥାନରେ ବାରଙ୍କ ବ୍ଲକରୁ ନିହାରିକା ମହାନ୍ତି ଏଠାକୁ ଆସିବାର ନିର୍ଦ୍ଦେଶ ଥିଲେ ମଧ୍ୟ ସିଡିପିଓ ଜଳେଶ୍ୱର ଛାଡୁ ନାହାନ୍ତି । ଜଳେଶ୍ୱର ସିଡିପିଓ ଏଠାରେ ପୁଣି ରହିବାକୁ ଚେଷ୍ଟା ଚଳାଇଛନ୍ତି ଜାଣିବାକୁ ମିଳିଛି । ହୋମ୍ ବ୍ଲକରେ ରହି ଅଖଣ୍ଡ ଅଧିପତ୍ୟ ବିସ୍ତାର କରିଥିବା ମହିୟସୀ ଜଣକ କାହିଁକି ଦୂରକୁ ଯିବାକୁ ଚାହିଁବେ ବୋଲି ବୁଦ୍ଧିଜିବୀ ମହଲରେ ତେରଛା ଆଲୋଚନା ହେଉଛି । ଏପରିକି ନିଜ ଅଫିସକୁ ଅଂଗନୱାଡି କର୍ମୀମାନଙ୍କୁ ଡାକି ଦଫାରଫା କରିବା, ମିଶନଶକ୍ତିର ମୁଖ୍ୟ ଥିବାରୁ ଫଲ୍ସ ବିଲ କରାଇବା, ଛତୁଆ, ଚାଉଳ ବଣ୍ଟନ ଠାରୁ ଆରମ୍ଭ କରି ଅଂଗନୱାଡି କେନ୍ଦ୍ରରେ ବିଭିନ୍ନ ଜିନିଷ କିଣାରେ ଦୁର୍ନିତୀ ହୋଇଥିବା ଶୁଣିବାକୁ ମିଳୁଛି । ତେଣୁ ଜିଲାପାଳ ଏଥିପ୍ରତି ଧ୍ୟାନ ଦେଇ ତୁରନ୍ତ ବଦଳି କରିବାକୁ ସାଧାରଣରେ ଦାବି ହେଉଛି ।

# ରକ୍ତଦାନ ହେଉଛି ମହାଦାନ : ପ୍ରତାପ ଷଡଙ୍ଗୀ

ବାଲେଶ୍ୱର,୨୩/୦୬ (ନି.ପ୍ର): ରକ୍ତଦାନ ହେଉଛି ମହାଦାନ । ତେଣୁ ଯୁବ ସାଥୀ ମାନଙ୍କୁ ରକ୍ତଦାନ ପାଇଁ ଆଗକୁ ଆସିବା ଉଚିତ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ । ଡ. ମୁଖାର୍ଜୀଙ୍କ ବଳିଦାନ ଦିବସ ଉପଲକ୍ଷେ ବାଲେଶ୍ୱରର ନୀଳଗିରି ଠାରେ ବିଜେପି କାର୍ଯ୍ୟକର୍ତାଙ୍କ ଦ୍ୱାରା ଅନୁଷ୍ଠିତ ରକ୍ତଦାନ ଶିବିରର ଉଦଘାଟନ ଅବସରରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଏହା କହିଛନ୍ତି । ସେ କହିଛନ୍ତି ଯେ ଏଥିରୁ କେବଳ ନିଜର ସୁଖଦ ଅନୁଭୂତି ହେବ ତା ନୁହେଁ ବରଂ ରକ୍ତଦାନ ଦ୍ୱାରା ଅନ୍ୟର ଜୀବନ ରକ୍ଷା ହୋଇ ପାରିବ ।

# ଦିବଂଗତ ବେଣୁମାଧବ ପଣ୍ଡାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୨୩/୦୬ (ନି.ପ୍ର): ସତ୍ୟସାଇ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ଦିବଙ୍ଗତ ଚେୟାରମ୍ୟାନ ଡ. ବେଣୁମାଧବ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅଙ୍ଗାରଗଡିଆସ୍ଥିତ ସତ୍ୟସାଇ ପୁରୁଣା କ୍ୟାମ୍ପସରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ତଥା ଯୁବ ସଂଗଠକ ଡ. ଶ୍ରୀମାନ ଶ୍ରୀଚନ୍ଦନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ସ୍ୱର୍ଗତଃ ପଣ୍ଡାଙ୍କ ପିତା ପଦ୍ମଲୋଚନ ପଣ୍ଡା, ସମାଜସେବୀ କିଶୋର ଦାସ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ଯୁବନେତା ବିକ୍ରମ ପଣ୍ଡା, ଅର୍ଚ୍ଚନା ନନ୍ଦୀ, ଶ୍ରଦ୍ଧାଞ୍ଜଳି ରାୟ, ସାମ୍ବାଦିକ ରଞ୍ଜନ ବାଗ, ଗଙ୍ଗାଧର ରାଉତ, ହାଇଦର ଖାନ, ସତ୍ୟପ୍ରିୟ ମହାନ୍ତି, ପୂର୍ବତନ କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ଭାଗବତ ସାହୁ, ନିଶିଥ ବାରିକ, ରାଜେଶ ଗିରି, ସତ୍ୟସାଇ ଇଞ୍ଜିନୟରିଂ କଲେଜର ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ, ସତ୍ୟସାଇ ଡିପ୍ଲୋମା ସ୍କୁଲର ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଜୀବନାଦର୍ଶ ଓ ବହୁବିଧ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । କେବଳ ଶିକ୍ଷା କ୍ଷେତ୍ର ନୁହେଁ ବରଂ ସମାଜସେବା କ୍ଷେତ୍ରରେ ସ୍ୱର୍ଗତ ପଣ୍ଡାଙ୍କ ସକ୍ରିୟ ଯୋଗଦାନ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲା ବୋଲି ବକ୍ତାମାନେ କହିଥିଲେ। ଗରିବ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା, ଅବହେଳିତ ବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସେ ଅହରହ ଚେଷ୍ଟା କରି ଆସୁଥିଲେ ବୋଲି ବକ୍ତାମାନେ କହିଥିଲେ। ଜଣେ ସଫଳ ଶିକ୍ଷାବିତ ତଥା ସମାଜସେବୀ ଭାବେ ସେ ଯୁବବର୍ଗଙ୍କ ପାଇଁ ଆଦର୍ଶ ବୋଲି ଏହି ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା କରି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରମାକାନ୍ତ ମହାରଣା, ଅର୍ଦ୍ଧେନ୍ଦୁ ଶେଖର ଦାସ, ଅଜୟ କୁମାର ପ୍ରଧାନ, ମାନସ ରଞ୍ଜନ ମହାନ୍ତି ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ଚୌମୁଖଗ୍ରାମରେ ଭାଙ୍ଗିଥିବା ନଦୀବନ୍ଧ ମରାମତି ହେଲାନି : ଚାଷଜମିରେ ଲହଡି ଭାଙ୍ଗୁଛି ଲୁଣିପାଣି



ବାଲିଆପାଳ,୨୩/୦୬ (ନି.ପ୍ର): ବାତ୍ୟା ୟାସ ଛାଡିଚାଲିଯିବାର ମାସେ ପୁରିବାକୁ ଯାଉଛି ।ହେଲେ ଛାଡି ଯାଇଥିବା ଦୁଃଖ ଯନ୍ତ୍ରଣାରେ ଆଜି ବି ବାଲିଆପାଳ ବ୍ଲକର ବହୁ ଗ୍ରାମବାସୀ ପେଶି ହୋଇଯାଉଛନ୍ତି । ବାତ୍ୟା ପରେ କ୍ଷୟକ୍ଷତିର ଆକଳନ ସହ ରିଲିଫ କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ ।ବହୁ ବଡବଡ ସରକାରୀ ବାବୁ ଠାରୁ ଆରମ୍ଭକରି ନେତା ମନ୍ତ୍ରୀ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଲୋକଙ୍କୁ ସହୟାତା ଯୋଗଇଦେବାକୁ ପ୍ରତିଶୃତିର ପାହାଡରେ ପୋତି ପକାଇଥିଲେ । ତେବେ ମୁଣ୍ଡପିଛା କିଛି ଚାଉଳ ଏବଂ ପଲଥିନ ଦେଇ ସମସ୍ତେ ନିଜର ଦାୟିତ୍ୱ ସାରି ଦେଇଥିବା ମନେକରୁଛନ୍ତି । ବାତ୍ୟାପ୍ରଭାବରେ ସମୁଦ୍ରର ଲୁଣି ଜୁଆର ତିନିରୁ ଚାରି ଫୁଟ ଉଚ୍ଚରେ କୂଳ ଲଂଘି ମାଡିଆସିଥିଲା ।ଏହାର ପ୍ରଭାବର ସମୁଦ୍ର ଉପକୂଳବର୍ତ୍ତୀ ୧୧ଟି ପଞ୍ଚାୟତରେ ବ୍ୟାପକ ତାଣ୍ଡବ ରଚିଥିଲା । ଘର ଦ୍ୱାର, ରାସ୍ତା ଘାଟ, ଚାଷ ବାସ, ଚିଙ୍ଗୁଡି ଘେରି ସବୁକିଛି ଛାରକାର ହୋଇଯାଇଥିଲା । ଚୌମୁଖ ଗ୍ରାମରେ ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱରେ ଥିବା ପଞ୍ଚାୟତର ନଦୀବନ୍ଧ ଭାଙ୍ଗି ଚାଷ ଜମି ସମେତ ଗ୍ରାମ ଭିତରକୁ ପାଣି ମାଡିଆସିଥିଲା । ତେବେ ଏହି ନଦୀ ବନ୍ଧ ମରାମତି ପାଇଁ ଗ୍ରାମବାସୀ ପକ୍ଷରୁ ସ୍ଥାନୀୟସରପଞ୍ଚ ସମେତ କ୍ଷତିଗ୍ରସ୍ତ ଅଞ୍ଚଳଦେଖିବାକୁ ଯାଇଥିବା ନେତା ମନ୍ତ୍ରୀମାନଙ୍କୁ ଗୁହାରି କରାଯାଇଥିଲା । ତେବେ ଅଦ୍ୟାବଧି ଏହି ଘାଇ ମରମାତି ଦିଗରେ କେହି ଅନ୍ତରିକତା ଦେଖାଉନାହାନ୍ତି ।ଫଳରେ ପ୍ରତିଦିନ ଜୁଆର ଓ ଭଟ୍ଟା ସମୟରେ ଏହି ଘାଇ ଦେଇ ଲୁଣି ପାଣି ଚାଷଜମିରେ ପଶୁଛି । ଏହି ପାଣି ଗ୍ରାମର ଅଂଶୁ ଚୌଧୁରୀ ଘରଠାରୁ ଡଗରା ଗ୍ରାମ ପର୍ଯ୍ୟନ୍ତ ୪ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମିରେ ଲହଡି ଭାଙ୍ଗୁଛି ।ଫଳରେ ଏହିସବୁ ଜମିରେ ଆଉ ଚାଷ ନହୋଇ ପଡିଆ ପଡିବ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି । ସେହିପରି ଏହି ନଦୀବନ୍ଧଧରେ ଘାଇଯୋଗୁଁ ଲୋକେ ପାଣିଭିତରେ ଗୋରୁ ଛେଳିକୁ ପଶାଇ ବିଲକୁ ନେଉଛନ୍ତି ।ବର୍ତ୍ତମାନ ଏହି ବନ୍ଧଧକୁ ମରାମତି କରନଗଲେ ଆଗକୁ ବର୍ଷାଦିନେ ପରିସ୍ଥିତି ଅସମ୍ଭାଳ ହେବ ।ତୁରନ୍ତ ଏହି ନଦୀବନ୍ଧରେ ହୋଇଥିବା ଘାଇକୁ ବନ୍ଦ କରିବା ପାଇଁ ଗ୍ରାମର ଅନୀଲ କୁମାର ପାତ୍ର,ଲକ୍ଷ୍ମୀଧର ପାତ୍ର, ଭାସ୍କରଚନ୍ଦ୍ର ପାତ୍ର, ସଦାନନ୍ଦ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଜୟାନନ୍ଦ ଜେନାବାବୁ ସୀ, ଟୁନା ସୀ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି ।

# କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମହାରାଷ୍ଟ୍ର, କେରଳ ଏବଂ ମଧ୍ୟ ପ୍ରଦେଶ ସରକାରଙ୍କୁ ବର୍ତ୍ତମାନ ଉଦ୍‌ବେଗ ସୃଷ୍ଟିକାରୀ (ଭିଓସି) ଡେଲଟା ପ୍ଲସ୍ ଭେରିଆଣ୍ଟ ସମ୍ପର୍କରେ କରାଗଲା ଅବଗତ

ଭୁବନେଶ୍ୱର,୨୩/୦୬(ନି.ପ୍ର): କୋଭିଡ୍ ୧୯ ସଫଳ ପରିଚାଳନା ନିମନ୍ତେ ଭାରତ ସରକାର ସକାରାତ୍ମକ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏଥିପାଇଁ ନିରନ୍ତର ଭାବେ ସରକାର ବିଭିଧ ସ୍ତରୀୟ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ସହିତ ଟେଷ୍ଟିଂ ସଂସାଧନ ବୃଦ୍ଧି ଏବଂ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏଥିରେ ରାଜ୍ୟ ସରକାରମାନଙ୍କ ସହ କେନ୍ଦ୍ର ସରକାର ସକ୍ରିୟ ସହଯୋଗୀତାର ସହ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସମୟାନ୍ତରେ ରାଜ୍ୟ ସରକାରମାନଙ୍କ କୋଭିଡ଼୍ ୧୯ ଟ୍ରାଜେକ୍ଟୋରୀର ଜଟିଳ ପ୍ରସଙ୍ଗରେ ସୂଚୀତ କରାଇ ଦିଆଯାଉଛି ଯଦ୍ୱାରା ସେମାନେ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ତୁରନ୍ତ 'ସାମଗ୍ରିକ ସରକାର' ଆଭିମୁଖ୍ୟ ନେଇ କାର୍ଯ୍ୟକାରୀ କରି ପାରିବେ । ଆଇଏନଏସଏସିଓଜିର ସଦ୍ୟତମ ପ୍ରାପ୍ତ ସୂଚନା ଅନୁସାରେ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କୋଭିଡ଼୍ ୧୯ର ନୂତନ ଡେଲଟା ପ୍ଲସ୍ ଭେରିଆଣ୍ଟ ସଂପର୍କରେ ମହାରାଷ୍ଟ୍ର, କେରଳ ଏବଂ ମଧ୍ୟ ପ୍ରଦେଶ ସରକାରଙ୍କୁ ସତର୍କ କରାଇଛନ୍ତି। ସେହିସବୁ ରାଜ୍ୟର କେତେକ ଜିଲ୍ଲାରେ ଏଭଳି ଭୂତାଣୁର ନମୁନା ମିଳିଛି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଏହି ତିନୋଟି ରାଜ୍ୟଙ୍କୁ ଏ ସଂପର୍କରେ ପତ୍ରଲେଖି ଅବଗତ କରାଇଛନ୍ତି। ସଂଗୃହୀତ ନମୁନା ଜେନୋମ୍ ସେକ୍ୱେନ୍ସିଂରୁ ଜଣାପଡ଼ିଛି ଯେ ମହାରାଷ୍ଟ୍ରର ରତ୍ନଗିରି ଓ ଜଳଗାଁଓ ଜିଲ୍ଲାରୁ, କେରଳର ପାଲାକ୍କାଡ଼ ଓ ପଥାନାମଥିଟ୍ଟା ଜିଲ୍ଲାରୁ ଏବଂ ମଧ୍ୟ ପ୍ରଦେଶର ଭୋପାଳ ଓ ଶିବପୁରୀ ଜିଲ୍ଲାରୁ ଏହି ଡେଲଟା ପ୍ଲସ୍ ଭୂତାଣୁ ଭେରିଆଣ୍ଟ୍ ମିଳିଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ବାୟୋଟେକ୍ନୋଲୋଜି ବିଭାଗ, ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ (ଆଇସିଏମଆର) ଏବଂ ଭାରତୀୟ ବୈଜ୍ଞାନିକ ଓ ଶିଳ୍ପ ଅନୁସନ୍ଧାନ ପରିଷଦ (ସିଏସଆଇଆର)ର ମୋଟ ୨୮ଟି ପରୀକ୍ଷାଗାରକୁ ନେଇ ଆଇଏନଏସଏସିଓଜି ସଂଗଠନ ଗଠନ କରାଯାଇଛି ଯେଉଁଠାରେ କୋଭିଡ଼୍ ୧୯ ମହାମାରୀ ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ଜେନୋମ୍ ସେକ୍ୱେନ୍ସିଂ କରାଯାଉଛି। ଆଇଏନଏସଏସିଓଜିକୁ କେବଳ ସଂପୂର୍ଣ୍ଣ ଜେନୋମ୍ ସେକ୍ୱେନ୍ସିଂ କାର୍ଯ୍ୟ ସମର୍ପଣ କରାଯାଇନାହିଁ ଅପରନ୍ତୁ ଏହାର ମୁକାବିଲା କରିବା ନିମନ୍ତେ କି ପ୍ରକାର ଜନସ୍ୱାସ୍ଥ୍ୟ କାର୍ଯ୍ୟପନ୍ଥା ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରମାନେ ଗ୍ରହଣ କରିବା ଆବଶ୍ୟକ ସେ ସମ୍ପର୍କରେ ମଧ ସେମାନେ ଉପଯୁକ୍ତ ସମୟରେ ସୂଚନା ପ୍ରଦାନ କରିବେ। ଆଇଏନଏସଏସିଓଜି ଇତିମଧ୍ୟରେ ଡେଲଟା ପ୍ଲସ୍ ଭେରିଆଣ୍ଟ ସମ୍ପ୍ରତି ସବୁଠାରୁ ଚିନ୍ତାଜନକ ଭେରିଆଣ୍ଟ (ଭିଓସି) ପାଲଟିଛି ବୋଲି ଦର୍ଶାଇବା ସହ ଏହାର ନିମ୍ନଲିଖିତ ଲକ୍ଷଣ ଥିବା ସୂଚନା ଦେଇଛି: - ଅଧିକ ମାତ୍ରାରେ ସଂକ୍ରମଣକ୍ଷମତା, ସଂକ୍ରମଣ ଆହରଣ କରୁଥିବା ବ୍ୟକ୍ତିଙ୍କ ଫୁସଫୁସ୍ ସେଲକୁ ଦୃଢ଼ଭାବେ ଆକ୍ରାନ୍ତ କରି ଧରିବା,ଏହି ଭେରିଆଣ୍ଟ୍‌ର ମୋନୋକ୍ଲୋନାଲ୍ ଆଣ୍ଟିବଡ଼ି ରେସପନ୍ସ ହ୍ରାସ ଘଟାଇବାର ସାମର୍ଥ୍ୟ ରହିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏ ସଂପର୍କରେ ମହାରାଷ୍ଟ୍ର, କେରଳ ଓ ମଧ୍ୟ ପ୍ରଦେଶ ସରକାରଙ୍କୁ ପରାମର୍ଶ ଦେଇଛନ୍ତି ଯେ ସେମାନେ ଏ ଦିଗରେ ଆବଶ୍ୟକ ଜନସ୍ୱାସ୍ଥ୍ୟ କାର୍ଯ୍ୟପନ୍ଥା ଗ୍ରହଣ କରନ୍ତୁ। ପୂର୍ବରୁ କୋଭିଡ଼୍ ୧୯ ନିୟନ୍ତ୍ରଣ ସକାଶେ ଯେଉଁଭଳି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଆସୁଛି ମୁଖ୍ୟତଃ ସେହିଭଳି କାର୍ଯ୍ୟନୁଷ୍ଠାନ ଗ୍ରହଣ ସମେତ ଏହା ଉପରେ ଅଧିକ ଦୃଷ୍ଟି ନିବଦ୍ଧ କରିବା ଓ ସକ୍ରିୟତାର ସହ ତାହାକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଆରୋପ କରନ୍ତୁ। ସଂପୃକ୍ତ ରାଜ୍ୟମାନଙ୍କ ମୁଖ୍ୟ ଶାସନ ସଚିବମାନଙ୍କୁ ଏ ସଂକ୍ରାନ୍ତରେ ପରାମର୍ଶ ଦିଆଯାଇଛି ଯେ ସେମାନେ ଆଇଏନଏସଏସିଓଜି ପକ୍ଷରୁ ଚିହ୍ନିତ ଜିଲ୍ଲା ଓ କ୍ଲଷ୍ଟରମାନଙ୍କରେ ତୁରନ୍ତ କଣ୍ଟେନମେଣ୍ଟ ବ୍ୟବସ୍ଥା ଗ୍ରହଣ କରିବା ସହିତ ଲୋକମାନଙ୍କୁ ରୁଣ୍ଡ ହେବା ଏବଂ ପରସ୍ପର ସହିତ ମିଳାମିଶା ହେବାରୁ ରୋକିବା, ଟେଷ୍ଟିଂକୁ ବ୍ୟାପକ କରିବା, ତୁରନ୍ତ ଆକ୍ରାନ୍ତଙ୍କୁ ଠାବ କରିବା ତଥା ଟିକାକରଣ କାର୍ଯ୍ୟକୁ ଗୁରୁତ୍ୱର ସହିତ କାର୍ଯ୍ୟକାରୀ କରିବା ଉପରେ ଧ୍ୟାନ କେନ୍ଦ୍ରୀତ କରିବା ଆବଶ୍ୟକ।

# ପାନୀୟ ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଟଙ୍କା ଦାନ

ଭୁବନେଶ୍ୱର,୨୩/୦୬ (ନି.ପ୍ର): ରାଜ୍ୟର କୋଭିଡ୍ ଲଢେଇରେ ନିଜର ଯୋଗଦାନ ଭାବେ ଓଡ଼ିଶା ପାନୀୟ ନିଗମ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଟଙ୍କା ଦାନ କରିଛନ୍ତି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ନିଗମର ଅଧକ୍ଷ ତଥା ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ସୁଶିଲ୍ କୁମାର ଲୋହାନୀଙ୍କ ଠାରୁ ରାଜ୍ୟ ଲୋକସେବା ଭବନଠାରେ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି । ଚେକ୍ ପ୍ରଦାନ ସମୟରେ ନିଗମର ପରିଚାଳନା ନିର୍ଦ୍ଦେଶକସରୋଜ କୁମାର ସେଠାି ଉପସ୍ଥିତ ଥିଲେ । କୋଭିଡ୍ ଲଢ଼େଇରେ ନିଗମର ଅବଦାନ ବିଷୟ ସୂଚୀତ କରି ପ୍ରମୁଖ ଶାସନ ସଚିବ ଶ୍ରୀ ଲୋହାନୀ କହିଥିଲେ ଯେ ଗତ ବର୍ଷ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୫ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ଜାନୁଆରୀ ମାସରେ ମଧ ନିଗମ ରାଜ୍ୟସରକାରଙ୍କୁ ପ୍ରାୟ ୭.୫୮ କୋଟି ଟଙ୍କା ଲାଭାଂଶ ଦେଇଥିଲେ । ଏହାଛଡ଼ା ପାନୀୟ ନିଗମ ମଧ ଅଧୁନିକ ଜୀବନ ସହାୟକକାରୀ ଆମ୍ବୁଲାନ୍ସ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଙ୍କୁ ୧.୪୩ କୋଟି ଟଙ୍କା ପ୍ରଦାନ କରିଛନ୍ତି । କୋଭିଡ୍ ମହାମାରୀ ମୁକାବିଲା ନିମନ୍ତେ ନିଗମ ଦିବ୍ୟାଙ୍ଗ ଓ କିନ୍ନର ମାନଙ୍କ ମଧ୍ୟରେ ବହୁପରିମାଣରେ ମାସ୍କ ଓ ସାନିଟାଇଜର ବଂଟନ କରିଛନ୍ତି । ଏତାଦୃଶ କାର୍ଯ୍ୟ ପାଇଁ ନିଗମକୁ ସାଧୁବାଦ ଜଣାଇବା ସହ ଉଭୟ କାର୍ଯ୍ୟାଳୟ ଓ ବ୍ୟକ୍ତିଗତ ସ୍ତରରେ କୋଭିଡ୍ ନିୟମର କଡାକଡି ଅନୁପାଳନ କରିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ । ଜନସାଧାରଣଙ୍କ ମଧ୍ୟରେ କୋଭିଡ୍ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ମଧ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ ।

# ଏମ.କେ.ସି. ହାଇସ୍କୁଲରେ ସ୍ୱୟଂଚାଳିତ ତାପମାତ୍ରା ମାପକ ଯନ୍ତ୍ର କାର୍ଯ୍ୟକ୍ଷମ



ବାରିପଦା,୨୩/୦୬ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱୟଂଚାଳିତ ତାପମାତ୍ରାମାପକ ଯନ୍ତ୍ର କାର୍ଯ୍ୟକ୍ଷମ ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ । ମୋସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଯୋଜନାରେ ବିଦ୍ୟାଳୟ ପୁରାତନ ଛାତ୍ରସଂସଦ ତରଫରୁ ପ୍ରାକ୍ତନ ଛାତ୍ରବିଶିଷ୍ଟ ବୈଜ୍ଞାନିକ ଡ.ସୁଧୀରଞ୍ଜନ ତ୍ରିପାଠୀଙ୍କ ଉଦ୍ୟମରେ ବିଦ୍ୟାଳୟକୁ ପାଂଚଟି ସ୍ୱୟଂଚାଳିତ ତାପମାତ୍ରାମାପକ ଯନ୍ତ୍ର ମିଳିଛି । ବିଦ୍ୟାଳୟରଶିକ୍ଷକ ତଥା ପୁରାତନ ଛାତ୍ରସଂସଦ ଶିକ୍ଷକ ସଂଯୋଜକ ଅମିତାଭ ମିଶ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିବାବେଳେ ଶିକ୍ଷକ ମନୋଜ କୁମାର ପରିଡା, ପ୍ରଦୀପ କୁମାର ଦଣ୍ଡପାଟ, ଅମୂଲ୍ୟ କୁମ୍ଭକାର, ଉପେନ୍ଦ୍ର ନାଥ ବେହେରା, ଶକୁନ୍ତଳା ସେଠାି ପ୍ରମୁଖ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଡ. ସୁଧୀର ରଞ୍ଜନ ତ୍ରିପାଠୀ ପୂର୍ବରୁ ବିଦ୍ୟାଳୟକୁ ମାସ୍କ, ସାନିଟାଇଜର, ଗ୍ଲୋବସ୍, ଫେସସିଲଡ୍, ଅକ୍ସିମିଟର ପ୍ରମୁଖ ପ୍ରଦାନ କରିଛନ୍ତି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୫୦,୮୪୮ ନୂଆ ମାମଲା

ନୂଆଦିଲ୍ଲୀ,୨୩/୦୬ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୫୦,୮୪୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୧,୩୫୮ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୯୯,୭୭,୮୬୧ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୬,୪୩,୧୯୪ ଥିବା ବେଳେ ବର୍ତମାନ ସୁଦ୍ଧା ୩,୯୦,୬୬୦ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଶ୍ରାଦ୍ଧରେ ବିଜେପିର ବଳିଦାନ ଦିବସ ପାଳିତ



ବାଲେଶ୍ୱର,୨୩/୦୬ (ନି.ପ୍ର): ବିଜେପି ପକ୍ଷରୁ ଜନସଂଘର ପ୍ରତିଷ୍ଠାତା ମହାନ ଜନନାୟକ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ଭାବେ ବାଲେଶ୍ୱରରେ ପାଳନ କରାଯାଇଛି । ଏନେଇ ଜିଲା ବିଜେପି କାର୍ଯ୍ୟାଳୟରେ ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି ପ୍ରମୁଖ ଯୋଗଦେଇ ଅଖଣ୍ଡଭାରତ ନିର୍ମାଣରେ ମହାନ ଜନନାୟକଙ୍କ ଉଦ୍ୟମ ଓ ବଳିଦାନ ସମ୍ପର୍କରେ ମନେ ପକାଇଥିଲେ । ସ୍ୱର୍ଗତ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଜନସଂଘ ପାର୍ଟିର ନୀତି ଆଦର୍ଶକୁ ପାଥେୟ କରି ସାମ୍ପ୍ରତିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଜେପି ସରକାର ଦେଶବାସୀଙ୍କୁ ସୁଶାସନ ଦେଇ ଚାଲିଛନ୍ତି ବୋଲି ବକ୍ତାମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପ-ସଭାପତି କମଳା ବିନ୍ଧାଣୀ ଓ କମଳଲୋଚନ ଦାସ, ଜିଲା ସମ୍ପାଦକ ଆଶିଷ ଘୋଷ, ନଗର ସଭାପତି ଚିତରଞ୍ଜନ ପଣ୍ଡା, ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ପ୍ରମୁଖ ଦଳୀୟ କର୍ମକର୍ତ୍ତାମାନେ ଏଥିରେ ଯୋଗଦେଇ ସ୍ୱର୍ଗତଃ ମୁଖାର୍ଜୀଙ୍କ ବଳିଦାନକୁ ଏ ଦେଶ କେବେ ପାଶୋରିବ ନାହିଁ ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ ନିରବ ପ୍ରାର୍ଥନା ସହ ମହାନ ଜନନାୟକଙ୍କ ପ୍ରତି ସମସ୍ତେ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ । ସେହିପରି ସଦର ବିଜେପି ପକ୍ଷରୁ ଅନୁରୂପ ଭାବେ ସହରର ଜେଲରୋଡ଼ସ୍ଥିତ କାର୍ଯ୍ୟାଳୟରେ ବଳିଦାନ ଦିବସ ପାଳିତ ହୋଇଯାଇଛି । ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନିର୍ବାଚନମଣ୍ଡଳୀ ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତ୍ୟଜିତ ମିଶ୍ର, ପୂର୍ବତନ କାଉନସିଲର ସୁଜିତ ଦେବ, ରାଧାକୃଷ୍ଣ ଦାସ ଓ ଉପେନ୍ଦ୍ର ଶତପଥୀ, ବରିଷ୍ଠ ନେତା ସୀତାକାନ୍ତ ସ୍ୱାଇଁ, ଗଙ୍ଗାଧର ରାଉତ, ବୈଲୋଚନ ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମୁଖାର୍ଜୀଙ୍କ ଫୋଟ ଚିତ୍ରରେ ପୁଷ୍ପ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସମସ୍ତେ ତାଙ୍କର ତ୍ୟାଗ ଓ ସମର୍ପଣ ଭାବର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଦଳର ବରିଷ୍ଠ ନେତା ତଥା ବିଶିଷ୍ଟ ଆଇନଜୀବୀ ନିରଞ୍ଜନ ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା ।

# ଇଂରାଜୀ ମିଡିୟମ ବିଦ୍ୟାଳୟରେ ଛାତ୍ର ଶୋଷଣ ପ୍ରତିବାଦରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର

ଜଳେଶ୍ୱର ୨୩/୬ (ନି.ପ୍ର) : କୋଭିଡ୍ କଟକଣା ସମୟରେ ବିଦ୍ୟାଳୟ ଗୁଡିକ ବନ୍ଦ ଥିବା ବେଳେ ଜଳେଶ୍ୱରରେ ଥିବା ସେଣ୍ଟ ଜେମ୍ସ୍‌ଥ କନ୍‌ଭେଣ୍ଟଇଂରାଜୀ ଇଡିୟମ ବିଦ୍ୟାଳୟ ଛାତ୍ରଶୋଷଣ କରୁଥିବା ଅଭିଯୋଗ ହୋଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି କରୋନା ସମୟରେ ଛାତ୍ରଛାତ୍ରୀ ମାନଙ୍କର ସ୍କୁଲ ଫିସ୍ ଛାଡ କରିବା ପରିବର୍ତ୍ତେ ପୁରା ଫି ନିଆଯିବା ଏବଂ ଚଳିତବର୍ଷ ଚଞ୍ଚକତା କରି ବିଦ୍ୟାଳୟର ଫି ବୃଦ୍ଧି କରାଯାଇଛି । ପିଲାସଂଖ୍ୟା ଅନୁପାତରେ ବିଦ୍ୟାଳୟରେ ଶିକ୍ଷକ ନ ଥାଇ କାମଚଳା ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଉଛି । ସରକାରଙ୍କ ଶିକ୍ଷାବିଭାଗ ନିୟମ ଅନୁଯାୟୀ ପିଲା ଅନୁପାତରେ ଆବଶ୍ୟକ ସଂଖ୍ୟକ ଟ୍ରେଣ୍ଡ ଶିକ୍ଷକ ନାହାନ୍ତି । ବିଭିନ୍ନ ସମୟରେ ଅଭିଭାବକ ମାନଙ୍କ ବିନା ସହମତିରେ ଆର୍ଥୀକ ଓ ମାନସିକ ବୋଝ ଲଦି ଦିଆଯାଉଛି । ବିଦ୍ୟାଳୟରେ ସବୁ ଧର୍ମର ପିଲା ପାଠ ପଢୁଥିବା ବେଳେ ଏକ ନିର୍ଦ୍ଧିଷ୍ଟ ଧର୍ମକୁ ପ୍ରଧାନ୍ୟ ଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରାଯାଉଛି । ବିଦ୍ୟାଳୟର ବିଲ୍ଡିଂ ଗୁଡିକ କୌଣସି ପ୍ଲାନ ପୌରପରିଷଦରୁ ଏପ୍ରୋଭ କରା ଯାଇନଥିବା ଜଣାଯାଇଛି । ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ ପିଲା ଏହି ବିଦ୍ୟାଳୟରେ ପଢୁଥିବା ବେଳେ ମାତ୍ର ଜଣେ ଅସୁସ୍ଥ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ପରିମଳ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ସମ୍ପାଦନ କରାଯାଉଛି । ସରକାରଙ୍କ ବିଭିନ୍ନ ନିୟମକୁ ଏଠାରେ ଫୁ କରାଯାଉଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ଆଜି ଜଳେଶ୍ୱରର ସଚେତନ ନାଗରିକ, ଅଭିଭାବକ, ବୁଦ୍ଧିଜିବୀ ଓ ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ ପ୍ରମୁଖ ଏହାର ପ୍ରତିକାର ଲାଗି ବିଇଓ, ଡିଇଓ, ଜିଲାପାଳ, ଗଣଶିକ୍ଷା ଶିକ୍ଷା ମନ୍ତ୍ରୀ, ସଚିବ, ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହାର ପ୍ରତିକାର ନ ହେଲେ ଆସନ୍ତା ଦିନରେ ଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ବନ୍ଦିତା ପରିଡ଼ା ହେଲେ ମହିଳା କଂଗ୍ରେସ ସଭାନେତ୍ରୀ

ଭୁବନେଶ୍ୱର,୨୩/୦୬ (ନି.ପ୍ର): ଓଡ଼ିଶା ମହିଳା କଂଗ୍ରେସର ସଭାନେତ୍ରୀ ହୋଇଛନ୍ତି ବନ୍ଦିତା ପରିଡ଼ା । କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓଡ଼ିଶା କଂଗ୍ରେସର ସଭାନେତ୍ରୀ ପାଇଁ ବନ୍ଦିତାଙ୍କ ନାମକୁ ମଂଜୁରୀ ଦେଇଛନ୍ତି । ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ବନ୍ଦିତା ପରିଡା ପ୍ରଥମେ ଓଡିଶା ପ୍ରଦେଶ ମହିଳା କଂଗ୍ରେସ ର କାର୍ଯ୍ୟକାରୀ ସଭାପତି ଦାୟିତ୍ୱରେ ଥିଲେ । ଏଆଇସିସିର ସାଧାରଣ ସଂପାଦକ କେସି ବେଣୁଗୋପାଲ ବିଜ୍ଞପ୍ତି ଜାରି କରି କହିଛନ୍ତି ଯେ, ଓଡ଼ିଶା ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ବନ୍ଦିତା ପରିଡ଼ାଙ୍କୁ ନିଯୁକ୍ତି ଦିଆଯାଇଛି । ଏଥି ସହିତ ଅରୁଣାଚଳ ପ୍ରଦେଶ ପାଇଁ ମାରିନା କେଙ୍ଗଲାଙ୍ଗ ଓ ହରିୟାଣା ଲାଗି ସୁଧା ଭରଦ୍ୱାଜଙ୍କୁ ରାଜ୍ୟ ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି ।

# ଦିନକରେ ୧୭୪ କରୋନା ସଂକ୍ରମିତ ଚିହ୍ନଟ

ବାଲେଶ୍ୱର,୨୩/୦୬ (ନି.ପ୍ର): ଦୀର୍ଘଦିନ ପରେ ବାଲେଶ୍ୱର ଜିଲାରେ ସଂକ୍ରମଣ ହାର୨ଶହରୁ ନିମ୍ନକୁ ଆସିବା ଜିଲାବାସୀଙ୍କୁ କିଛିଟା ଆଶ୍ୱସ୍ତି ଦେଇଛି । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୭୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ଟୁଲଙ୍କସାହିରୁ ୩ଜଣ, ସୁନହଟରୁ ୨, ପୁରୁଣା ବାଲେଶ୍ୱରରୁ ୨, ଅଙ୍ଗାରଗଡ଼ିଆରୁ ୨, ଅରଡ଼ବଜାରରୁ ୨ଜଣଙ୍କ ସମେତ ଭୋଇସାହି, ବ୍ଲକ କଲୋନି, ଗୋପାଳଗାଁ, ଆଇଟିଆଇ ଛକ, ମାନସିଂବଜାର, ମଠସାହି, ପାତ୍ରପଡ଼ା, ପୁଲିସ କଲୋନି, ପୁଲିସ ଲାଇନ, ସହଦେବଖୁଣ୍ଟା ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି । ସେହିଭଳି ବାହାନଗା ବ୍ଲକରୁ ୭ଜଣ, ବାଲିଆପାଳରୁ ୧୧, ବସ୍ତାରୁ ୨୯, ଜଳେଶ୍ୱରରୁ ୪, ନୀଳଗିରିରୁ ୨୧, ଔପଦାରୁ ୩୪, ରେମୁଣାରୁ ୨୦, ସଦରରୁ ୫, ସିମୁଳିଆରୁ ୧୧ ଓ ସୋର ବ୍ଲକରୁ ୯ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୧,୫୦୦ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୩୧୮ଜଣ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ଜିଲାରେ ମୋଟ ୨୮,୮୨୬ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି । ଏବେ ସକ୍ରିୟ ଥିବା ୨,୫୪୪ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୨,୪୧୦ଜଣ ଗୃହ ସଙ୍ଗରୋଧରେ ଏବଂ ୧୩୪ଜଣ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଗତ ୨ଦିନ ଧରି ଜିଲାରେ ଚାଲିଥିବା ସାମୂହିକ ଟିକାକରଣ ଅଭିଯାନର ତୃତୀୟ ଦିନରେ ଆଜି ୫୨ ଗୋଟି କେନ୍ଦ୍ରରେ ୧୩,୦୪୧ ଜଣ ଟିକା ନେଇଥିବା ଜଣାପଡ଼ିଛି । ଏବେ ସୁଦ୍ଧା ବାଲେଶ୍ୱର ଜିଲାର ମୋଟ ୫,୮୮,୩୭୫ଜଣଙ୍କୁ ଟିକା ପ୍ରଦାନ କରାଯାଇଥିବା ବେଳେ ୪,୭୮,୨୨୮ଜଣ ପ୍ରଥମ ପାନ ଓ ୧,୧୦,୧୪୭ଜଣ ଦ୍ୱିତୀୟ ପାନ ଟିକା ନେଇଛନ୍ତି । ଏଥିରେ ୬୦ବର୍ଷରୁ ଉର୍ଦ୍ଧ୍ୱ ୧,୮୮,୬୮୧ଜଣ, ୪୫ରୁ ୬୦ବର୍ଷ ମଧ୍ୟରେ ୨,୨୭,୭୪୬ଜଣ ଓ ୧୮ରୁ ୪୪ବର୍ଷ ମଧ୍ୟରେ ୬୧,୭୭୬ଜଣ ଟିକା ନେଇଥିବା ସରକାରୀ ସୂଚନା ଦିଆଯାଇଛି ।

## ବାଲିଆପାଳବ୍ଲକ ବିଜୁ ଯୁବବାହିନୀର ପୂର୍ବତନ କୋଡିନେଟର କରୋନାରେ



ବାଲିଆପାଳ,୨୩/୦୬ (ନି.ପ୍ର): ବାଲିଆପାଳ ବ୍ଲକ ବିଜୁ ଯୁବ ବାହିନୀର ପୂର୍ବତନ କୋଡିନେଟର ଶୁଭଲକ୍ଷ୍ମୀ ଜେନା(୩୫)ଙ୍କର ଆଜି କରୋନାରେ ମୃତ୍ୟୁ ହୋଇଛି । ଜାମକୁଣ୍ଡା ପଞ୍ଚାୟତ ପାଳଜାମକୁଣ୍ଡା ଗ୍ରାମର ସୁଜୟ ଜେନାଙ୍କ ସେ ଧର୍ମପତ୍ନୀ ଅଟନ୍ତି । କିଛିଦିନ ତଳେ ତାଙ୍କୁ ଜ୍ୱର ହୋଇଥିଲା ପରୀକ୍ଷାପରେ ତାଙ୍କୁ କରୋନା ପଜଟିଭ ଚିହ୍ନଟ ହୋଇଥିଲା । ଅବସ୍ଥା ଗୁରୁତର ହେବାରୁ ଚାରିଦିନ ତଳେ ତାଙ୍କୁ ବାଲେଶ୍ୱର ଜ୍ୟୋତି କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି । ଶ୍ରୀମତୀ ଜେନା ଗତ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବାଲିଆପାଳ ବ୍ଲକ ବିଜୁ ଯୁବବାହିନୀର କୋଡିନେଟର ଭାବେ କାର୍ଯ୍ୟକରୁଥିଲେ । ପରେ ବସ୍ତା ବ୍ଲକରେ ବିପିସି ଭାବେ କାର୍ଯ୍ୟକରୁଥିଲେ । ତାଙ୍କର ଜଣେ ଆଠବର୍ଷର ଝିଅ ରହିଛି । ତାଙ୍କ ମୃତ୍ୟୁ ଖବର ପାଇ ବାଲିଆପାଳ ଅଞ୍ଚଳର ଶୋକର ଛାୟା ଖେଳିଯାଇଛି ।

# କରୋନା ସଂକ୍ରମଣ ଲୋପ ପାଇଁ 'ଅଟଳ ଯୁବଶକ୍ତି'ର ସମୂହ ପ୍ରାର୍ଥନା

ବାଲେଶ୍ୱର,୨୩/୦୬ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ ଅଟଳ ଯୁବ ଶକ୍ତି ପକ୍ଷରୁ କରୋନା ସଂକ୍ରମଣ ଲୋପ ପାଇଁ ସାମୂହିକ ପ୍ରାର୍ଥନା ସଭା ଫକୀର ମୋହନ ନଗରସ୍ଥିତ ଗୀତା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ବିକାଶ ପାଢ଼ୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତ୍ୟଜିତ ମିଶ୍ର, ସୁଜିତ ଦେବ, ବିଜୟ ପାଣିଗ୍ରାହୀ, ଜ୍ଞାନରଞ୍ଜନ ଦାସ, ରବିନାରାୟଣ ମହାପାତ୍ର, ଦୁକୁଲ ଘଡେଇ, ସିପ୍ରା ବାଜପେୟୀ, ଚନ୍ଦ୍ରଶେଖର ନନ୍ଦ, ଗଙ୍ଗାଧର ରାଉତ, ଉମାକାନ୍ତ ଶତପଥୀ ପ୍ରମୁଖ ଯୋଗଦେଇ ପ୍ରାର୍ଥନା କରିଥିଲେ । ଏଥି ସହିତ ସରକାରଙ୍କ କୋଭିଡ ମାର୍ଗଦର୍ଶିକା ପାଳନ ସହ ସମସ୍ତେ ଟିକା ନେବା, ଘରୁ ଅନ୍ୟଥା ବାହାରକୁ ନ ବାହାରିବା ପାଇଁ ସେମାନେ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ । ବାଲେଶ୍ୱର ସହର ତଥା ଆଖାପାଖ ଅଞ୍ଚଳର ଶତାଧିକ ବ୍ରାହ୍ମଣ ଏଥିରେ ଯୋଗଦେଇ ବିଶ୍ୱଶାନ୍ତି ସ୍ତୁତି ପାଠ ସହିତ ସର୍ବକଲ୍ୟାଣ ମଙ୍ଗଳ କାମନା କରିଥିଲେ । ଅରୁପ ଜେନା, ମଣ୍ମୟ ଦାସ, ସଞ୍ଜୀବ ପ୍ରଧାନ, ଶ୍ରୀୟା ଦାସ, ସବିତା ପାଣିଗ୍ରାହୀ, ମଧୁଶ୍ରୀ ମିଶ୍ର ପ୍ରମୁଖ ଅଟଳ ଯୁବ ଶକ୍ତି ସଂଗଠନର କର୍ମକର୍ତ୍ତାମାନେ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା କରାଇ ଦେବା ନାମରେ ଠକେଇ : ମହିଳା ଅଟକ

ଜଳେଶ୍ୱର ୨୩/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଅଂଚଳରେ ଲୋକମାନଙ୍କୁ ଲୋନ୍ କରାଇଦେବା ନାମରେ ଠକେଇ ଅଭିଯୋଗ ହୋଇଛି । ଆଜି ବସ୍ତା ଥାନା ଅନ୍ତର୍ଗତ ଭୋଲୋରା ଗ୍ରାମର ମୁକ୍ତାମଣି ଜେନା ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ୫୦ହଜାର ଟଙ୍କା ଲୋନ କରାଇଦେବା ନାମରେ ପ୍ରତି ଲୋକଙ୍କ ଠାରୁ ୩ଶହରୁ ୬ଶହ ଟଙ୍କା ପର୍ଯ୍ୟନ୍ତ ଠକେଇ କରୁଥିବା ଜଣାଯାଇଛି । ମାଳିପାଳ ଗ୍ରାମରେ ପହଞ୍ଚି ତାଙ୍କର ଜଣେ ସହଯୋଗୀଙ୍କ ସହିତ ବିଭିନ୍ନ ଲୋକଙ୍କ ଭେଟି ଲୋନ କରାଇଦେବା କହି ଟଙ୍କା ନେଇଥିଲେ । ଏ ସମ୍ପର୍କରେ ଜାଣିପାରି ଗ୍ରାମବାସୀ ତାଙ୍କୁ ଗ୍ରାମର ଶିବ ମନ୍ଦିରରେ ଅଟକ ରଖାଯିବା ସହିତ ପୋଲିସ୍‌କୁ ଖବର ଦେଇଥିଲେ । ଏ ସମ୍ପର୍କରେ ମୁକ୍ତମଣୀଙ୍କ ସହ ଯୋଗାଯୋଗ କରିବାରୁ ସେ ଏହା କାହାଠାରୁ ଜୋରଜବରଦସ୍ତ ଆଦାୟ କରୁନାହାନ୍ତି । ତାଙ୍କର ଜଣେ ବାଲେଶ୍ୱରର ଜଗନ୍ନାଥପୁର ଅଂଚଳର ତପନ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ଏପରି କାର୍ଯ୍ୟ କରୁଥିବା କହିଛନ୍ତି । ତାଙ୍କ ନିକଟରୁ ଜବତ୍ ହୋଇ ମିଳିଥିବା କାଗଜପତ୍ରରୁ ସେ ଜଳେଶ୍ୱର ବ୍ଲକର ଜଳେଶ୍ୱର ସହର, ସେକ୍‌ବାର୍ଡ, ଓଲମରା, ମାଗୁଣିଆପଡା, ମାଳିପାଳ ଗ୍ରାମର ବହୁ ଲୋକଙ୍କ ଠାରୁ ଅର୍ଥ ଆଦାୟ କରିଥିବା ଜଣାଯାଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ରାଇବଣିଆ ପୋଲିସ୍ ପହଞ୍ଚିନଥିବା ଜଣାଯାଇଛି ।

# ମଣିପାଟଣା ଗାଁକୁ ରାସ୍ତା ନିର୍ମାଣରେ ରାଜନୀତିକରଣ ନହେଉ

## ଗ୍ରାମବାସୀଙ୍କ ପକ୍ଷରୁ ସମ୍ବାଦଦାତା ସମ୍ମିଳନୀ



ଜଳେଶ୍ୱର ୨୩/୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟିର ୧୬ନଂ ୱାର୍ଡ ହରିଜନସାହି ମଣିପାଟଣା ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣକୁ ନେଇ ବିବାଦ ଦେଖା ଦେଇଛି । ଗାଁକୁ ରାସ୍ତା ନ ଥିବା ସଂପର୍କରେ ଗଣମାଧ୍ୟମରେ ବାରମ୍ବାର ପ୍ରସାରଣ ପରେ ପ୍ରଶାସନ ଚେଇଁ ଉଠିଥିଲା । ମ୍ୟୁନିସିପାଲଟି ପକ୍ଷରୁ ଏକ୍ସନପ୍ଲାନ ଅନୁଯାଇ ୧୦ଲକ୍ଷ ଟଙ୍କା ମଂଜୁର କରାଯାଇ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା । ଏହି ରାସ୍ତାଲାଗି ବିଧାୟକ ହାତପାଣ୍ଠିରୁ ୪.୫ ଲକ୍ଷ ଟଙ୍କା ମଂଜୁର ହୋଇଛି । ତାହା ଅଦ୍ୟବଧି କାର୍ଯ୍ୟରେ ଲାଗି ନାହିଁ । ଏହି ରାସ୍ତା ନିର୍ମାଣ ବେଳେ ବିଧାୟକ ଶିଳାନ୍ୟାସ କରିଥିବା ବେଳେ ଜମିମାଲିକ ମାନଙ୍କ ସହିତ କଥା ନ ହେବା ଓ ବିଧାୟକ ଉକ୍ତ ରାସ୍ତା ନିର୍ମାଣରେ ସମସ୍ତ ଅର୍ଥ ପ୍ରଦାନ କରୁଛନ୍ତି ବୋଲି ମିଛ ପ୍ରଚାରକୁ ଜମି ହରାଉଥିବା ଜମିମାଲିକମାନେ ବିରୋଧ କରିଛନ୍ତି । ଏପରିକି ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବିଧାୟକଙ୍କ କୌଣସି ଭୂମିକା ନ ଥିବା ସଂପର୍କରେ ଆଜି ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ସମ୍ବାଦଦାତା ସମ୍ମିଳନୀରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି । ଯଦି ପୌରପରିଷଦ ପକ୍ଷରୁ ଜମିମାଲିକ ମାନଙ୍କ ସହିତ ଆପୋଷ ଆଲୋଚନା କରାନଯାଏ ତେବେ ଆସନ୍ତା ଦିନରେ ରାସ୍ତା ନିର୍ମାଣକୁ ବିରୋଧ କରାଯିବ ବୋଲି ପୂର୍ବତନ କାଉନ୍‌ସିଲ କାଦମ୍ବିନୀ ରାୟ, ସଂଜିତ କୁମାର ରାୟ, ରମେଶ ଚନ୍ଦ୍ର ଦେ, ରତ୍ନାକର ସିଂ, ଶରତ କୁମାର ସିଂ, ବିକ୍ରମା ଦିତ୍ୟ ସିଂ, ଶଶିଭୂଷଣ ପାତ୍ର, ଗଂଗାଧର ପାତ୍ର, ବିଷ୍ଣୁ ମୋହନ ପାତ୍ର, ସୁଜିତ୍ ଦେ, ତାରାମଣି ପାତ୍ର, ଦିବାକର ସିଂ, ଅତୁଲ ଜେନା, ଉତ୍ତମ ଜେନା, ପ୍ରଶାନ୍ତ ଜେନା, ସୁଶାନ୍ତ ଜେନା, ରବିନ୍ଦ୍ର ଜେନା ପ୍ରମୁଖ ବହୁ ବ୍ୟକ୍ତି ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ ପୌରଅଧିକାରୀ ଅଜୟ କୁମାର ମହାପାତ୍ର ମ୍ୟୁନିସିପାଲଟି ପକ୍ଷରୁ ପ୍ରଦାନ କରାଯାଇଥିବା ୧୦ ଲକ୍ଷ ଟଙ୍କା କାମ ସରିଛି ଓ ବିଧାୟକଙ୍କ ହାତପାଣ୍ଠି ଅର୍ଥ ଆସିଲେ ତାହା କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ । ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଲେ ଏହି ଗାଁର ଉନ୍ନତି ଲାଗି ସେ ଚେଷ୍ଟା ଜାରି ରଖିଛନ୍ତି । ୩୦ଲକ୍ଷ ଟଙ୍କାର ଅନ୍ୟଏକ ଅନୁଦାନ ଲାଗି ଗତ ଜାନୁଆରୀ ମାସରେ ସରକାରଙ୍କୁ ପତ୍ର ଲେଖିଛନ୍ତି । ଯଦି ତାହା ଆସେ ତେବେ ଏହି ୩ କି.ମି. ରାସ୍ତାର ପୂର୍ଣ୍ଣାଙ୍ଗୀ କରଣ ହୋଇ ପାରିବ ବୋଲି କହିଛନ୍ତି ।

# ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ କେବେ ବି ବ୍ୟର୍ଥ ଯିବନି : ସମୀର ମହାନ୍ତି

ଭୁବନେଶ୍ୱର,୨୩/୦୬(ନି.ପ୍ର): ସ୍ୱର୍ଗତଃ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୬୮ତମ ପୂଣ୍ୟତିଥୀ ଅବସରରେ ବୁଧବାର ବିଜେପି ନେତୃବୃନ୍ଦ ସତ୍‌ସଙ୍ଗ ବିହାରସ୍ଥିତ ଡ. ଶ୍ୟାମ ପ୍ରସାଦ ମୁଖାର୍ଜୀ ପାର୍କରେ ଥିବା ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିବା ସହ ତାଙ୍କ ବଳିଦାନ ବ୍ୟର୍ଥ ଯିବନି ବୋଲି ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି କହିଛନ୍ତି । ସ୍ୱର୍ଗତଃ ଡ. ଶ୍ୟାମ ପ୍ରସାଦ ମୁଖାର୍ଜୀ ହେଉଛନ୍ତି ବିଜେପି ବିଚାରଧାରା ଏବଂ ରାଜନୈତିକ ଆନ୍ଦୋଳନର ପ୍ରଣେତା । ୧୯୫୨ ମସିହାରେ ସ୍ୱର୍ଗତଃ ମୁଖାର୍ଜୀଙ୍କ ନେତୃତ୍ୱରେ 'ଭାରତୀୟ ଜନସଂଘ' ପ୍ରତିଷ୍ଠା ହୋଇଥିଲା ଯାହା ପରବର୍ତୀ ଅବସ୍ଥାରେ 'ଭାରତୀୟ ଜନତା ପାର୍ଟି' ଭଳି ବଡ ବଟ ବୃକ୍ଷ ଭାବେ ରୂପ ନେଇଛି । ତାଙ୍କ ବିଚାରଧାରାକୁ ନେଇ ଆଜି ବିଜେପି ଦେଶବାସୀଙ୍କ ସେବା କରୁଛି । ସ୍ୱର୍ଗତଃ ମୁଖାର୍ଜୀ ଜଣେ ଦୂରଦ୍ରଷ୍ଟା ଥିଲେ । ଦେଶର ବିକାଶ, ଅର୍ଥନୀତିର ବିକାଶ, ସମାଜିକ ନୀତି ଏବଂ ଦେଶର ରାଷ୍ଟ୍ରୀୟ ସୁରକ୍ଷାନୀତି କିଭଳି ହେବ ସେନେଇ ସେ ସର୍ବଦା କାର୍ଯ୍ୟକରୁଥିଲେ । ମାଲ୍ୟାର୍ପଣ ଅହସରରେ ରାଜ୍ୟ ସାଧାରଣ ସଂପାଦକ ସଙ୍ଗଠନ ମାନସ ମହାନ୍ତି,ରାଜ୍ୟ ମୁଖପାତ୍ର ଠାକୁର ରଂଜିତ ଦାସ ଓ ବିରଂଚି ତ୍ରିପାଠୀ, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନଙ୍କ ସମେତ ଦଳୀୟ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଜଂଳି ଅର୍ପଣ କରିଥିଲେ । ବଳିଦାନ ଦିବସକୁ ରାଜ୍ୟ କାର୍ଯ୍ୟାଳୟରେ ପାଳନ କରାଯାଇଥିଲା । ଏହି ଅବସରରେ ବିଜେପି ନେତୃବୃନ୍ଦ ଡ. ଶ୍ୟାମ ପ୍ରସାଦ ମୁଖର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଚାରା ରୋପଣ କରିବା ସହ ସମଗ୍ର ଓଡିସାବାସୀଙ୍କୁ ବୃକ୍ଷ ରୋପଣ କରି ସବୁଜ ଓଡିଶା ନିର୍ମାଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବରିଷ୍ଠ ନେତା ସଜ୍ଜନ ଶର୍ମା, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଜଂଳି ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo